


# ଓଡ଼ିଶା ନିଶବ୍ଦ

ନିର୍ଭିକ ଓ ନିରପେକ୍ଷ ଖବର

ODISHA NISHABDA

epaper.odishanishabda.com

ORORI/26/A4490

ODISHA NISHABDA LIVE ଓଡ଼ିଶା ନିଶବ୍ଦ

Follow Us: odishanishabda

odishanishabda

www.odishanishabda.com

epaper.odishanishabda.com

Vol–1 ■ Issue–11 ■ 10-16th Sept. 2026 ■ Weekly ■ Bhubaneswar ■ Page–8 ■ Price–5.00 ■ ବର୍ଷ–୧ ■ ସଂଖ୍ୟା–୧୧ ■ ୧୦-୧୬ ସେପ୍ଟେମ୍ବର ୨୦୨୬ ■ ସାପ୍ତାହିକ ■ ଭୁବନେଶ୍ୱର ■ ପୃଷ୍ଠା–୮ ■ ମୂଲ୍ୟ-୫.୦୦


### କ୍ୟାବିନେଟ୍‌ରେ ୧୮ ପ୍ରସ୍ତାବ ପାରିତ

# ବିଜୁଳି ଭିତ୍ତିଭୂମି ପାଇଁ ୧୬ହଜାର କୋଟି



**ଭୁବନେଶ୍ୱର:** ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ୧୫,୯୪୮.୭୦ କୋଟି ଟଙ୍କା ପୁଞ୍ଜିନିବେଶ କରିବେ। ଶକ୍ତି କ୍ଷେତ୍ରରେ ଏହା ସର୍ବବୃହତ୍ ପୁଞ୍ଜିନିବେଶ ହେବ। ଏହା ଦ୍ୱାରା ରାଜ୍ୟର ଦୀର୍ଘମିଆଦି ଅର୍ଥନୈତିକ ଓ ନିରନ୍ତର ବିକାଶ ପାଇଁ ଶକ୍ତିଶାଳୀ ଓ ନିର୍ଭରଯୋଗ୍ୟ ଟ୍ରାନ୍ସମିସନ୍ ନେଟ୍‌ୱର୍କ ଗଠନ ଦିଗରେ ସହାୟକ ହେବ ବୋଲି ସରକାର ଆଶା ରଖିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ଏ ସଂକ୍ରାନ୍ତୀୟ ପ୍ରସ୍ତାବ ପାରିତ ହୋଇଛି।

ଲୋକସେବା ଭବନରେ ବସିଥିବା ଏହି ବୈଠକରେ ୧୨ଟି ବିଭାଗର ୧୮ ପ୍ରସ୍ତାବ ପାରିତ ହୋଇଥିଲା। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ବିଜୁଳି ଭିତ୍ତିଭୂମି ପ୍ରସ୍ତାବରେ ଥିବା ବ୍ୟବସ୍ଥା ଅନୁଯାୟୀ ସରକାର ପ୍ରଥମ ଥର ପାଇଁ ୭୬୫ କେଭି ଟ୍ରାନ୍ସମିସନ୍ ନେଟ୍‌ୱର୍କ ସ୍ଥାପନ କରିବେ। ଶିଳ୍ପ ଅଭିବୃଦ୍ଧି ଓ ଘରୋଇ ଚାହିଦା ମଧ୍ୟରେ ସମନ୍ୱୟ ପାଇଁ ଖୁଣ୍ଟୁଣି, ତୁବୁରି ଓ କୋଲାବିରାଠାରେ ତିନିଟି ନୂଆ ୭୬୫ କେଭି ଗ୍ରିଡ୍ ସବ୍‌ଷ୍ଟେସନ୍ ସ୍ଥାପନ କରାଯିବ। ବର୍ତ୍ତମାନ ଓଡ଼ିଶାରେ ୫ଟି ୪୦୦ କେଭି ଗ୍ରିଡ୍ ସବ୍‌ଷ୍ଟେସନ କାର୍ଯ୍ୟକ୍ଷମ ଥିବା ବେଳେ ୬ଟି ନିର୍ମାଣାଧୀନ ଅଛି।

କାଂସବାହାଲ ଓ ଟିଟିଲାଗଡ଼ରେ ଆଉ ଦୁଇଟି ଗ୍ରିଡ୍ ସବ୍‌ଷ୍ଟେସନ୍ ଅନୁମୋଦନ ହେବା ଫଳରେ ଓଡ଼ିଶାରେ ମୋଟ ୪୦୦ କେଭି ଗ୍ରିଡ୍ ସବ୍‌ଷ୍ଟେସନ୍ ସଂଖ୍ୟା ୫ରୁ ବୃଦ୍ଧି ପାଇ ୧୩ରେ ପହଞ୍ଚିବ। ସେହିପରି ୨୦୨୪ ସୁଦ୍ଧା ଓଡ଼ିଶାରେ ୪୮ଟି ୨୨୦ କେଭି ଗ୍ରିଡ୍ ସବ୍‌ଷ୍ଟେସନ୍ ଥିବା ବେଳେ ବିଗତ ଦୁଇ ବର୍ଷ ମଧ୍ୟରେ ୬ଟି ନୂଆ ୨୨୦ କେଭି ଗ୍ରିଡ୍ ସବ୍‌ଷ୍ଟେସନ୍ କାର୍ଯ୍ୟକ୍ଷମ ହୋଇଛି ଏବଂ ଆଉ ୧୧ଟି ନିର୍ମାଣାଧୀନ ଅଛି। କ୍ୟାବିନେଟ୍‌ରେ ଆଉ ୧୦ଟି ଗ୍ରିଡ୍ ସବ୍‌ଷ୍ଟେସନ୍ ଅନୁମୋଦନ ହେବା ଫଳରେ ଏହି ସଂଖ୍ୟା ୪୮ରୁ ବୃଦ୍ଧି ପାଇଁ ୭୫ ହେବ। ଏହା ଫଳରେ ରାଉରକେଲା, ସମ୍ବଲପୁର ଓ ବରଗଡ଼ରେ ୨୨୦ କେଭି ରିଂ ନେଟ୍‌ୱର୍କ କାର୍ଯ୍ୟକ୍ଷମ ହୋଇପାରିବ। ବର୍ଦ୍ଧିତ ବିଦ୍ୟୁତ୍ ଚାହିଦା ପୂରଣ ପାଇଁ ୭୯ଟି ସବ୍‌ଷ୍ଟେସନ୍ ଆଧୁନିକୀକରଣ କରାଯିବ। ଓପିଟିସିଏଲ୍ ନିଜର ଟ୍ରାନ୍ସଫର୍ମେସନ୍ କ୍ଷମତାକୁ ୨୯,୮୮୯ ଏମ୍‌ଭିଏରୁ ୬୩,୩୬୪ ଏମ୍‌ଭିଏକୁ ବୃଦ୍ଧି କରିବ। ହୀରାକୁଦ ଓ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଭାସମାନ ସୌର ପ୍ରକଳ୍ପ ଏବଂ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଭୂମିଭିତ୍ତିକ ସୌର ପ୍ରକଳ୍ପଗୁଡ଼ିକରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ଉପଯୁକ୍ତ ନେଟ୍‌ୱର୍କ ସୃଷ୍ଟି ହେବ। ଓପିଟିସିଏଲ୍ ନେଟ୍‌ୱର୍କକୁ ରିମୋଟ୍ ପରିଚାଳନା ମାଧ୍ୟମରେ ନିୟନ୍ତ୍ରଣ କରାଯିବ। ଏହା ଭୁବନେଶ୍ୱର, ବ୍ରହ୍ମପୁର, ଝାରସୁଗୁଡ଼ା ଓ ବାଲେଶ୍ୱରସ୍ଥିତ ଚାରିଟି ନିୟନ୍ତ୍ରଣ କେନ୍ଦ୍ରରୁ ପରିଚାଳିତ ହେବ।

- ପଞ୍ଚସଖା ଶିକ୍ଷାସେତୁ ଯୋଜନା ପାଇଁ ୩୧୩ କୋଟି
- ଓଡ଼ିଶା ଜନ ବିଶ୍ୱାସ ବିଲ୍, ୨୦୨୬ ପାରିତ

'ପଞ୍ଚସଖା ଶିକ୍ଷାସେତୁ ଯୋଜନା'ରେ ରାଜ୍ୟ ସରକାର ପାଞ୍ଚ ବର୍ଷରେ ୩୧୨.୯୬ କୋଟି ଟଙ୍କା ଖର୍ଚ୍ଚ କରିବେ। ଏ ସଂକ୍ରାନ୍ତୀୟ ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି। ଏହି ଯୋଜନାରେ ବିଦ୍ୟାଳୟର ବିକାଶ ପାଇଁ ଜଣେ ବ୍ୟକ୍ତି ବା ଅନୁଷ୍ଠାନ ଯେତିକି ଅନୁଦାନ ପ୍ରଦାନ କରିବେ, ସରକାର ତାହାର ଦୁଇ ଗୁଣ କିମ୍ବା ସର୍ବାଧିକ ୫୦ ଲକ୍ଷ ଟଙ୍କା ଅନୁଦାନ ଦେବେ। ୨୦୨୪ ଡିସେମ୍ବରରୁ ୨୦୨୯ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ପାଞ୍ଚ ବର୍ଷର ଅବଧି ମଧ୍ୟରେ ୩୧୨.୯୬ କୋଟି ଟଙ୍କା ଖର୍ଚ୍ଚ କରାଯିବ।

'ଓଡ଼ିଶା ଜନବିଶ୍ୱାସ ବିଲ୍, ୨୦୨୬' ଆଜି କ୍ୟାବିନେଟ୍‌ରେ ପାରିତ ହୋଇଛି। ଏହି ବିଲ୍ ମାଧ୍ୟମରେ ଲାଇସେନ୍ସିଂ ଓ ଅନୁମତି ଆବଶ୍ୟକତାକୁ ସରଳ କରିବା, ଦ୍ୱୈତ ଅନୁମୋଦନଗୁଡ଼ିକୁ ଦୂର କରିବା, ଶିଳ୍ପ ଲାଇସେନ୍ସ ଓ ପଞ୍ଜୀକରଣ ପାଇଁ ବେ ?ଧତା ଅବଧି ବୃଦ୍ଧି ବ୍ୟବସ୍ଥା ପ୍ରଚଳନ କରିବାକୁ ଲକ୍ଷ୍ୟ ରଖାଯାଇଛି। ୧୧ଟି ସରକାରୀ ବିଭାଗ ଦ୍ୱାରା ପରିଚାଳିତ ୧୬ଟି ରାଜ୍ୟ ଆଇନରେ ୬୨ଟି ବ୍ୟବସ୍ଥାରେ ସଂଶୋଧନ ପ୍ରସ୍ତାବ ରହିଛି। ବ୍ୟବସ୍ଥାଗତ ଛୋଟ ଛୋଟ ବେ ?ଷୟିକ ଓ ପ୍ରକ୍ରିୟାଗତ ତ୍ରୁଟିକୁ ଯୁକ୍ତିସଂଗତ କରିବା ପାଇଁ ୧୧ଟି ଆଇନରେ ୩୫ଟି ସଂଶୋଧନ କରାଯାଇଛି। ଲାଇସେନ୍ସିଂ ଓ ନିୟାମକ ଆବଶ୍ୟକତାକୁ ସହଜ କରିବା ପାଇଁ ୫ଟି ଆଇନରେ ୨୭ ସଂଶୋଧନ କରାଯାଇଛି। ପ୍ରସ୍ତାବିତ ସଂସ୍କାରଗୁଡ଼ିକ ମକଦ୍ଦମା ଓ ପ୍ରକ୍ରିୟାଗତ ବିଳମ୍ବକୁ ହ୍ରାସ କରବା ସହ ନାଗରିକ ଓ ନିବେଶକମାନଙ୍କ ବିଶ୍ୱାସକୁ ସୁଦୃଢ଼ କରିବ ବୋଲି ସରକାର ଆଶା ରଖିଛନ୍ତି।

### ସୁପ୍ରିମକୋର୍ଟରେ ଓଡ଼ିଶା ପୁଲିସ ମୁଖିଆ ବିବାଦ

# ଡିଜିପି ଚୟନ ମାମଲାରେ ନୂଆ ମୋଡ଼




**ନୂଆଦିଲ୍ଲୀ :** ଓଡ଼ିଶା ପୁଲିସର ପରବର୍ତ୍ତୀ ଡିଜିପି ଚୟନ ବିବାଦକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ମାମଲାରେ ଆଜି ନୂଆମୋଡ଼ ଆସିଛି। ବରିଷ୍ଠ ଓଡ଼ିଆ ଆଇପିଏସ୍ ତଥା ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ଏହି ମାମଲାରେ ଏକ ଇଣ୍ଟରଭେନସନ୍ ଆବେଦନ (ଆଇଏ) ଦାଖଲ କରି କୋର୍ଟରେ ନିଜ ପକ୍ଷ ରଖିଛନ୍ତି। ଆଜି ମାମଲାର ଶୁଣାଣି ବେଳେ ସୁଶାନ୍ତ ନାଥଙ୍କ ପକ୍ଷରୁ ତାଙ୍କ ଓକିଲ କୋର୍ଟରେ ଯୁକ୍ତି ରଖି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇବା ସହ ସରକାରଙ୍କ ଆଭିମୁଖ୍ୟକୁ ଚ୍ୟାଲେଞ୍ଜ କରିଛନ୍ତି । ସୁପ୍ରିମକୋର୍ଟ ଆଜି ସୁଶାନ୍ତ ନାଥଙ୍କ ପକ୍ଷ ଶୁଣିବା ସହ ପରବର୍ତ୍ତୀ ଶୁଣାଣି ଆସନ୍ତା ୨୨ ତାରିଖକୁ ଧାର୍ଯ୍ୟ କରିଛନ୍ତି ।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି.ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଏହି ମାମଲାର ଶୁଣାଣି ଆରମ୍ଭ ହେବା ମାତ୍ରେ ସୁଶାନ୍ତ ନାଥ ନିଜ ଓକିଲଙ୍କ ମାଧ୍ୟମରେ ପକ୍ଷଭୁକ୍ତ ହେବାକୁ କୋର୍ଟଙ୍କ ଅନୁମତି ଲୋଡ଼ିଥିଲେ। ସେ ଦାଖଲ କରିଥିବା ଆଇଏ ଉପରେ ବିଚାର କରିବା ସହ ପକ୍ଷ ରଖିବାକୁ ଖଣ୍ଡପୀଠ ତାଙ୍କୁ ସୁଯୋଗ ଦେଇଥିଲେ। ଆଇପିଏସ୍ ସୁଶାନ୍ତ ନାଥ ତାଙ୍କ ଓକିଲ ମାଧ୍ୟମରେ ଆଜି ସୁପ୍ରିମକୋର୍ଟରେ ଯୁକ୍ତି ଉପସ୍ଥାପନ କରି କହିଥିଲେ ଯେ ସେ ଜଣେ ଡିଜି ପାହ୍ୟାର ବରିଷ୍ଠ ଅଫିସର ଓ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୟୁପିଏସସିକୁ ପଠାଇଥିବା ତିନିଜଣିଆ ତାଲିକାରେ ତାଙ୍କ ନାମ ପ୍ରଥମରୁ ସାମିଲ ଥିଲା। କିନ୍ତୁ ବିନା କୌଣସି ପୂର୍ବ ସୂଚନାରେ ତାଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ପ୍ରତ୍ୟାହାର କରାଯାଇଥିବା ନେଇ ସେ କେବଳ ଖବରକାଗଜରୁ ହିଁ ଜାଣିବାକୁ ପାଇଥିଲେ। ତାଙ୍କ ନାମକୁ ଅଟକାଇ ଅନ୍ୟମାନଙ୍କୁ ଆଗକୁ ନିଆଯାଇଥିବା ବେଳେ ତାଙ୍କର ଦୀର୍ଘ ୩୨ ବର୍ଷର ଦାଗହୀନ କ୍ୟାରିୟର, ସଫଳ ସେବା ରେକର୍ଡ ଓ ରାଷ୍ଟ୍ରପତି ପଦକ ପାଇଥିବା ବିଷୟକୁ ଅଣଦେଖା କରାଯାଇଛି। ସେଥିପାଇଁ ପିଆଇଏଲ୍ ସମ୍ପର୍କିତ ସମସ୍ତ କାଗଜପତ୍ର ତାଙ୍କୁ ପ୍ରଦାନ କରିବା ଓ ତାଙ୍କୁ ନିଜ ପକ୍ଷ ରଖିବାକୁ ସୁଯୋଗ ଦେବା ଲାଗି ସେ ଅନୁରୋଧ କରିଥିଲେ। ଖଣ୍ଡପୀଠ ତାଙ୍କର ଯୁକ୍ତି ଶୁଣିବା ସହ ତାଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ ହୋଇ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ସେଥିପାଇଁ ଜନସ୍ୱାର୍ଥ ମାମଲା ଓ ଏହି ମାମଲା ସମ୍ପର୍କିତ ସମସ୍ତ କାଗଜପତ୍ର ତାଙ୍କୁ ପ୍ରଦାନ କରିବାକୁ ତାଙ୍କ ଓକିଲ ନିବେଦନ କରିଥିଲେ। ଏପରିକି ତାଙ୍କର ମାମଲା ଏକ ସ୍ୱତନ୍ତ୍ର କାରଣ ଉପରେ ଆଧାରିତ ହୋଇଥିବାରୁ ଏହାକୁ ଅନ୍ୟ ମାମଲା ସହ ନମିଶାଇ ସ୍ୱତନ୍ତ୍ର ଭାବେ ଶୁଣାଣି କରିବାକୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ଜନସ୍ୱାର୍ଥ ମାମଲାର ଆବେଦନକାରୀ ଜୟନ୍ତ ଦାସଙ୍କ ଓକିଲ ପି ଚିଦାମ୍ବରମ୍ ଅଭିଯୋଗ କରିଥିଲେ ଯେ ଓଡ଼ିଶା ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ତଥା ୟୁପିଏସସି ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀକୁ ସମ୍ପୂର୍ଣ୍ଣ ଭାବେ ଉଲଂଘନ କରାଯାଇଛି । କୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ଏକ ସପ୍ତାହ ମଧ୍ୟରେ ଜବାବ ଦାଖଲ ତଥା କପି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇ ଆସନ୍ତା ୨୨ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଅପ୍ରତ୍ୟାଶିତ ଅନୁରୋଧରେ ପୁଲିସ ଡିଜି ଚୟନ ପାଇଁ ଗତ ଅଗଷ୍ଟ ୭ ତାରିଖର ୟୁପିଏସସି ବୈଠକକୁ ସ୍ଥଗିତ ରହିବା ପରେ ଏହି ସମ୍ବେଦନଶୀଳ ବିବାଦ ସାମ୍ନାକୁ ଆସିଥିଲା । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ଶ୍ରୀ ଚିଦାମ୍ବରମ୍ ମଧ୍ୟ ୨୦୦୬ରେ ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ଐତିହାସିକ ରାୟକୁ ଉଲଂଘନ କରାଯାଇ ଜଣେ ଏଡିଜି ପାହ୍ୟାର ଅଫିସରଙ୍କୁ ରାତାରାତି ପଦୋନ୍ନତି ଦେଇ ଡିଜି ପ୍ୟାନେଲରେ ସାମିଲ ପାଇଁ ବ୍ୟାକଡୋର ପ୍ରୟାସ ଚାଲିଥିବା ଅଭିଯୋଗ କରିଥିଲେ।




# ସେବାର ଅନ୍ୟନାମ ହିମାଂଶୁ

## ଜନସେବାକୁ ଜୀବନର ଲକ୍ଷ୍ୟ କରି ଧର୍ମଶାଳାର ସର୍ବାଙ୍ଗୀନ ବିକାଶ ପାଇଁ ଅଗ୍ରସର ବିଧାୟକ ହିମାଂଶୁ ଶେଖର ସାହୁ

*ଲୋକଙ୍କ ମତ ହିଁ ମୋର ପଥପ୍ରଦର୍ଶକ, ଲୋକଙ୍କ ବିଶ୍ୱାସ ହିଁ ମୋର ଶକ୍ତି। ଅଞ୍ଚଳବାସୀଙ୍କ ପ୍ରତ୍ୟେକ ସମସ୍ୟାକୁ ନିଜର ସମସ୍ୟା ଭାବି, ତାହାର ସମାଧାନ ଓ ଧର୍ମଶାଳାର ସର୍ବାଙ୍ଗୀଣ ବିକାଶ ପାଇଁ ନିଷ୍ଠା, ସ୍ୱଚ୍ଛତା ଓ ଦୃଢ଼ ସଂକଳ୍ପର ସହ ନିରନ୍ତର କାର୍ଯ୍ୟ କରିବା ହିଁ ମୋର ରାଜନୈତିକ ଦାୟିତ୍ୱ...*

*ମୁକେଶ ରାମ, ରିପୋର୍ଟ :*

ଧର୍ମଶାଳାର ରାଜନୈତିକ ଓ ସାମାଜିକ ପରିସରରେ ଏବେ ଏକ ପରିଚିତ ନାମ—ହିମାଂଶୁ ଶେଖର ସାହୁ। ବିଧାୟକ ଭାବେ ତାଙ୍କର ଆନୁଷ୍ଠାନିକ ପରିଚୟ ଥିଲେ ମଧ୍ୟ ଧର୍ମଶାଳାବାସୀଙ୍କ ନିକଟରେ ସେ ଅଧିକ ପରିଚିତ 'ଲିକୁ ଭାଇ' ନାମରେ। ଜନସେବାକୁ ଏକମାତ୍ର ଲକ୍ଷ୍ୟ କରି ଧର୍ମଶାଳାର ସର୍ବାଙ୍ଗୀନ ବିକାଶ ଦିଗରେ ଆଗେଇ ଚାଲିଥିବା ହିମାଂଶୁଙ୍କ କାର୍ଯ୍ୟଧାରା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

'ଆମ ଭୋଜନାଳୟ'–ନାଁଟି ଯେମିତି ଆପଣାପଣିଆ, କାମଟି ମଧ୍ୟ ସେମିତି ମହାନ। ହିମାଂଶୁ ଧର୍ମଶାଳାରେ ଏହି ଭୋଜନାଳୟର ଶୁଭାରମ୍ଭ କରି ସାଧାରଣ ଲୋକ, ଶ୍ରମଜୀବୀ ଭାଇ-ଭଉଣୀ ଓ ଅସହାୟଙ୍କ ପାଇଁ ନିଶୁଳ୍କ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଛନ୍ତି। ରାମ ନବମୀଠାରୁ ଆଜି ପର୍ଯ୍ୟନ୍ତ ପ୍ରତିଦିନ ଶତାଧିକ ଲୋକ ଏଠାରେ ବିନାମୂଲ୍ୟରେ ଭୋଜନ କରି ଉପକୃତ ହେଉଛନ୍ତି।

ଏହା କେବଳ ଏକ ଭୋଜନାଳୟ ନୁହେଁ, ଏହା ମାନବିକତାର ଏକ ନିରବ ଠିକଣା। ଯେଉଁଠି ଭୋକର କୌଣସି ପରିଚୟ ନାହିଁ, ନାହିଁ ଧନୀ-ଗରିବର ଭେଦଭାବ। ଗୋଟିଏ ଥାଳି ଭୋଜନ କେବଳ ପେଟ ଭରେ ନାହିଁ, ଏହା ଜଣେ ମଣିଷକୁ ଦିଏ ଆତ୍ମୀୟତାର ଅନୁଭବ ଓ ବଞ୍ଚିବାର ଆଶା। କାହାରି ଭୋକ ମେଣ୍ଟାଇବା, କାହାରି ମୁହଁରେ ହସ ଫୁଟାଇବାଠାରୁ ବଡ଼ ସେବା ଆଉ କିଛି ନାହିଁ। ହିମାଂଶୁଙ୍କ ଏହି ନିଷ୍ଠା ଓ ସେବା ଆମକୁ ଶିଖାଏ—ମଣିଷ ପାଇଁ ମଣିଷ ହୋଇ ଠିଆ ହେବା ହିଁ ପ୍ରକୃତ ମାନବିକତା। ଏହି ସେବାର ଦୀପ ଆଗାମୀ ଦିନରେ ମଧ୍ୟ ଏମିତି ଜଳୁଥାଉ, ଏବଂ ଅନେକ ଭୋକିଲା ମୁହଁରେ ହସ ଫୁଟାଉ—ଏହାହିଁ 'ଆମ ଭୋଜନାଳୟ'ର ସତ୍ୟ ସଫଳତା। ସତ୍ୟ ଓ ସେବାର ପଥରେ ଚାଲିବାକୁ ନିଜର ମୂଳମନ୍ତ୍ର କରିଥିବା ହିମାଂଶୁ ବିପଦ ସମୟରେ ଲୋକଙ୍କ ପାଖରେ ଠିଆ ହେବା ସହ ଦୁର୍ବଳ ଓ ଅସହାୟ ବର୍ଗଙ୍କ ସହାୟତା ପାଇଁ ଆଗକୁ ଆସିଛନ୍ତି। ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଟ୍ରାଇ-ସାଇକେଲ ପ୍ରଦାନ, ବନ୍ୟା ଓ ବାତ୍ୟା ଭଳି ବିପତ୍ତି ସମୟରେ ଲୋକଙ୍କୁ ସହାୟତା ଯୋଗାଇବା ତାଙ୍କର ଜନସେବାର ଏକ ଉଦାହରଣ ବୋଲି ତାଙ୍କ ସମର୍ଥକମାନେ କହିଛନ୍ତି।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ନିର୍ବାଚନ ସମୟରେ ମଧ୍ୟ ନିଜର କାର୍ଯ୍ୟଦକ୍ଷତା, ସାହସ ଓ ସାଂଗଠନିକ ଭୂମିକା ମାଧ୍ୟମରେ ଭାରତୀୟ ଜନତା ପାର୍ଟିର ସଫଳତାରେ ହିମାଂଶୁଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା । ରାକ୍ଷୀ ପୂର୍ଣ୍ଣିମାର ଏକ ଘଟଣା ମଧ୍ୟ ହିମାଂଶୁଙ୍କ ପ୍ରତି ଲୋକଙ୍କ ଭଲପାଇବାର ଚିତ୍ର ସାମ୍ନାକୁ ଆଣିଥିଲା। ହଜାର ହଜାର ଭଉଣୀ 'ଲିକୁ ଭାଇ'ଙ୍କ ହାତରେ ରାକ୍ଷୀ ବାନ୍ଧିଥିବା ବେଳେ ପରେ ଜଣେ ଭଉଣୀ ନିଜ ପଣତକାନିର କପଡ଼ା ଚିରି ସେଥିରୁ ରାକ୍ଷୀ ପ୍ରସ୍ତୁତ କରି ତାଙ୍କ ହାତରେ ବାନ୍ଧିଥିଲେ। ଘଟଣାଟି ଧର୍ମଶାଳାରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହାକୁ ହିମାଂଶୁଙ୍କ ପ୍ରତି ଲୋକଙ୍କ ଆତ୍ମୀୟତା ଓ ସ୍ନେହର ଏକ ଭାବପୂର୍ଣ୍ଣ ପ୍ରତୀକ ଭାବେ ଦେଖାଯାଇଥିଲା।

### ସେବାରେ ସଫଳତା

ବିପଦ ଆସିଲେ ଲୋକଙ୍କ ପାଖରେ ଠିଆ ହେବା ହିମାଂଶୁଙ୍କ ଜନସେବାର ଏକ ପ୍ରମୁଖ ଦିଗ। ବନ୍ୟା, ବାତ୍ୟା ଭଳି ବିପତ୍ତି ସମୟରେ ସେ ଲୋକଙ୍କୁ ସହାୟତାର ହାତ ବଢ଼ାଇଥିବା ତାଙ୍କ ସମର୍ଥକମାନେ କହିଛନ୍ତି। ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଟ୍ରାଇ-ସାଇକେଲ ପ୍ରଦାନ ମଧ୍ୟ କରାଯାଇଛି। ଧର୍ମଶାଳାର ୫୪ଟି ପଞ୍ଚାୟତର ୩୫ ହଜାରରୁ ଊର୍ଦ୍ଧ୍ୱ ମାଆମାନଙ୍କୁ ପୁରୀ ନେଇ ମହାପ୍ରଭୁଙ୍କ ଦର୍ଶନ କରାଯାଇଥିବା ତଥ୍ୟରେ ଉଲ୍ଲେଖ ରହିଛି। ଏହି ପଦକ୍ଷେପ ଅଞ୍ଚଳର ମହିଳାମାନଙ୍କ ମଧ୍ୟରେ ଆନନ୍ଦ ସୃଷ୍ଟି କରିଥିବା କୁହାଯାଇଛି। ଜଳ ସମସ୍ୟା ସମୟରେ ୨୬ଟି ଗ୍ରାମପଞ୍ଚାୟତକୁ ୭୪ଟି ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯାଇଥିଲା। ପରେ ସ୍ଥାୟୀ ସମାଧାନ ପାଇଁ ବିଭିନ୍ନ ପଞ୍ଚାୟତରେ ୭୨୦ରୁ ଊର୍ଦ୍ଧ୍ୱ ବୋରୱେଲ ଖନନ କରାଯାଇଥିବା ତଥ୍ୟ ଦିଆଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ୫୪ଟି ଗ୍ରାମପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ ସହ ଲୋକଙ୍କୁ ଚିକିତ୍ସା ଓ ମାଗଣା ଔଷଧ ଯୋଗାଇ ଦିଆଯାଇଥିବା କୁହାଯାଇଛି। ଏହା ସହିତ ଆବାସହୀନ ପରିବାରଙ୍କ ପାଇଁ 'ଅନ୍ତୋଦୟ ଗୃହ ଯୋଜନା' ଅଧୀନରେ ୧୫୦୦ଟି ବାସଗୃହ ପ୍ରଦାନ କରାଯାଇଥିବା ତଥ୍ୟ ରହିଛି। ଦୀର୍ଘ ୮ ବର୍ଷ ଧରି ଶୋଚନୀୟ ଅବସ୍ଥାରେ ଥିବା ୫୩ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲରୁ ତୁବୁରୀ ପର୍ଯ୍ୟନ୍ତ ରାସ୍ତା ମରାମତି ମଧ୍ୟ ଏହି ବିକାଶ ଯାତ୍ରାର ଏକ ପ୍ରମୁଖ ସଫଳତା ଭାବେ ଉଲ୍ଲେଖ କରାଯାଇଛି।



ରାକ୍ଷୀ ପୂର୍ଣ୍ଣିମାର ଏକ ଘଟଣା ମଧ୍ୟ 'ଲିକୁ ଭାଇ'ଙ୍କ ପ୍ରତି ଲୋକଙ୍କ ଆତ୍ମୀୟତାକୁ ଚର୍ଚ୍ଚାକୁ ଆଣିଥିଲା। ହଜାର ହଜାର ଭଉଣୀ ତାଙ୍କ ହାତରେ ରାକ୍ଷୀ ବାନ୍ଧିଥିବା ବେଳେ ଜଣେ ଭଉଣୀ ନିଜ ପଣତକାନିର କପଡ଼ା ଚିରି ରାକ୍ଷୀ ପ୍ରସ୍ତୁତ କରି ତାଙ୍କ ହାତରେ ବାନ୍ଧିଥିଲେ। ଘଟଣାଟି ଧର୍ମଶାଳାରେ ବେଶ ଚର୍ଚ୍ଚାର ବିଷୟ ପାଲଟିଥିଲା।

### ବିକାଶ ଓ ଆଗାମୀ ଯୋଜନା: କେନାଲ ପୁନରୁଦ୍ଧାର

ଧର୍ମଶାଳା ବ୍ଲକ୍ର ଜଳସମ୍ପଦ ବିଭାଗ ଅଧୀନ ତାଳବଣରୁ ଭୁବନ ପର୍ଯ୍ୟନ୍ତ ୧୪ ନମ୍ବର କେନାଲର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ଦ୍ୱାରା ତଳମୁଣ୍ଡକୁ ଜଳ ପହଞ୍ଚିବା ସହ ଅଧିକ ଜମି ଜଳସେଚିତ ହେବାର ଲକ୍ଷ୍ୟ ରହିଛି।

### ସିଂହାପୁର ପୋଖରୀର ରୂପାନ୍ତର

ରସୁଲପୁର ବ୍ଲକ୍ ଅନ୍ତର୍ଗତ ସିଂହାପୁର ଗ୍ରାମପଞ୍ଚାୟତର ସିଂହାପୁର ପୋଖରୀର ରୂପାନ୍ତରୀକରଣ ପାଇଁ ପଦକ୍ଷେପ ନିଆଯାଇଛି।

### କ୍ରୀଡ଼ାର ବିକାଶ

୧୨ନମ୍ବର ଜୋରହ ସାହାଣିଡିଅ ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁରଠାରେ ଏକ ଷ୍ଟାଡିୟମ୍ ନିର୍ମାଣର ଯୋଜନା ରହିଛି। ଯୁବପିଢ଼ିଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ।

### ମହୋତ୍ସବ ପଡ଼ିଆର ନୂଆ ରୂପ

କୁମାରୀ ପଞ୍ଚାୟତ ଅଧୀନ ମହୋତ୍ସବ ପଡ଼ିଆର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ୱାଟର ପାର୍କ, ରାମ ମନ୍ଦିର, ଅଡିଟୋରିୟମ୍, କମ୍ୟୁନିଟି ହଲ୍ ଓ ପୂଜାମଣ୍ଡପ ନିର୍ମାଣର ଯୋଜନା ପ୍ରସ୍ତୁତ ହୋଇଛି। ଜନସେବା ଓ ବିକାଶକୁ ଆଧାର କରି ଧର୍ମଶାଳାକୁ ଏକ ନୂଆ ଦିଗ ଦେବାର ଲକ୍ଷ୍ୟ ନେଇ ହିମାଂଶୁ ଶେଖର ସାହୁଙ୍କ ଯାତ୍ରା ଜାରି ରହିଛି। ତାଙ୍କ ସମର୍ଥକଙ୍କ ମତରେ, ଲୋକଙ୍କ ସୁଖଦୁଃଖରେ ସାଥୀ ହେବା ସହ ବିକାଶମୂଳକ କାର୍ଯ୍ୟକୁ ଗତି ଦେବା ହିଁ 'ଲିକୁ ଭାଇ'ଙ୍କ ରାଜନୈତିକ ଓ ସାମାଜିକ ପରିଚୟର ମୁଖ୍ୟ ଆଧାର।








# ବିଚାରପତିଙ୍କ ଅବସର ବୟସ ୬୨ ବର୍ଷକୁ ବଢ଼ାଇବାକୁ ଦାବି



**ନୂଆଦିଲ୍ଲୀ :** ବିଚାରପତିଙ୍କ ଅବସର ବୟସ ୬୨ ବର୍ଷକୁ ବଢ଼ାଇବାକୁ ଦାବି। ୭ଟି ରାଜ୍ୟ ଏନେଇ ସହମତ ପ୍ରକାଶ କରିଛନ୍ତି। ଛତିଶଗଡ଼, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ସିକିମ, ତାମିଲନାଡୁ ଓ ପଶ୍ଚିମବଙ୍ଗ ସରକାର ବିଚାରପତିମାନଙ୍କ ଅବସର ବୟସ ୬୦ରୁ ୬୨ ବର୍ଷକୁ ବଢ଼ାଇବାକୁ ସହମତି ପ୍ରଦାନ କରିଛନ୍ତି। ବିଚାରପତିଙ୍କ ବୟସ ବଢାଇବା ପାଇଁ ସୁପ୍ରିମକୋର୍ଟ ଏହି ରାଜ୍ୟମାନଙ୍କୁ ଦୁଇ ମାସ ମଧ୍ୟରେ ଆବଶ୍ୟକୀୟ ସଂଶୋଧନ କରିବାକୁ କହିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚି ଓ ବିଚାରପତି ଭି. ମୋହନାଙ୍କ ବେଞ୍ଚ ରାଜ୍ୟମାନଙ୍କୁ ସେବା ନିୟମାବଳୀ ସଂଶୋଧନ କରି ଅବସର ବୟସ ଆନୁଷ୍ଠାନିକ ଭାବେ ୬୨ ବର୍ଷ କରିବାକୁ କହିଛନ୍ତି। ନିୟମ ସଂଶୋଧନ ପୂର୍ବରୁ, ଏହି ସାତଟି ରାଜ୍ୟରେ ୬୦ ବର୍ଷ ପୂର୍ଣ୍ଣ କରୁଥିବା ବିଚାରପତିମାନେ ୬୨ ବର୍ଷ ପର୍ଯ୍ୟନ୍ତ ଅବସର ନେବେ ନାହିଁ। ୩୧ ମାର୍ଚ୍ଚ ୨୦୨୬ କିମ୍ବା ତା’ପରେ ଅବସର ନେଇଥିବା ଅଧିକାରୀମାନେ ପୁନର୍ବାର ସେବାରେ ଯୋଗ ଦେବାକୁ ବିକଳ୍ପ ବାଛି ପାରିବେ, ଯଦି ସେମାନେ ଅନ୍ୟ କୌଣସି ସରକାରୀ ଚାକିରି ନେଇନାହାନ୍ତି। ସେମାନେ ସେବାର ନିରନ୍ତରତା, ଦରମା ଓ ସିନିଅରିଟି ସୁବିଧା ପାଇବେ। କିନ୍ତୁ ପୂର୍ବରୁ ପ୍ରାପ୍ତ ଅବସରୋତ୍ତର ସୁବିଧା ଫେରାଇ ଦେବାକୁ ପଡ଼ିବ। ତେବେ ଯେଉଁ ରାଜ୍ୟମାନେ ଏପର୍ଯ୍ୟନ୍ତ ସହମତ ହୋଇନାହାନ୍ତି କିମ୍ବା ବିଚାର କରୁଛନ୍ତି, ସେମାନଙ୍କୁ ଦୁଇ ସପ୍ତାହ ମଧ୍ୟରେ ଏହି ପ୍ରସ୍ତାବ ଉପରେ ସକାରାତ୍ମକ ଭାବେ ପୁନର୍ବିଚାର କରି ନିଷ୍ପତ୍ତି ନେବାକୁ କୁହାଯାଇଛି। ଏହି ମାମଲା ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧ ତାରିଖ ହେବ।

# ଚାକିରି ଉପରେ ଏଆଇ ମାଡ଼ : ରୋଜଗାର ହରାଇବେ ୨୦ ପ୍ରତିଶତ କର୍ମଚାରୀ!



**ନୂଆଦିଲ୍ଲୀ :** ଭାରତରେ ଆଗକୁ ଚାକିରି ସଙ୍କଟ ବଢିବ। ଏଆଇ ଯୋଗୁ ଆଗାମୀ ଦୁଇ ବର୍ଷ ମଧ୍ୟରେ ୨୦% ଲୋକ ଚାକିରି ହରାଇବାର ଆଶଙ୍କା ରହିଛି । ଏକ ସର୍ଭେରୁ ଏଭଳି ଚାଂଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ୧୩% କର୍ମଚାରୀ ଉଚ୍ଚ ସ୍ତରର କର୍ମଚାରୀ ଅଧିକ ଚାପ ଏବଂ ଚାକିରି ହରାଇବାର ଆଶଙ୍କା ସହ ସଂଘର୍ଷ କରୁଛନ୍ତି। ଗ୍ରେଟ୍ ପ୍ଲେସ୍ ଟୁ ୱର୍କ ଇଣ୍ଡିଆର ଏକ ନୂତନ ଅଧ୍ୟୟନ ଅନୁସାରେ, ପ୍ରାୟ ୧୩ % କର୍ମଚାରୀ ଉଚ୍ଚ ବର୍ନଆଉଟ ଶ୍ରେଣୀରେ ରହିଛନ୍ତି । ପ୍ରାୟ ଚାରିଜଣ ମଧ୍ୟରୁ ଜଣେ ଚିଫ୍ ହ୍ୟୁମାନ ରିସୋର୍ସେସ ଅଫିସର (ସିଏଚଆରଓ) ଆଗାମୀ ଦୁଇ ବର୍ଷରେ ଏଆଇ କାରଣରୁ କର୍ମଚାରୀ ସଂଖ୍ୟା ୨୦% ପର୍ଯ୍ୟନ୍ତ କମିଯିବ ବୋଲି ଆଶା କରୁଛନ୍ତି । ଏହି ସମୟରେ ବଡ଼ ବଡ଼ କମ୍ପାନୀ କର୍ମଶକ୍ତି ସହିତ ମୁକାବିଲା ପାଇଁ ଅଧିକ ଯୁବପିଢିଙ୍କୁ ପସନ୍ଦ କରୁଛନ୍ତି । ଗ୍ରେଟ୍ ପ୍ଲେସ୍ ଟୁ ୱର୍କ ଇଣ୍ଡିଆର ସିଇଓ ବଲବୀର ସିଂହ କହିଛନ୍ତି ଯେ ସଂଗଠନଗୁଡ଼ିକ ବର୍ତ୍ତମାନ କର୍ମଶକ୍ତି ପରିବର୍ତ୍ତନ, ଏଆଇ ଗ୍ରହଣ ଏବଂ କର୍ମଚାରୀଙ୍କ ପରିବର୍ତ୍ତିତ ଆଶାର ଏକାସଙ୍ଗେ ପ୍ରଭାବ ସହିତ ମୁକାବିଲା କରୁଛନ୍ତି ।

କମ୍ପାନୀଗୁଡ଼ିକ ବର୍ତ୍ତମାନ ଏଆଇକୁ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରୁଛନ୍ତି । ୪୪% କର୍ମଚାରୀ ଏଆଇ ବ୍ୟବହାର କରି ଉଚ୍ଚ ପ୍ରଦର୍ଶନ ସହ ଆଗକୁ ବଢୁଛନ୍ତି। ଏଆଇ ବ୍ୟବହାର ଶିଖିନଥିବା ଲୋକମାନେ ପଛରେ ପଡ଼ିଯାଉଛନ୍ତି। ଏହା ଏକ ନୂଆ କର୍ମକ୍ଷେତ୍ର ବିଭାଜନ ସୃଷ୍ଟି କରୁଛି। ପ୍ରାୟ ୩୨% କର୍ମଚାରୀ ଜାଣିନାହାନ୍ତି କେଉଁ କାର୍ଯ୍ୟ ପାଇଁ କେଉଁ ଏଆଇ ଦରକାର। ଏଆଇ ଯୋଗୁ ଆଗାମୀ ଦୁଇବର୍ଷ ମଧ୍ୟରେ ୨୦% ଲୋକ ଚାକିରି ହରାଇବା ଆଶଙ୍କା। ୧୩% କର୍ମଚାରୀ ଉଚ୍ଚସ୍ତରର କର୍ମଚାରୀ ଅଧିକ ଚାପ ଏବଂ ଚାକିରି ହରାଇବା ଆଶଙ୍କା। ଗ୍ରେଟ୍ ପ୍ଲେସ୍ ଟୁ ୱର୍କ ଇଣ୍ଡିଆର ଏକ ନୂତନ ଅଧ୍ୟୟନରୁ ରିପୋର୍ଟ ସାମ୍ନାକୁ ଆସିଛି। ଜେନ୍-ଜି କର୍ମଚାରୀମାନେ କର୍ମକ୍ଷେତ୍ରରେ ଆଉ ଏକ ବଡ଼ ପରିବର୍ତ୍ତନ ଆଣୁଛନ୍ତି।

# ‘ନଟି ବୟ’ ପାଇଁ ରାତି ଉଜାଗର ୧୬ ହଜାର ବୈଜ୍ଞାନିକ



ଚାପ ଥିଲା। ଚିନ୍ତା ଥିଲା। ଆଉ ଥିଲା ଗୋଟିଏ ପ୍ରଶ୍ନ, ଆଜି କଣ କରିବ ‘ନଟି ବୟ’ । ସମୟ ଯେତିକି ପାଖଉଥିଲା, ସେତିକି ବଢୁଥିଲା ହୃଦସ୍ପନ୍ଦନ। ଆଜି ବୋଲ ମାନିବ ତ ଦୁଷ୍ଟ ପିଲା। ସାରା ବିଶ୍ୱର ନଜର ଥିଲା ଭାରତର ଏହି ନଟି ବୟ ଉପରେ। ଶ୍ରୀହରିକୋଟାର କଣ୍ଟ୍ରୋଲ ରୁମରେ ଥିଲା ନିରବତା। ଆଉ ତା’ପରେ ଆସିଲା ସେହି ଐତିହାସିକ ମୁହୂର୍ତ୍ତ। ସେପ୍ଟେମ୍ବର ୪ ଭୋର ୨ଟା ୫୫ ମିନିଟ୍‌ରେ ଗର୍ଜିଲା GSLV-F17। ଆକାଶକୁ ଉଠିଲା EOS-05 । ପ୍ରାୟ ୧୯ ମିନିଟ୍‌ର ଯାତ୍ରା ପରେ ଉପଗ୍ରହ ନିର୍ଦ୍ଦିଷ୍ଟ କକ୍ଷପଥରେ ପହଞ୍ଚିଲା। ଆଉ ତା’ପରେ ତାଳିରେ କମ୍ପି ଉଠିଲା ଇସ୍ରୋର କଣ୍ଟ୍ରୋଲ ରୁମ। ବୈଜ୍ଞାନିକଙ୍କ ମୁହଁରେ ଫୁଟି ଉଠିଲା ହସ। ଭାରତୀୟ ମହାକାଶ କାର୍ଯ୍ୟକ୍ରମ ପୁଣି ଫେରିଥିବାର ବାର୍ତ୍ତା ଦେଲା ଏହି ସଫଳତା।

# ମରୁଭୂମିରେ ୫୫ ବର୍ଷ ହେଲା ଜଳୁଛି ଏହି ଗର୍ତ୍ତ





ତୁର୍କମେନିସ୍ତାନର ରାଜଧାନୀ ଆଶଗାବାତରୁ ୨୬୦ କିଲୋମିଟର ଉତ୍ତରରେ କାରାକୁମ ମରୁଭୂମିର ମଧ୍ୟଭାଗରେ ଥିବା ଏକ ଗର୍ତ୍ତ ଧୁ ଧୁ ନିଆଁରେ ଜଳୁଛି । ଏହି ବିଶାଳ ଗର୍ତ୍ତଟି ଗତ ୫୫ ବର୍ଷ ଧରି ଜଳି ଚାଲିଛି । ନିରନ୍ତର ଜଳୁଥିବା ଏହି ନିଆଁ ଯୋଗୁଁ ସାଧାରଣରେ ଏହାକୁ ‘ନର୍କର ଦ୍ୱାର’ ବୋଲି କୁହାଯାଉଛି । ସ୍ଥାନୀୟ ଲୋକମାନେ ଏହାକୁ ନିକଟବର୍ତ୍ତୀ ଏକ ଗାଁର ନାମ ଅନୁସାରେ ଦରୱାଜା ଗ୍ୟାସ୍ କ୍ରେଟର ବୋଲି ଡାକିଥାନ୍ତି। ତେବେ, ଦେଶର ସରକାର ଏହାକୁ ୨୦୧୮ ମସିହାରେ ‘କାରାକୁମର ଚମକ’ ବୋଲି ନାମ ଦେଇଛନ୍ତି । ତୁର୍କମେନିସ୍ତାନର ରାଜଧାନୀ ଆଶଗାବାତରୁ ୨୬୦ କିଲୋମିଟର ଉତ୍ତରରେ କାରାକୁମ ମରୁଭୂମିର ମଧ୍ୟଭାଗରେ ଥିବା ଏକ ଗର୍ତ୍ତ ଧୁ ଧୁ ନିଆଁରେ ଜଳୁଛି। ଏହି ବିଶାଳ ଗର୍ତ୍ତଟି ଗତ ୫୫ ବର୍ଷ ଧରି ଜଳି ଚାଲିଛି । ନିରନ୍ତର ଜଳୁଥିବା ଏହି ନିଆଁ ଯୋଗୁଁ ସାଧାରଣରେ ଏହାକୁ ‘ନର୍କର ଦ୍ୱାର’ ବୋଲି କୁହାଯାଉଛି। ସ୍ଥାନୀୟ ଲୋକମାନେ ଏହାକୁ ନିକଟବର୍ତ୍ତୀ ଏକ ଗାଁର ନାମ ଅନୁସାରେ ଦରୱାଜା ଗ୍ୟାସ୍ କ୍ରେଟର ବୋଲି ଡାକିଥାନ୍ତି । ତେବେ, ଦେଶର ସରକାର ଏହାକୁ ୨୦୧୮ରେ ‘କାରାକୁମର ଚମକ’ ବୋଲି ନାମ ଦେଇଛନ୍ତି । ୨୨୯ ଫୁଟ ଚଉଡା ଏବଂ ୭୦ ଫୁଟ ଗଭୀର ଏହି ଗର୍ତ୍ତଟି କାରାକୁରାମ ମରୁଭୂମିରେ ମିଥେନ ଏବଂ ନିଆଁରେ ପରିପୂର୍ଣ୍ଣ ଏକ ଗର୍ତ୍ତ ତ। ଏହା ଏକ ଚୁଲି ପରି ଜଳୁଛି। ଏହା ୧୯୭୧ ମସିହାରେ ଆରମ୍ଭ ହୋଇଥିଲା, ଯେତେବେଳେ ସୋଭିଏତ୍ ୟୁନିଅନ୍ (ସେତେବେଳେ ତୁର୍କମେନିସ୍ତାନ ସୋଭିଏତ୍ ୟୁନିଅନ୍?ର ଅଂଶ ଥିଲା) ର ବୈଜ୍ଞାନିକମାନେ ଏଠାରେ ଖୋଳତାଡ଼ କରିଥିଲେ ଏବଂ ତା’ପରେ ଗ୍ୟାସ୍ ଜାଳିଥିଲେ। ସେବେଠାରୁ, ଏହି ଗର୍ତ୍ତରେ ନିରନ୍ତର ନିଆଁ ଜଳୁଛି। ୨୨୯ ଫୁଟ ଚଉଡା ଏବଂ ୭୦ ଫୁଟ ଗଭୀର ଏହି ଗର୍ତ୍ତଟି କାରାକୁରାମ ମରୁଭୂମିରେ ମିଥେନ ଏବଂ ନିଆଁରେ ପରିପୂର୍ଣ୍ଣ ଏକ ଗର୍ତ୍ତ ତ। ଏହା ଏକ ଚୁଲି ପରି ଜଳୁଛି। ଏହା ୧୯୭୧ରେ ଆରମ୍ଭ ହୋଇଥିଲା, ଯେତେବେଳେ ସୋଭିଏତ୍ ୟୁନିଅନ୍ (ସେତେବେଳେ ତୁର୍କମେନିସ୍ତାନ ସୋଭିଏତ୍ ୟୁନିଅନ୍‌ର ଅଂଶ ଥିଲା) ର ବୈଜ୍ଞାନିକମାନେ ଏଠାରେ ଖୋଳତାଡ଼ କରିଥିଲେ ଏବଂ ତା’ପରେ ଗ୍ୟାସ୍ ଜାଳିଥିଲେ। ସେବେଠାରୁ, ଏହି ଗର୍ତ୍ତରେ ନିରନ୍ତର ନିଆଁ ଜଳୁଛି।

ଅଧିକାଂଶ ବିଶେଷଜ୍ଞ ଏକମତ ଯେ ୧୯୭୧ ମସିହାରେ ଏକ ଗ୍ୟାସ୍ ଡ୍ରିଲିଂ ରିଗ୍ ଦୁର୍ଘଟଣାବଶତଃ ପ୍ରାକୃତିକ ଗ୍ୟାସ୍ ଜମାକୁ ଧକ୍କା ଦେବାରୁ ଏହି ଗର୍ତ୍ତଟି ସୃଷ୍ଟି ହୋଇଥିଲା । ଏହା ଫଳରେ ରିଗ୍ ପାଖରେ ଥିବା ଭୂମି ଭୁଶୁଡ଼ି ପଡ଼ିଥିଲା, ମିଥେନ ଏବଂ କ୍ଷତିକାରକ ଧୂଆଁ ନିର୍ଗତ ହୋଇଥିଲା । ଜବାବରେ ସୋଭିଏତ୍ ବୈଜ୍ଞାନିକମାନେ ଗର୍ତ୍ତରେ ନିଆଁ ଲଗାଇଦେଇଥିଲେ, ଆଶା କରିଥିଲେ ଯେ ଗ୍ୟାସ୍ ସମାପ୍ତ ହେବା ପରେ ଏହା କିଛି ଦିନ ମଧ୍ୟରେ ଲିଭିଯିବ । ହେଲେ ସେମାନଙ୍କର ଧାରଣା ଭୁଲ ପ୍ରମାଣିତ ହୋଇଥିଲା । ସେବେଠୁ ନେଇ ଏଯାବତ ସେଠାରେ ନିଆଁ ଜଳିବା ଲାଗି ରହିଛି ।

# ଏହି ଭୁଲ କଲେ ତୁରନ୍ତ ରଦ୍ଦ ହେବ ଡ୍ରାଇଭିଂ ଲାଇସେନ୍ସ!






**ନୂଆଦିଲ୍ଲୀ:** ଭାରତରେ ଖୁବଶୀଘ୍ର ଡ୍ରାଇଭିଂ ଲାଇସେନ୍ସ ଏବଂ ଭେହିକଲ ରେଜିଷ୍ଟ୍ରେଶନ ସାର୍ଟିଫିକେଟକୁ ନେଇ ନିୟମ ବଦଳିପାରେ। ଡ୍ରାଇଭିଂ ଲାଇସେନ୍ସ ଓ RC ପାଇଁ ଏକ ଗ୍ରେଡେଡ ପଏଣ୍ଟ ସିଷ୍ଟମ ଲାଗୁ କରିବା ନେଇ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ବିଚାର କରୁଛି। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଏନେଇ ସୂଚନା ଦେଇଛନ୍ତି।

ପ୍ରସ୍ତାବିତ ବ୍ୟବସ୍ଥା ଲାଗୁ ହେଲେ ବାରମ୍ବାର ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ଚାଳକଙ୍କ ଲାଇସେନ୍ସ ସସ୍ପେଣ୍ଡ କିମ୍ବା ବାତିଲ ହୋଇପାରେ। ଅନ୍ୟପଟେ ଦାୟିତ୍ୱବାନ ଭାବେ ଗାଡ଼ି ଚଳାଉଥିବା ଏବଂ ସ୍ୱଚ୍ଛ ଡ୍ରାଇଭିଂ ରେକର୍ଡ ରଖିଥିବା ଚାଳକଙ୍କୁ ରିୱାର୍ଡ ଦେବାର ମଧ୍ୟ ବ୍ୟବସ୍ଥା ରହିପାରେ।

ସୋସାଇଟି ଅଫ ଇଣ୍ଡିଆନ ଅଟୋମୋବାଇଲ ମାନୁଫ୍ୟାକ୍ଚରର୍ସ (SIAM)ର ୬୬ତମ ବାର୍ଷିକ ସମ୍ମିଳନୀରେ ନିତିନ ଗଡ଼କରୀ କହିଛନ୍ତି ଯେ, ମନ୍ତ୍ରଣାଳୟ ଏଭଳି ଏକ ସିଷ୍ଟମ ପ୍ରସ୍ତୁତ କରୁଛି, ଯେଉଁଥିରେ ଟ୍ରାଫିକ ନିୟମ ଉଲ୍ଲଂଘନକୁ ସିଧାସଳଖ ଡ୍ରାଇଭିଂ ଲାଇସେନ୍ସର ରେକର୍ଡ ସହିତ ଯୋଡ଼ାଯିବ।

ଗଡ଼କରୀଙ୍କ କହିବା ଅନୁଯାୟୀ, ଡ୍ରାଇଭିଂ ଲାଇସେନ୍ସ ଓ ଭେହିକଲ ରେଜିଷ୍ଟ୍ରେଶନ ସାର୍ଟିଫିକେଟରେ ଗ୍ରେଡେଡ ପଏଣ୍ଟ ସିଷ୍ଟମ ଆଣିବାକୁ ଯୋଜନା ରହିଛି। ଏହା ଲାଗୁ ହେଲେ ପ୍ରତ୍ୟେକ ଟ୍ରାଫିକ ନିୟମ ଉଲ୍ଲଂଘନ ପାଇଁ ଡ୍ରାଇଭିଂ ଲାଇସେନ୍ସରୁ ନିର୍ଦ୍ଦିଷ୍ଟ ପଏଣ୍ଟ କଟାଯିବ। ଯେତେବେଳେ ଜଣେ ଚାଳକଙ୍କ ପେନାଲ୍ଟି ପଏଣ୍ଟ ନିର୍ଦ୍ଦିଷ୍ଟ ସୀମା ବା ଥ୍ରେଶହୋଲ୍ଡରେ ପହଞ୍ଚିବ, ସେତେବେଳେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଏପରିକି ଲାଇସେନ୍ସ ସସ୍ପେଣ୍ଡ କିମ୍ବା ବାତିଲ ମଧ୍ୟ କରାଯାଇପାରେ।

ପ୍ରସ୍ତାବିତ ପଏଣ୍ଟ ସିଷ୍ଟମ କେବଳ ନିୟମ ଭାଙ୍ଗୁଥିବା ଚାଳକଙ୍କୁ ଦଣ୍ଡ ଦେବା ପାଇଁ ନୁହେଁ। ଭଲ ଡ୍ରାଇଭିଂ ରେକର୍ଡ ରଖୁଥିବା ଚାଳକଙ୍କୁ ପ୍ରୋତ୍ସାହନ ଦେବାର ମଧ୍ୟ ବ୍ୟବସ୍ଥା ରହିବ। ଯେଉଁ ଚାଳକମାନେ ନିୟମ ମାନି ଦାୟିତ୍ୱବାନ ଭାବେ ଗାଡ଼ି ଚଳାଇବେ ଏବଂ ଯାହାଙ୍କ ଡ୍ରାଇଭିଂ ରେକର୍ଡ ସଫା ରହିବ, ସେମାନଙ୍କୁ ବିଭିନ୍ନ ପ୍ରକାରର ଲାଭ ଦିଆଯାଇପାରେ। ଏଥିରେ ଇନ୍ସୁରାନ୍ସ କମ୍ପାନୀଗୁଡ଼ିକ ପକ୍ଷରୁ ମିଳିପାରୁଥିବା ଇନସେଣ୍ଟିଭ ମଧ୍ୟ ସାମିଲ ହୋଇପାରେ।

# ଦିଲ୍ଲୀରେ ଭୁଶୁଡ଼ିଲା ୫ ମହଲା କୋଠା, ୬ ମୃତ





**ନୂଆଦିଲ୍ଲୀ :** ଦିଲ୍ଲୀ ସତ୍ୟ ନିକେତନ ନିକଟରେ ୫ ମହଲା କୋଠା ଭୁଶୁଡ଼ିବା ଘଟଣାରେ ବଢ଼ିଚାଲିଛି ମୃତ୍ୟୁ ସଂଖ୍ୟା । ଏଯାଏଁ ୫ ଜଣଙ୍କ ମୃତ୍ୟୁ ସ୍ପଷ୍ଟ ହୋଇଥିବା ବେଳେ ୫ ଜଣଙ୍କୁ ଉଦ୍ଧାର କରାଯାଇଛି । ଏବେବି ଜାରି ରହିଛି ଉଦ୍ଧାର କାର୍ଯ୍ୟ । ଅଗ୍ନିଶମ ବାହିନୀ ସହ ଏନ୍?ଡିଆ?ଏଫ୍ ମଧ୍ୟ ଉଦ୍ଧାରକାର୍ଯ୍ୟରେ ସାମିଲ ହୋଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ୩୦ରୁ ୪୦ ଜଣ ଚାପି ହୋଇ ରହିଥାଇ ପାରନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ମେଡିକାଲ ଯାଇ ଆହତଙ୍କୁ ଭେଟିବେ ବୋଲି ସୂଚନା ମିଳିଛି ।

ତେବେ ଯାହା ଖବର ଆସୁଛି, ଆହୁରି ଅନେକ ବ୍ୟକ୍ତି ଏବଂ ଛାତ୍ରଛାତ୍ରୀ ଇଟା-କଂକ୍ରିଟ ତଳେ ଫସିରହିଛନ୍ତି। ଭଗ୍ନାବଶେଷ ଭିତରୁ କିଛି ଯୁବକ ମୋବାଇଲରେ ଭିଡିଓ କରି ଏବଂ କଲ୍ କରି ଜୀବନ ବଞ୍ଚାଇବାକୁ ସାହାଯ୍ୟ ଭିକ୍ଷା କରୁଛନ୍ତି । ସେପଟେ ସାମ୍ନାକୁ ଆସିଲା କୋଠା ଭୁଶୁଡ଼ିବାର କାରଣ । ପ୍ରାଥମିକ ଭାବେ କୁହାଯାଉଛି, ପ୍ରାୟ ୫୦ ବର୍ଷ ପୁରୁଣା ଏହି କୋଠା ତଳ ମହଲାରେ କିଛି ନିର୍ମାଣ କାର୍ଯ୍ୟ ଚାଲିଥିଲା ।

ସେତିକି ବେଳେ ହିଁ ଭୁଶୁଡ଼ିପଡ଼ିଥିଲା କୋଠା । କୋଠାରେ ହଷ୍ଟେଲ ଚାଲୁଥିବାରୁ ଛାତ୍ରମାନେ ଅଧିକ ସଂଖ୍ୟାରେ ଫସି ରହିଛନ୍ତି । ତେବେ ଘଟଣାର ତଦନ୍ତ ହେବ ଏବଂ ଦୋଷୀ ଯିଏ ହୋଇଥାଉ ନା କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ । ସେପଟେ ଘଟଣାକୁ ନେଇ ଚିନ୍ତା ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

# ବିହାରରେ ବନ୍ୟା: ୨୨ ଲକ୍ଷ ପ୍ରଭାବିତ

**ପାଟନା :** ବିହାର ଓ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ଲାଗିରହିଥିବାରୁ ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେବା ସହ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ରବିବାର ଗଙ୍ଗାନଦୀ ଜଳ ପାଟନାରେ ସର୍ବୋଚ୍ଚ ସ୍ତର ଅତିକ୍ରମ କରିଥିବାରୁ କର୍ତ୍ତୃପକ୍ଷ ସତର୍କ ସୂଚନା ଜାରି କରିଛନ୍ତି। ପାଟନା-ଗୟା ସେକ୍ସନ ଅନ୍ତର୍ଗତ ପୁନ୍‌ପୁନ୍ ଓ ପର୍ସା ବଜାର ଷ୍ଟେଶନକୁ ସଂଯୋଗ କରୁଥିବା ରେଳଲାଇନ ବ୍ରିଜ୍?ଠାରେ ବନ୍ୟାଜଳ ବିପଜ୍ଜନକ ସ୍ତରରେ ପ୍ରବାହିତ ହେଉଥିବାରୁ ପୂର୍ବ କେନ୍ଦ୍ରୀୟ ରେଲୱେ ପକ୍ଷରୁ ଅନେକ ଟ୍ରେନ୍‌କୁ ବାତିଲ କରାଯିବା ସହ କେତେକ ଅନ୍ୟ ରୁଟ୍‌ରେ ଚଳାଚଳ କରୁଛି।

ବନ୍ୟା ପ୍ରଭାବିତ ଲୋକମାନଙ୍କ ପାଇଁ ବିଭିନ୍ନ ଜିଲାରେ ମୋଟ ୧୯୦ଟି ଗୋଷ୍ଠୀ ରୋଷଶାଳା ଚାଲିଛି। ଜଳାର୍ଣ୍ଣବ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରିବା କାର୍ଯ୍ୟରେ ୧,୪୨୯ଟି ଡଙ୍ଗା ନିୟୋଜିତ ହୋଇଛି। ଏଥିସହିତ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆରଏଫ୍)ର ୨୭ ଟିମ୍, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆରଏଫ୍)ର ୧୦ ଟିମ୍ ବିଭିନ୍ନ ଜିଲାରେ ନିୟୋଜିତ ଅଛନ୍ତି।

ପାଟନାର ଗାନ୍ଧୀ ଘାଟଠାରେ ଗଙ୍ଗାନଦୀରେ ବନ୍ୟାଜଳ ରବିବାର ସକାଳେ ୫୦.୫୭ ମିଟର ଉଚ୍ଚରେ ପ୍ରବାହିତ ହେଉଥିଲା, ଯାହାକି ଗତ ଅଗଷ୍ଟ ୨୧ରେ ହୋଇଥିବା ବନ୍ୟା ସମୟର ଜଳସ୍ତରଠାରୁ ୦.୦୫ ମିଟର ଅଧିକ। ପଣ୍ଡରକଠାରେ ନଦୀ ଜଳସ୍ତର ୪୩.୯୨ ମିଟର ରହିଛି। ସେହିପରି ଡୁମାରିଆ ଘାଟ ଏବଂ ହାଜିପୁରଠାରେ ଗଣ୍ଡକ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାବେଳେ ବାଲତାରା ଓ କୁର୍ସେଲାଠାରେ କୋଶୀନଦୀ ବିପଦ ସଙ୍କେତ ଉପରେ ରହିଛି। ସେହିପରି ଖାଗେରିଆଠାରେ ବୁଢ଼ୀ ଘଟକ ଏବଂ ହାଥିଡାହ, ଭାଗଲପୁର, କହଗାଁଓ, ବକ୍ସର ଏବଂ ମୁଙ୍ଗେରରେ ଗଙ୍ଗାନଦୀ ବିପଦ ସଙ୍କେତ ଟପିଛି। ଶ୍ରୀପାଲପୁରରେ ପୁନ୍‌ପୁନ୍ ନଦୀ, ବେନିବାଦଠାରେ ବାଗମତି ନଦୀ ଏବଂ ଦରଉଲିଠାରେ ଘାଘରା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ଜଣାପଡ଼ିଛି। ବିହାର ଓ ଝାଡ଼ଖଣ୍ଡରେ ଗତ ୫ ଦିନ ମଧ୍ୟରେ ୬୯.୧ ମିଲିମିଟର ବର୍ଷା ହୋଇଛି, ଯାହାକି ସ୍ୱାଭାବିକଠାରୁ ୫୫ ପ୍ରତିଶତ ଅଧିକ। ବିଭିନ୍ନ ନଦୀରେ ବନ୍ୟା ଆସିଥିବାରୁ ପାଟନା, ଭୋଜପୁର, ଶରଣ, ବୈଶାଳୀ, ଭାଗଲପୁର, ବେଗୁସରାଇ, ବକ୍ସର, ସମସ୍ତିପୁର, ମୁଙ୍ଗେର, କଟିହାର, ଲକ୍ଷ୍ମୀସରାଇ ଏବଂ ଅରୱାଲ ଜିଲାରେ ୨୨.୪୨ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା କର୍ତ୍ତୃପକ୍ଷ କହିଛନ୍ତି। ବର୍ଷା ଜାରି ରହିଥିବାରୁ ଆଗାମୀ ୩ ଦିନ ମଧ୍ୟରେ ସ୍ଥିତି ଆହୁରି ସଙ୍ଗିନ ହେବା ଆଶଙ୍କା କରାଯାଉଛି।




# ୨୦୨୯ ସୁଦ୍ଧା ନିଶାମୁକ୍ତ ହେବ ଭାରତ




**ନୂଆଦିଲ୍ଲୀ :** ୨୦୨୯ ସୁଦ୍ଧା ଭାରତ ହେବ ନିଶା ମୁକ୍ତ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର କହିଛନ୍ତି ଯେ, ନରେନ୍ଦ୍ର ମୋଦୀ ସରକାର ୨୦୨୯ ସୁଦ୍ଧା ଭାରତକୁ ନିଶାମୁକ୍ତ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି, ନିଶାଦ୍ରବ୍ୟ ବିରୋଧରେ ଲଢ଼େଇକୁ ଜାତୀୟ ସୁରକ୍ଷା ପ୍ରାଥମିକତା ବୋଲି କହିଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ଶାହ କହିଥିଲେ ଯେ, ନିଶା ନିବାରଣ ବିରୋଧରେ ଲଢ଼େଇ ଏବେ ସମନ୍ୱିତ ଜାତୀୟ ଅଭିଯାନରେ ପରିଣତ ହୋଇଛି। ଶାହ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉଦ୍ଦେଶ୍ୟ, ୨୦୪୭ ସୁଦ୍ଧା ‘ନିଶାମୁକ୍ତ ଯୁବ ଶକ୍ତି’ ଭାରତକୁ ‘ବିକଶିତ ଭାରତ’ ଆଡକୁ ନେଇଯିବ। ସେ କହିଥିଲେ ଯେ, ସରକାର ନକ୍ସଲବାଦ ଓ ଆତଙ୍କବାଦ ବିରୋଧରେ ବ୍ୟବହାର କରିଥିବା ସମାନ ପଦ୍ଧତିରେ ନିଶା ନିବାରଣ ପାଇଁ ପ୍ରତିବଦ୍ଧ ।

୨୦୧୪ ପୂର୍ବରୁ ନିଶାଦ୍ରବ୍ୟ ବିରୋଧରେ ଲଢ଼େଇ ମୁଖ୍ୟତଃ ଛୋଟ ୟୁନିଟ୍ ଏବଂ ପୃଥକ୍ ଭାବେ ପରିଚାଳିତ ହେଉଥିଲା ବୋଲି ଶାହ କହିଛନ୍ତି, ଏଜେନ୍ସିଗୁଡ଼ିକ ପ୍ରାୟତଃ ଛୋଟ ଅଭିଯୁକ୍ତମାନଙ୍କୁ ଧରିବା ଉପରେ ଧ୍ୟାନ ଦେଉଥିଲେ। ସେ କହିଛନ୍ତି ଯେ, ସରକାର ଏବେ ନିଶାଦ୍ରବ୍ୟ ବିରୋଧୀ ଲଢ଼େଇକୁ ଜାତୀୟ ସୁରକ୍ଷା ଦୃଷ୍ଟିରୁ ପ୍ରାଥମିକତା ଦେଉଛନ୍ତି।

ଶାହ କହିଛନ୍ତି, ସରକାର ଏନ୍‌ସିଓଆରଡି, ରାଜ୍ୟ ନିଶା ନିବାରଣ ଟାସ୍କ ଫୋର୍ସ ଓ ଏଜେନ୍ସିଗୁଡ଼ିକ ମଧ୍ୟରେ ମିଳିତ ସମନ୍ୱୟ ସହିତ ‘ମାନସ୍’ ହେଲ୍ପଲାଇନ୍ ପୁନଃଗଠିତ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ମାଧ୍ୟମରେ ଏହାର ନିଶା ନିବାରଣ ଅଭିଯାନକୁ ସୁଦୃଢ଼ କରିଛନ୍ତି । ଶାହ କହିଛନ୍ତି, ୩୭୦ ଧାରା ହଟିବା ପରେ ଜମ୍ମୁ-କାଶ୍ମୀରରେ ଆତଙ୍କବାଦ ହ୍ରାସ ପାଇଛି। ବିଚ୍ଛିନ୍ନତାବାଦୀ ଭାବନା ମଧ୍ୟ ହ୍ରାସ ପାଇଛି।

# ଇରାନରେ ସଡ଼କ ଦୁର୍ଘଟଣା: ଇନ୍ଧନ ଟ୍ୟାଙ୍କର ବିସ୍ଫୋରଣ, ୧୧ ଜୀବନ୍ତ ଦଗ୍ଧ, ୭ ଆହତ

**ତେହେରାନ:** ପଶ୍ଚିମ ଇରାନରେ ଏକ ସଡ଼କ ଦୁର୍ଘଟଣା ପରେ ଏକ ଇନ୍ଧନ ଟ୍ୟାଙ୍କର୍ ବିସ୍ଫୋରଣରେ ୧୧ ଜଣଙ୍କର ମୃତ୍ୟୁ ଘଟିଛି। ବିସ୍ଫୋରଣରେ ନିକଟରେ ଥିବା ଅନେକ ଯାନବାହନରେ ନିଆଁ ଲାଗିଯାଇଛି। ଦୁର୍ଘଟଣାରେ ୭ ଜଣ ଆହତ ମଧ୍ୟ ହୋଇଛନ୍ତି। ସରକାରୀ ସମାଚାର ଏଜେନ୍ସି ଆଇଆରଆଇବି ଅନୁଯାୟୀ, କୁର୍ଦ୍ଦିସ୍ତାନ ପ୍ରଦେଶର ସାନନ୍ଦାଜ କାଉଣ୍ଟି ଏବଂ ହାମାଦାନ ପ୍ରଦେଶର ହାମାଦାନ କାଉଣ୍ଟି ମଧ୍ୟରେ ଇଣ୍ଟରସିଟି ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ନିକଟରେ ଚଳାଚଳ କରୁଥିବା ଅନେକ ଯାନରେ ମଧ୍ୟ ନିଆଁ କୁର୍ଦ୍ଦିସ୍ତାନ ମେଡ଼ିକାଲ ସାଇନ୍ସ ବିଶ୍ୱବିଦ୍ୟାଳୟର ଜରୁରୀକାଳୀନ ଚିକିତ୍ସା ସେବାର ମୁଖ୍ୟ ବାବାକ୍ ହୋଦେଇ କହିଛନ୍ତି, ବିସ୍ଫୋରଣରେ ନିକଟରେ ଚଳାଚଳ କରୁଥିବା ଅନେକ ଯାନରେ ମଧ୍ୟ ନିଆଁ ଲାଗିଯାଇଥିଲା। ଉଦ୍ଧାରକାରୀ ଦଳ ଆହତମାନଙ୍କୁ ସାନନ୍ଦଜର ଏକ ହସ୍ପିଟାଲକୁ ନେଇସାରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି।



## ଜନ୍ମାଷ୍ଟମୀରେ ଚାଷୀଙ୍କ ଉପହାର ଦେଲେ ସରକାର

# ଚାଷୀଙ୍କ ଖାତାକୁ ଗଲା ସିଏମ୍ କିଷାନର ପଞ୍ଚମ କିସ୍ତି

**ଭୁବନେଶ୍ୱର :** ଜନ୍ମାଷ୍ଟମୀରେ ଚାଷୀଙ୍କୁ ମିଳିଛି ସରକାରଙ୍କ ଉପହାର। ଚାଷୀଙ୍କ ଖାତାକୁ ଯାଇଛି ସିଏମ୍ କିଷାନ ଟଙ୍କା। ଓୟୁଏଟିର କୃଷି ଶିକ୍ଷା ସଦନରୁ ମୁଖ୍ୟମନ୍ତ୍ରୀ ଆଜି ଚାଷୀଙ୍କୁ ଦେଇଛନ୍ତି ଯୋଜନାର ପଞ୍ଚମ କିସ୍ତି। ୪୧ ଲକ୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସହ ୧୩ ହଜାରରୁ ଅଧିକ ଭୂମିହୀନ କୃଷି ପରିବାର ପାଇଛନ୍ତି ସହାୟତା। ରବି ଚାଷ ପୂର୍ବରୁ ବିହନ, ସାର ଓ କୀଟନାଶକ କିଣିବାରେ ଏହି ଟଙ୍କା ସହାୟକ ହେବ ବୋଲି କହିଛନ୍ତି ସରକାର।



ଜନ୍ମାଷ୍ଟମୀର ପବିତ୍ର ଅବସର। ପୂଜାର୍ଚ୍ଚନା କରି ରାଜ୍ୟବାସୀଙ୍କ ମଙ୍ଗଳ କାମନା କଲେ ମୁଖ୍ୟମନ୍ତ୍ରୀ। ଆଉ ଏହାପରେ ଚାଷୀଙ୍କ ପାଇଁ ଖୋଲିଥିଲା ସରକାରୀ ସହାୟତାର ଦ୍ୱାର। ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନରୁ ସିଏମ୍ କିଷାନ ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ୪୧ ଲକ୍ଷ ୩୫ ହଜାର ୯୭୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସହ ୧୩ ହଜାର ୯୪୯ ଭୂମିହୀନ କୃଷି ପରିବାରଙ୍କ ଖାତାକୁ ଡିବିଟି ମାଧ୍ୟମରେ ଯାଇଛି ୮୩୩ କୋଟିରୁ ଅଧିକ ଟଙ୍କା। ରବି ଚାଷ ଆରମ୍ଭ ପୂର୍ବରୁ ବିହନ, ସାର ଓ କୀଟନାଶକ କିଣିବାରେ ଏହି ଅର୍ଥ ଚାଷୀଙ୍କୁ ସହାୟତା କରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ସିଏମ୍ କିଷାନ କେବଳ ସହାୟତା ନୁହେଁ, ଏହା ଚାଷୀଙ୍କ ପରିଶ୍ରମକୁ ସମ୍ମାନ।

ଚାଷୀଙ୍କ ଆୟ ବଢ଼ାଇବାକୁ କେବଳ ପାରମ୍ପରିକ ଚାଷ ନୁହେଁ, ଚାଷରେ ବିବିଧିକରଣ ଉପରେ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ପୂର୍ବ ସରକାରଙ୍କ ଶାସନକୁ ଟାର୍ଗେଟ କରି କହିଛନ୍ତି, ୨୦୨୨ରେ ଓଡ଼ିଶାର କୃଷି ପରିବାରର ମାସିକ ଆୟ ଥିଲା ମାତ୍ର ୫ ହଜାର ୧୧୨ ଟଙ୍କା। ଯାହା ଦେଶରେ ଦ୍ୱିତୀୟ ସର୍ବନିମ୍ନ। କିନ୍ତୁ ନୂଆ ସରକାର ଆସିବା ପରେ ଧାନ କିଣାରେ କ୍ୱିଣ୍ଟାଲ ପିଛା ଦିଆଯାଉଛି ୩ ହଜାର ୧ ଶହ ଟଙ୍କା। ଏହାଦ୍ୱାରା ଚାଷୀଙ୍କ ଆୟରେ ସିଧାସଳଖ ବୃଦ୍ଧି ଘଟିଛି ବୋଲି ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ। ନୂଆଖାଇ ପୂର୍ବରୁ ଚାଷୀଙ୍କୁ ସହାୟତା ଦେବା ଉଦ୍ଦେଶ୍ୟରେ ଜନ୍ମାଷ୍ଟମୀରେ ସିଏମ୍ କିଷାନ ଟଙ୍କା ପ୍ରଦାନ କରାଯାଇଛି। କୃଷିମନ୍ତ୍ରୀ କହିଛନ୍ତି, ନୂଆଖାଇ ପୂର୍ବରୁ କିସ୍ତି ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ବନ୍ୟା ଓ ବିପର୍ଯ୍ୟୟ ପରିସ୍ଥିତି ସହ ବ୍ୟାଙ୍କ ଛୁଟିକୁ ଦୃଷ୍ଟିରେ ରଖି ଆଜି ଟଙ୍କା ପ୍ରଦାନ କରାଯାଇଛି।

ଅକ୍ଷୟ ତୃତୀୟା ଓ ନୂଆଖାଇରେ ଦିଆଯାଉଥିବା ଏହି ଟଙ୍କା, ଚଳିତବର୍ଷ ବନ୍ୟା ଓ ବ୍ୟାଙ୍କ ଛୁଟିକୁ ଦୃଷ୍ଟିରେ ରଖି ଆଜି ଦିଆଯାଇଛି। ତେବେ ସରକାରଙ୍କ ଏହି ସହାୟତା ଚାଷୀଙ୍କ ଆର୍ଥିକ ସ୍ଥିତିରେ କେତେ ବଡ଼ ପରିବର୍ତ୍ତନ ଆଣୁଛି, ତାହା ଉପରେ ରହିବ ନଜର।

# ଶିକ୍ଷକଙ୍କୁ ସର୍ବୋଚ୍ଚ ସମ୍ମାନ ଦିଅନ୍ତୁ : ରାଷ୍ଟ୍ରପତି

**ନୂଆଦିଲ୍ଲୀ :** ଶିକ୍ଷକମାନେ ଦେଶର ଭବିଷ୍ୟତ ଗଢ଼ନ୍ତି । ତେଣୁ ପ୍ରତ୍ୟେକ ନାଗରିକ ଶିକ୍ଷକମାନଙ୍କୁ ସର୍ବୋଚ୍ଚ ସମ୍ମାନ ଦେବା ଉଚିତ ବୋଲି ଆହ୍ୱାନ ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଶିକ୍ଷକ ଦିବସ ଅବସରରେ ଦେଶର ଶିକ୍ଷକ ସମାଜକୁ ଶୁଭେଚ୍ଛା ଜଣାଇବା ସହ ଶିକ୍ଷକଙ୍କ ଗୁରୁତ୍ୱ ଉପରେ ମତ ରଖିଛନ୍ତି ରାଷ୍ଟ୍ରପତି । ରାଷ୍ଟ୍ରପତି କହିଛନ୍ତି, ଜଣେ ଭଲ ଓ ସ୍ନେହଶୀଳ ଶିକ୍ଷକ ଛାତ୍ରଛାତ୍ରୀଙ୍କ ମନରେ ଅସୀମ ସମ୍ଭାବନା ଓ ଆତ୍ମବିଶ୍ୱାସ ଜାଗ୍ରତ କରିପାରନ୍ତି । ଶିକ୍ଷକଙ୍କ ଦାୟିତ୍ୱ କେବଳ ପାଠ୍ୟକ୍ରମ ଶିକ୍ଷାଦାନରେ ସୀମିତ ନୁହେଁ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାଧୀନ ଚିନ୍ତାଧାରା, ପ୍ରଶ୍ନ କରିବାର ମନୋଭାବ, ବିଚାରଶକ୍ତି ଓ ନୈତିକ ମୂଲ୍ୟବୋଧ ବିକଶିତ କରିବା ମଧ୍ୟ ଶିକ୍ଷକଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି ।



ଏହି ଅବସରରେ ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କୁ ମଧ୍ୟ ସ୍ମରଣ କରିଛନ୍ତି ରାଷ୍ଟ୍ରପତି। ନିଜ ଜନ୍ମଦିନକୁ ଶିକ୍ଷକ ଦିବସ ଭାବେ ପାଳନ କରାଯାଉ ବୋଲି ଡ. ରାଧାକୃଷ୍ଣନ ଇଚ୍ଛା ପ୍ରକାଶ କରିଥିଲେ । ସେହିପରି ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ ମଧ୍ୟ ନିଜକୁ ଜଣେ ଶିକ୍ଷକ ଭାବେ ସ୍ମରଣ କରାଯିବାକୁ ଅଧିକ ପସନ୍ଦ କରୁଥିଲେ ବୋଲି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନିଜ ଶିକ୍ଷକ ଜୀବନର ସ୍ମୃତି ବଖାଣି ରାଷ୍ଟ୍ରପତି କହିଛନ୍ତି, ରାଇରଙ୍ଗପୁରସ୍ଥିତ ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ସ୍କୁଲରେ ସେ ଶିକ୍ଷକତା କରିଥିଲେ । ପାଠପଢ଼ା ସହ ଛାତ୍ରଛାତ୍ରୀଙ୍କ ସଙ୍ଗୀତ, କ୍ରୀଡ଼ା ଓ ନାଟକ କାର୍ଯ୍ୟକ୍ରମରେ ମଧ୍ୟ ସେ ସକ୍ରିୟ ଭାବେ ଜଡ଼ିତ ଥିଲେ । ଏବେ ବି ତାଙ୍କ ପୂର୍ବତନ ଛାତ୍ରଛାତ୍ରୀମାନେ ପାରିବାରିକ କାର୍ଯ୍ୟକ୍ରମକୁ ତାଙ୍କୁ ନିମନ୍ତ୍ରଣ କରୁଥିବା ସେ ଉଲ୍ଲେଖ କରିଛନ୍ତି ।

ଶିକ୍ଷକ ଓ ଛାତ୍ରଙ୍କ ସମ୍ପର୍କ କେବଳ ଶ୍ରେଣୀଗୃହ ମଧ୍ୟରେ ସୀମିତ ନୁହେଁ। ଜଣେ ଶିକ୍ଷକ ଛାତ୍ରଙ୍କ ଜୀବନରେ ମାର୍ଗଦର୍ଶକ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି । ତେଣୁ ସମାଜ ଓ ଦେଶ ଗଠନରେ ଶିକ୍ଷକଙ୍କ ଅବଦାନକୁ ସମ୍ମାନ ଦେବା ସମସ୍ତଙ୍କ ଦାୟିତ୍ୱ ବୋଲି ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି । ଭାରତ ବିକଶିତ ରାଷ୍ଟ୍ର ହେବା ଦିଗରେ ଆଗକୁ ବଢୁଥିବା ବେଳେ ଶିକ୍ଷକମାନେ ଏଭଳି ପିଢ଼ି ଗଢ଼ନ୍ତୁ, ଯେଉଁମାନେ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ କରିବେ, ବୈଜ୍ଞାନିକ ଦୃଷ୍ଟିକୋଣ ଆପଣାଇବେ, ପରିବେଶ ଓ ଜୀବଜଗତର ସୁରକ୍ଷା କରିବେ ଏବଂ 'ନେସନ ଫର୍ଷ୍ଟ' ଭାବନା ସହ ଦେଶର ସେବା କରିବେ ବୋଲି ରାଷ୍ଟ୍ରପତି ଆଶା ପ୍ରକାଶ କରିଛନ୍ତି ।

## ନେଟଓ୍ୱାର୍କ ନଥିବାରୁ ସରକାରୀ ଯୋଜନାରେ ସାମିଲ ପାଇଁ ସଂଘର୍ଷ

# ପୋଷଣ ସାମଗ୍ରୀ ପାଇଁ ବିଲରେ ଜଗି ରହୁଛନ୍ତି ହିତାଧିକାରୀ

**ବାରିପଦା :** ଡିଜିଟାଲ୍ ଯୁଗର ଡିଜିଟାଲ୍ ଯନ୍ତ୍ରଣା। ସରକାରୀ ଯୋଜନାରେ ସାମିଲ ହେବାକୁ ହେଲେ ଏବେ ଯନ୍ତ୍ରଣାକୁ ଆଦରି ନେବାକୁ ପଡୁଛି। ମୋବାଇଲ୍ ନେଟଓ୍ୱାର୍କ ଏବଂ ଗର୍ଭବତୀଙ୍କ ମଧ୍ୟରେ ଚାଲିଛି ଛକାପଞ୍ଝା। ଛତୁଆ ନେବାର ଅଛି ଯଦି, ବିଲ ଭିତରେ ଜଗିକି ବସ। ବିଲ ଭିତରେ ଗଛ ମୂଳରେ ମହିଳାମାନେ ରୁଣ୍ଡ ହୋଇଛନ୍ତି। ଆଉ କିଛି ମହିଳା ହାତରେ ଛୋଟ ଛୁଆଙ୍କୁ ଧରି ବିଲ ଭିତରେ ଏକମୁହାଁ ହୋଇ ଚାଲିଛନ୍ତି। ଆପଣ ଭାବୁଥିବେ କିଛି ବଡ଼ ଘଟଣା ଘଟିଛି ବୋଧେ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ, ଏ ସମସ୍ତେ ଗଛ ମୂଳରେ ନିଜ ପାଳିକୁ ଜଗି ବସିଛନ୍ତି। କାରଣ ଅଧା କିଲୋମିଟର ଚାଲି ଚାଲି ଆସିବା ପରେ ଯାଇ ଗର୍ଭବତୀ ଏବଂ ନେଟଓ୍ୱାର୍କ ମଧ୍ୟରେ ଚାଲିଥିବା ଛକାପଞ୍ଝାର ଅନ୍ତ ହେଉଛି। ଅର୍ଥାତ ଏହିଠାରେ ହିଁ ମୋବାଇଲ୍ ନେଟଓ୍ୱାର୍କ ଆସୁଛି ଆଉ ଇଣ୍ଟରନେଟ୍ ଚାଲୁଛି। ଯେଉଁଥିପାଇଁ ବିଲ ଭିତରେ ଗଛ ମୂଳରେ ଅଙ୍ଗନବାଡ଼ିରୁ ମିଳିବାକୁ ଥିବା ପୋଷଣ ସାମଗ୍ରୀ ପାଇଁ ଚାଲିଛି ଫେସ୍ କ୍ୟାପଚର୍ ଏବଂ କେଓ୍ୱାଇସି।



କପ୍ତିପଦା ବ୍ଲକ ନୋଟ୍ ଅଙ୍ଗନବାଡ଼ି କେନ୍ଦ୍ରରୁ ସାମ୍ନାକୁ ଆସିଛି ଏଭଳି ସାଙ୍ଘାତିକ ଚିତ୍ର। ଏହି କେନ୍ଦ୍ରର ୨୫ରୁ ଅଧିକ ହିତାଧିକାରୀଙ୍କୁ ପୋଷଣ ସାମଗ୍ରୀ ପାଇଁ ପ୍ରତି ମାସ ଏଭଳି ଯନ୍ତ୍ରଣା ଭୋଗିବାକୁ ପଡ଼େ। କେନ୍ଦ୍ର ନିକଟରେ ନେଟଓ୍ୱାର୍କ ଆସୁନଥିବାରୁ ଅଙ୍ଗନବାଡ଼ି କର୍ମୀ କେନ୍ଦ୍ରଠାରୁ ଅଧା କିଲୋମିଟର ଦୂର ପର୍ଯ୍ୟନ୍ତ ଚାଲି ଚାଲି ଯାଇଥାନ୍ତି। ହାତରେ ମୋବାଇଲ୍ ଧରି ନେଟଓ୍ୱାର୍କ ଖୋଜି ଖୋଜି ଆଗରେ ଚାଲନ୍ତି ଅଙ୍ଗନବାଡ଼ି ଦିଦି, ଆଉ ପଛେ ପଛେ ଗର୍ଭବତୀ ଓ ପ୍ରସୂତି। ଶେଷରେ ରାସ୍ତାରୁ ଓହ୍ଲାଇ ବିଲ ଭିତରେ ହିଡ଼ରେ ଚାଲି ସମସ୍ତେ ପହଞ୍ଚିଥାନ୍ତି ଏକ ଗଛ ନିକଟରେ, ଯେଉଁଠାରେ କରାଯାଏ ଫେସ୍ କ୍ୟାପଚର। ଏହା ଆଜିର ଚିତ୍ର ନୁହେଁ, ସରକାରୀ ସ୍ତରରେ ଫେସ୍ କ୍ୟାପଚର୍ ନିୟମ ଲାଗୁ ହେବା ଦିନଠାରୁ ଏମିତି ଚାଲିଛି। ଯଦି ମହିଳାମାନେ ନଆସିବେ, ତେବେ ପୁଷ୍ଟିକର ଖାଦ୍ୟ ପାଇବେ ନାହିଁ। ତେଣୁ ବିଲରେ କ୍ୟାପଚର୍ ସରିବା ପରେ ଅଙ୍ଗନବାଡ଼ିରୁ ପୋଷଣ ସାମଗ୍ରୀ ନେଇଥାନ୍ତି ହିତାଧିକାରୀ।

# ମାର୍ଚ୍ଚ-ଏପ୍ରିଲରେ ପଞ୍ଚାୟତ ନିର୍ବାଚନ

**ଭୁବନେଶ୍ୱର :** ରାଜ୍ୟରେ ଆସନ୍ତା ମାର୍ଚ୍ଚ ମାସ ଶେଷ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହରେ ପଞ୍ଚାୟତ ନିର୍ବାଚନ ହୋଇପାରେ। ଏନେଇ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି। ନିର୍ବାଚନ ପରିଚାଳନା ପାଇଁ କମିଶନଙ୍କ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଥିବା ବେଳେ ଏଥିପାଇଁ ଏକ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରକାଶ କରାଯିବ। ଭୋଟର ତାଲିକା ସଂଶୋଧନ ଓ ନୂତନ ନାମ ସାମିଲ ପାଇଁ ଅକ୍ଟୋବର ୨୪ ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ କରାଯିବ। ସର୍ଭେ ଶେଷ ହେବା ପରେ ଭୋଟର ତାଲିକା ସମ୍ପର୍କିତ ଆପତ୍ତି ଓ ଅଭିଯୋଗ ଗ୍ରହଣ କରାଯିବ ଏବଂ ଫେବୃଆରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ପଞ୍ଚାୟତଗୁଡ଼ିକର କାର୍ଯ୍ୟକାଳ ଫେବ୍ରୁଆରୀ ମାସରେ ଶେଷ ହେଉଥିଲେ ହେଁ, ବର୍ତ୍ତମାନ ଜନଗଣନା ପ୍ରକ୍ରିୟା ଜାରି ରହିଥିବାରୁ ନିର୍ବାଚନ ପ୍ରକ୍ରିୟାରେ ପ୍ରାୟ ମାସେ ବିଳମ୍ବ ହେଉଛି। ଜନଗଣନା ସରିବା ପରେ, ଅର୍ଥାତ ମାର୍ଚ୍ଚ ୫ ତାରିଖ ପରେ ନିର୍ବାଚନ ତାରିଖ ଆନୁଷ୍ଠାନିକ ଭାବେ ଘୋଷଣା ହୋଇପାରେ।

## ଭତ୍ତା ଯନ୍ତ୍ରଣାରେ ଛଟପଟ ଅଗଣିତ ବୟସ୍କ

# ଦିବ୍ୟାଙ୍ଗ ଓ ବିଧବା, ୬ମାସ ହେବ ଖାତାକୁ ଆସୁନି ଟଙ୍କା

**ଭୁବନେଶ୍ୱର :** ଆମ ଭାଗ୍ୟରେ କଣ ଆଉ ଭତ୍ତା ନାହିଁ ଏକଥା ପଚାରୁଛନ୍ତି ମାସ ମାସ ଧରି ଭତ୍ତା ଟଙ୍କାକୁ ଅପେକ୍ଷା କରିଥିବା ହିତାଧିକାରୀ । ଆଗରୁ ସବୁ ଠିକ୍‌ଠାକ୍ ଚାଲିଥିଲା, ଠିକ୍ ସମୟରେ ବ୍ୟାଙ୍କ ଖାତାକୁ ଭତ୍ତା ଟଙ୍କା ଆସୁଥିଲା । ହେଲେ ପ୍ରାୟ ୬ ମାସ ହେବ ଆଉ ଭତ୍ତା ମିଳୁନି ବୋଲି ଅଭିଯୋଗ କରିଛନ୍ତି ସେମାନେ। ସରକାରୀ ଅଧିକାରୀ ବି ଏକଥା ସ୍ୱୀକାର କରିଥିବା ବେଳେ, ଭତ୍ତା ଯାତନାରେ କେମିତି ପ୍ରାୟ ଅଢ଼େଇ ହଜାର ଲୋକ ନିଇତି ପେଶି ହେଉଛନ୍ତି, ଦେଖନ୍ତୁ ଝାରସୁଗୁଡ଼ାରୁ ଏହି ରିପୋର୍ଟରେ।



କିଏ ରୋଗରେ ପଡ଼ି ଶଯ୍ୟାଶାୟୀ, ଆଉ କିଏ ପହଞ୍ଚିଲାଣି ବୟସର ଶେଷ ପାହାଚରେ । ଏଭଳି ଅସହାୟ ଅବସ୍ଥାରେ ଭତ୍ତା ଟିକକ ହିଁ ଅନେକଙ୍କ ପାଇଁ ଜୀବନ ଜିଇଁବାର ଏକମାତ୍ର ସାଧନ । କିଏ ଭତ୍ତା ଟଙ୍କାରେ ଔଷଧ କିଣୁଥିଲା, କିଏ ସଉଦାପତ୍ର ଆଣୁଥିଲା। ହେଲେ ୬ ମାସରୁ ଅଧିକ ହେବ... ଖାତାକୁ ଭତ୍ତା ଆସୁନି, ଅଧିକାଂଶ ଦିନ ଚୁଲିରେ ଭାତ ବସୁନି। ବୟସ୍କ ଓ ଦିବ୍ୟାଙ୍ଗଙ୍କୁ ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବାକୁ ପଡୁଛି ସିନା, ଖାତାକୁ ଟଙ୍କାଟିଏ ବି ପଠାଉନାହାନ୍ତି ସରକାର । ଜଣେ କି ଦୁଇ ଜଣ ନୁହେଁ । ଝାରସୁଗୁଡ଼ା ଜିଲ୍ଲାର ପ୍ରାୟ ଅଢ଼େଇ ହଜାର ହିତାଧିକାରୀଙ୍କ ଭତ୍ତା ବନ୍ଦ ରହିଛି । ୫ଟି ଯାକ ବ୍ଲକ୍ ଓ ମ୍ୟୁନିସିପାଲିଟିର ହିତାଧିକାରୀଙ୍କ ସମାନ ଦୁଃଖ ।

ଆଜି ମିଳିବ କାଲି ମିଳିବ ବୋଲି, ପ୍ରତି ମାସରେ ଆଶା ନେଇ ହିତାଧିକାରୀ ମାନେ ଚାଲି ଚାଲି ନଚେତ୍ ଗାଡ଼ି ଭଡ଼ା କରି ବ୍ୟାଙ୍କ୍‌କୁ ଯାଉଛନ୍ତି । ହେଲେ ଘରକୁ ଫେରୁଛନ୍ତି ହତାଶାର ଗଣ୍ଠିଲିଟିଏ ଧରି । କେବେ ଭତ୍ତା ଟଙ୍କା ମିଳିବ, ଜୀବନ ପୁଣି ସୁରୁଖୁରୁରେ ଚାଲିବ, ସେ ଆଶା ଏବେ ନିରାଶାରେ ପରିଣତ ହେଲାଣି । ଆମ ଭତ୍ତା ଆମକୁ ଦେଇ ଦିଅ ବୋଲି ସରକାରଙ୍କୁ ଆକୁଳ ଗୁହାରି କରିଛନ୍ତି ସେମାନେ । ସେପଟେ ବୈଷୟିକ ତ୍ରୁଟି ଯୋଗୁ କିଛି ମାସ ହେବ ଝାରସୁଗୁଡ଼ା ଜିଲ୍ଲାରେ ୨୫ ଶହ ୧୩ ଜଣଙ୍କର ଭତ୍ତା ଟଙ୍କା ଆସିନାହିଁ ବୋଲି ସ୍ୱୀକାର କରିଛନ୍ତି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ। ସମସ୍ୟା ବାବଦରେ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି । ଆଗାମୀ ୧୦ ଦିନ ମଧ୍ୟରେ ଭତ୍ତା ମିଳିଯିବ ବୋଲି ସେ ଭରସା ଦେଇଛନ୍ତି ।

# ସରକାର ଚୁପ୍ : ଫୋନ୍ ଉଠାଉନାହାନ୍ତି ସରକାରୀ ବାବୁ !

**ଭୁବନେଶ୍ୱର :** ରାଜ୍ୟରେ ଏବେ ସରକାରୀ ବାବୁମାନେ ନୂଆ ନୀତି ଆପଣାଇଛନ୍ତି । ସେମାନେ ନିଜ ଅତ୍ୟନ୍ତ ବିଶ୍ୱସ୍ତ ଲୋକଙ୍କ ବ୍ୟତୀତ ଆଉ କାହା ଫୋନ ଉଠାଉ ନାହାନ୍ତି । ଏପରି କି ଜନ ପ୍ରତିନିଧିମାନେ ଯେତେବେଳେ ସାଧାରଣ ଲୋକଙ୍କ ପାଇଁ କଲ୍ କରୁଛନ୍ତି, ସେତେବେଳେ ଏହି ବାବୁମାନେ ବେଖାତିର କରୁଛନ୍ତି। ଆଉ ଫୋନକୁ ସିଧା ସାଇଲେଣ୍ଟ କରି ଦେଉଛନ୍ତି । ସରକାର ଯେଉଁ ମହତ ଉଦ୍ଦେଶ୍ୟ ନେଇ ସରକାରୀ କର୍ମଚାରୀଙ୍କୁ ସିଉଛି ମୋବାଇଲ ଦେଇଥିଲେ ତାହା କାହା ସ୍ୱାର୍ଥରେ ବୋଲି ଏବେ ସାଧାରଣ ଲୋକ ପ୍ରଶ୍ନ କଲେଣି। ସରକାରୀ କର୍ମଚାରୀଙ୍କ କଲ୍ ରେକଡ଼ି ଓ ଭିଜିଲାନସ୍ କୁ ଭୟ ଯୋଗୁ ଫୋନ କଲ ଉଠାଉ ନ ଥିବା ଚର୍ଚ୍ଚା ହେଉଛି। ଯେଉଁ

ସରକାରୀ ବାବୁମାନେ ପୋନ୍ ଉଠାଇ ନାହାରି ସେହିଁ ଭାଗ ମଧ୍ୟରେ ଅଛରି ପରିଏ ବିଭାଗ, ରାଜସ୍ୱ, ଫରେଷ୍ଟ, ଇଂଜିନିୟରିଂ, ଅବକାରୀ, ଓ ଆଇଟିଡିଏସ୍ ବିଭାଗ ଅଦି ଓ ଏ ସବୁ ବିଭାଗରେ କାମ କରୁଥିବା ବାବୁମାନଙ୍କର ଏହା ଏବେ ଅଭ୍ୟାସରେ ପରିଣତ ହୋଇ ଗଲାଣି । କେବଳ ଏହି ୬ଟି ବିଭାଗ କାହିଁକି ରାଜ୍ୟ ସରକାରଙ୍କ ଏକାଧିକ ବିଭାଗର ବାବୁମାନଙ୍କର ଏହା ନିତି ଦିନିଆ କଥା ହୋଇ ଗଲାଣି । କିଏ ? କାହିଁକି ଫୋନ୍ କରିଛି ? କ'ଣ ଅସୁବିଧାରେ ଅଛି, ବାବୁମାନେ କିନ୍ତୁ ଶୁଣିବା ମୁଡ଼ରେ ନାହାନ୍ତି । ଫୋନ୍ ବାରମ୍ବାର ରିଙ୍ଗ୍ ହେଲା ପରେ ମଧ୍ୟ କଲ ବ୍ୟାକ୍ କରୁ ନାହାନ୍ତି । କାହିଁକି ଏହି ସରକାରୀ ବିଭାଗ ବାବୁମାନେ ଫୋନ୍ ଉଠାଇ ନାହାନ୍ତି ତାକୁ ନେଇ ସାଧାରଣ ଲୋକ ଏବେ ଚିନ୍ତାରେ ଏବଂ ଅସନ୍ତୁଷ୍ଟ ।

ଅନେକ ସମସ୍ୟାରେ ପଡୁଛନ୍ତି । ଯାହା ଗୋଟିଏ ଗୋଟିଏ ଫୋନ କଲରେ ହେବା କଥା, ସେଥି ପାଇଁ ମାଇଲ ମାଇଲ ବାଟ ଯିବାକୁ ପଡୁଛି । ଅଯଥାରେ ଲୋକେ ଖର୍ଚ୍ଚାନ୍ତ ହେଉଛନ୍ତି ସାଧାରଣ ଲୋକ । ବିଶେଷକରି ଆଦିବାସୀ ଅଧୁଷିତ ଜିଲ୍ଲାରେ ଏହି ସମସ୍ୟା ଅଧିକ ହେଉଛି । ଗୋଟିଏ ପଟେ ରାଜ୍ୟ

ଆଇଟିଡିଏସ୍ ବିଭାଗ ଆଗରେ ଜନପ୍ରତିନିଧିମାନଙ୍କ ଫୋନ ମଧ୍ୟ ଧରୁ ନାହାନ୍ତି ପୁଲିସ, ରାଜସ୍ୱ, ଫରେଷ୍ଟ, ଇଂଜିନିୟରିଂ, ଅବକାରୀ, ଡାକ୍ତର ଦୁର୍ନୀତିଖୋର ଅଫିସରଙ୍କୁ କଲ୍ ରେକର୍ଡିଙ୍ଗ ଭୟ କାଳେ ଭିଜିଲାନସ୍ ଟ୍ରାପ୍ ହୋଇ ଯିବେ କି ? ସରକାର ସରକାରୀ ବାବୁମାନଙ୍କୁ ଯୋଗାଯୋଗ କରିବାକୁ ନିର୍ଦ୍ଦିଷ୍ଟ ଭାବେ ମୋବାଇଲ ଫୋନ୍ ଓ ସିମ୍ ଯୋଗାଇ ଦେଲେ। ବାବୁମାନଙ୍କ ବଦଳି ପରେ ମଧ୍ୟ ମୋବାଇଲ୍ ନମ୍ବର ସମାନ ରହିବ । ଏହି କାରଣରୁ ସାଧାରଣ ଲୋକଙ୍କ ଯୋଗାଯୋଗରେ କୌଣସି ସମସ୍ୟା ହେବ ନାହିଁ । କିନ୍ତୁ ବାବୁମାନେ ସେହି ସରକାରୀ ମୋବାଇଲ ଫୋନ୍ ଧରିବା ବଦଳରେ ଅନ୍ୟ ତନିଆ କର୍ମଚାରୀମାନଙ୍କୁ ଧରାଇ ଦେଉଛନ୍ତି । ଯଦି କେହି ସାଧାରଣ ଲୋକଟିଏ ଫୋନ୍ କରୁଛି ଉତର ମିଳୁଛି, ସାର ବ୍ୟସ୍ତ ଅଛନ୍ତି। ବିଶେଷକରି ପୁଲିସ, ରାଜସ୍ୱ, ଶିକ୍ଷା, ବନ, ଇଂଜିନିୟରିଂ ଓ ବିଭିନ୍ନ ପ୍ରକଳ୍ପ ରେ କାମ କରୁ ଥିବା ବାବୁମାନଙ୍କର ଫୋନ୍ ନ ଉଠାଇବା କିଛି ବଡ଼ କଥା ନୁହେଁ । ଏ ସମ୍ପର୍କରେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ କହିଛନ୍ତି, ଆମ ବେଳେ ଲ୍ୟାଣ୍ଡଲାଇନ୍ ଟେଲିଫୋନ୍ ଫୋନ ଥିଲା । ଯିଏ ଫୋନ୍ କରୁଥିଲା କଥା ହେଉଥିଲା । ଏହା ପରେ ନି-ପ୍ୟାଡ୍ ମୋବାଇଲ ଫୋନ୍ ଆସିଲା । ଏବେ ସ୍ମାର୍ଟ ଫୋନ । ସମସ୍ତଙ୍କ ହାତରେ ଏବେ ଗୋଟିଏ ଗୋଟିଏ ଏହି ସ୍ମାର୍ଟ ଫୋନ୍ । ଯେଉଁଥିରେ ଅଟୋ କଲ୍ ରେକର୍ଡିଂ ବ୍ୟବସ୍ଥା ରହୁଛି । ବିଭିନ୍ନ ଆପ ମଧ୍ୟ ଆସିଗଲାଣି । କଥାବାର୍ତା ରେକର୍ଡିଂ ହେଲେ ଜଣା ପଡ଼ିବ ନାହିଁ ମଧ୍ୟ । ତେଣୁ ଯାହା ସରକାରୀ ବାବୁମାନେ କଥା ହେଉଛନ୍ତି, ତାର ରେକର୍ଡିଂ ହୋଇ ଯାଉଛି । ଭଲ କଥା ହେଲେ ରେକର୍ଡିଂ, ଖରାପ କଥା ରେକର୍ଡିଂ। ଗାଳିଗୁଲଜଠାରୁ ଆରମ୍ଭ କରି ପ୍ରେମାଳପ ସବୁର ରେକର୍ଡିଂ ହୋଇ ରହୁଛି ।

## ନିଜର ଘର ନାହିଁ, ତଥାପି କରୁଛନ୍ତି ସେବା

# ମୂଲ ଲାଗି ପେଟ ପୋଷୁଛନ୍ତି ସରପଞ୍ଚ ଦମ୍ପତି



**ରାୟଗଡ଼ା :** ଜନପ୍ରତିନିଧି କହିଲେ ଆଖି ଆଗରେ ଆସେ ନେତାଙ୍କ ବଡ଼ ବଡ଼ ଘର, ଗାଡ଼ି ଓ ସୁବିଧାସୁଯୋଗ । ହେଲେ ରାୟଗଡ଼ାର ଏହି ସରପଞ୍ଚ ଦମ୍ପତିଙ୍କ କାହାଣୀ ସମ୍ପୂର୍ଣ୍ଣ ଭିନ୍ନ। ନିଜ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡିଏ ନାହିଁ। ପେଟ ପୋଷିବା ପାଇଁ ମୂଲ ଲାଗିବାକୁ ପଡୁଛି । ହେଲେ ଏତେ କଷ୍ଟ ଭିତରେ ବି ଲୋକଙ୍କ ସେବାକୁ ଭୁଲିନାହାନ୍ତି । ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକର ଦୁର୍ଗମ ଡିମିରିଗୁଡ଼ା ପଞ୍ଚାୟତ । ଏହି ପଞ୍ଚାୟତର ସରପଞ୍ଚ ହେଉଛନ୍ତି ଚୁମୁଲି ମାଝୀ । ତାଙ୍କ ସ୍ୱାମୀ ସାନ ମାଝୀ ପୂର୍ବତନ ସରପଞ୍ଚ । ଦୀର୍ଘ ୧୦ ବର୍ଷ ଧରି ସ୍ୱାମୀ-ସ୍ତ୍ରୀ ଉଭୟେ ନିର୍ଦ୍ଵନ୍ଦ୍ୱରେ ସରପଞ୍ଚ ଭାବେ ନିର୍ବାଚିତ ହୋଇ ଲୋକଙ୍କ ସେବା କରିଆସୁଛନ୍ତି। ହେଲେ ନିଜର ରହିବା ପାଇଁ ଘରଟିଏ ମଧ୍ୟ ନାହିଁ। ପଞ୍ଚାୟତ କାର୍ଯ୍ୟାଳୟର ଏକ ଛୋଟ କୋଠରୀକୁ ନିଜର ଠିକଣା କରି ରହୁଛନ୍ତି ଏହି ଦମ୍ପତି।

ଜୀବନ ଚଳାଇବା ପାଇଁ ସାନ ମାଝୀ ଜଙ୍ଗଲ ବିଭାଗର ନର୍ସରୀରେ ଜଗୁଆଳି ଓ ଦିନମଜୁରିଆ ଭାବେ କାମ କରୁଛନ୍ତି, ଯାହା ରୋଜଗାର ହେଉଛି, ସେଥିରେ କଷ୍ଟେମଷ୍ଟେ ପରିବାର ଚଳାଉଛନ୍ତି। ନିଜ ଆବଶ୍ୟକତା ପୂରଣ କରିବା କଷ୍ଟକର ହେଉଥିଲେ ବି, ରୋଜଗାରରୁ ଲୋକଙ୍କୁ ସାହାଯ୍ୟ କରିବାରୁ ପଛଘୁଞ୍ଚା ଦେଉନାହାନ୍ତି । ନିଜ ପେଟ ପାଇଁ ସଂଘର୍ଷ କରୁଥିବା ଏହି ଦମ୍ପତି ନିଜ ଅଞ୍ଚଳର ଲୋକଙ୍କ ସୁଖଦୁଃଖରେ ସବୁବେଳେ ଛିଡ଼ା ହୋଇଆସିଛନ୍ତି । ଦୀର୍ଘ ୧୦ ବର୍ଷ ଧରି ଲୋକଙ୍କ ପ୍ରତିନିଧି ଭାବେ କାମ କରିଆସୁଥିଲେ ମଧ୍ୟ ଏହି ଦମ୍ପତିଙ୍କ ଦୁର୍ଦ୍ଦଶା ଉପରେ ଏଯାଏଁ ସରକାରଙ୍କ ଦୃଷ୍ଟି ପଡ଼ିନଥିବା ଅଭିଯୋଗ ହୋଇଛି । କୌଣସି ବଡ଼ ସରକାରୀ ସୁବିଧା କିମ୍ବା ସାହାଯ୍ୟର ଆଶା ନକରି ନିଜ ଶ୍ରମରେ ଜୀବନ କାଟୁଛନ୍ତି।

ଶାସନ କ୍ଷମତାରେ ରହି ନାମ ଓ ପ୍ରତିଷ୍ଠା ହାସଲ କରୁଥିବା ଜନପ୍ରତିନିଧିଙ୍କ ଭିଡ଼ ଭିତରେ ସାନ ଓ ଚୁମୁଲି ମାଝୀଙ୍କ କାହାଣୀ ନିଶ୍ଚିତ ଭାବେ ନିଆରା । ନିଜ ପାଇଁ ସୁବିଧା ନଥିଲେ ବି ଲୋକଙ୍କ ପାଇଁ ସେବା କରିବାର ମନୋଭାବ ଏମାନଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରିଛି।

# ୭ଦିନ ଭିତରେ ସଂଶୋଧିତ ସାଇନବୋର୍ଡ ଲଗାଅ

**ଭୁବନେଶ୍ୱର:** ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ଓଡ଼ିଆ ଉଚ୍ଚାରଣ ସହ ସମନ୍ୱୟ ରଖି ସଂଶୋଧିତ ହୋଇଥିବା ବିଭିନ୍ନ ସ୍ଥାନନାମର ଇଂରାଜୀ ବନାନକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନରେ ସମାନ ଭାବେ ବ୍ୟବହାର ସୁନିଶ୍ଚିତ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଏ ସମ୍ପର୍କରେ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖି ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନର ନାମଫଳକ ତଥା ସାଇନ୍‌ବୋର୍ଡ୍ ଗୁଡ଼ିକରେ ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତିକ୍ଷ



ପ୍ରକାଶ ଥାଉ କି, ଗତ ୨୨ ଜୁନ୍, ୨୦୨୬ରେ ଓଡ଼ିଶା ସରକାରଙ୍କ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ସଂଶୋଧିତ ବନାନକୁ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକର ସାଇନ୍‌ବୋର୍ଡରେ ଏକ ମାସ ମଧ୍ୟରେ ଲାଗୁ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ସେହିପରି, ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ପାଇଁ ଛଅ ମାସର ସମୟସୀମା ରଖାଯାଇଛି କ୍ଷ ସରକାରଙ୍କ ଏହି ନିଷ୍ପତ୍ତି ଅନେକ ଜିଲ୍ଲାରେ ସଫଳତାର ସହ କାର୍ଯ୍ୟକାରୀ ହୋଇଛି। ଏହାର ଅଂଶସ୍ୱରୂପ Angulକୁ Anugola, Balasoreକୁ Baleshwar, Kendraparaକୁ Kendrapada ଏବଂ Cuttackକୁ KATAKA ଭାବେ ସଂଶୋଧିତ ଇଂରାଜୀ ବନାନରେ ବ୍ୟବହାର କରାଯାଉଛି।

ତେବେ, କେତେକ ସରକାରୀ କାର୍ଯ୍ୟାଳୟର ସାଇନ୍‌ବୋର୍ଡରେ ଏପର୍ଯ୍ୟନ୍ତ ପୁରୁଣା ଇଂରାଜୀ ବନାନ ବ୍ୟବହୃତ ହେଉଥିବା ରାଜ୍ୟସରକାରଙ୍କ ଦୃଷ୍ଟିଗୋଚର ହୋଇଛି । ଏଥିମଧ୍ୟରେ Jeypore ଏବଂ Soro ଭଳି ପୁରୁଣା ବନାନ ମଧ୍ୟ ରହିଛି। ଏଗୁଡ଼ିକର ସ୍ଥାନରେ ସରକାରଙ୍କ ଦ୍ୱାରା ଅନୁମୋଦିତ Jayapur ଏବଂ Sora ବନାନ ବ୍ୟବହାର ସୁନିଶ୍ଚିତ କରିବାକୁ କୁହାଯାଇଛି।

ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ସରକାରୀ ସ୍ଥାନନାମରେ ସଂଗତି ବଜାୟ ରଖିବା ଅତ୍ୟାବଶ୍ୟକ। ସରକାରୀ ସାଇନ୍‌ବୋର୍ଡରେ ପୁରୁଣା ବନାନର ବ୍ୟବହାର ଜାରି ରହିଲେ ସରକାରୀ ନାମକରଣରେ ଅସଙ୍ଗତି ସୃଷ୍ଟି ହେବା ସହ କ୍ୟାବିନେଟ୍ ନିଷ୍ପତ୍ତିର ଉଦ୍ଦେଶ୍ୟ ପ୍ରଭାବିତ ହେବ। ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ସରକାରୀ ସାଇନ୍‌ବୋର୍ଡର ସମୀକ୍ଷା କରି ସଂଶୋଧିତ ଇଂରାଜୀ ବନାନର ସମାନ ଓ ସମୁଚିତ ବ୍ୟବହାର ସୁନିଶ୍ଚିତ କରିବାକୁ କୁହାଯାଇଛି। ଏଥିସହ ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ମଧ୍ୟ ଏହି ପରିବର୍ତ୍ତନକୁ ସକରାତ୍ମକ ଭାବେ ଗ୍ରହଣ କରି ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ଏହି କାର୍ଯ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ସହ ଏ ସମ୍ପର୍କରେ ଏକ ସପ୍ତାହ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

# ଚିଠି-ବାର୍ତ୍ତା ଓ ସଂସ୍କୃତିର ବାହକ

ଦିନ ଥିଲା ଚିଠି ଏକ ବଳିଷ୍ଠ ମାଧ୍ୟମ ରୂପେ କାମ କରୁଥିଲା । ଦେଶ ବିଦେଶ, ଗାଁ ସହରରେ ରହୁଥିବା ବନ୍ଧୁବାନ୍ଧବ, ସାଙ୍ଗସାଥୀ, ପରିବାରଜନଙ୍କ ମଧ୍ୟରେ ଏକମାତ୍ର ସଂଯୋଗ ସ୍ଥାପନ କରୁଥିଲା ଚିଠି । ଖାଲି ଆଧୁନିକ ସମାଜ ନୁହେଁ ପୁରାଣ ଯୁଗରେ ମଧ୍ୟ ଚିଠିର ମାହାତ୍ମ୍ୟ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା । ବିବାହ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ଚିଠି (ଚିଟାଉ)ର ପ୍ରାଧାନ୍ୟ ଥିଲା । ବନ୍ଧୁ ହେବାକୁ ଥିବା ପୁଅଝିଅଙ୍କ ପିତାମାତା ଚିଟାଉ ମାଧ୍ୟମରେ ସ୍ୱୀକୃତି ପ୍ରଦାନ କରୁଥିଲେ । ପୁରାଣରେ ବର୍ଣ୍ଣିତ ଅଛି- ଶ୍ରୀକୃଷ୍ଣ ମାମୁ କଂସଙ୍କୁ ଚିଠି ଦେଇଥିଲେ ତାଙ୍କ ରାଜ୍ୟକୁ ଯିବାର ଅନୁମତି ପାଇଁ ।

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ବହୁ ସମୟରେ ତାଙ୍କର ଅଭିଜ୍ଞତାରୁ ଚିଠି ଲେଖିଥିଲେ କନ୍ୟା ଇନ୍ଦିରା ଗାନ୍ଧୀଙ୍କୁ । ଯାହା ବହି ଆକାରରେ ପ୍ରକାଶ ହୋଇ ପାଠ୍ୟ ଖସଡ଼ାରେ ଯୋଡ଼ି ହୋଇଥିଲା । ପ୍ରେମ ଓ ସଂସ୍କୃତିର ଏକମାତ୍ର ବାହକ ଥିଲା ଚିଠି ।

ଖୁସିର କଥା ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍ ଅଧ୍ୟାପକ ବିଶ୍ୱରଂଜନଙ୍କ ସମ୍ପାଦନାରେ ପ୍ରକାଶିତ ତ୍ରୈମାସିକ ପତ୍ରିକା "ଚିଠି"ର ଏକ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଥିଲା । ବହୁ ପୁରୁଣା ଓ ଉପାଦେୟ ଚିଠିକୁ ସଂଗ୍ରହ କରି ପତ୍ରିକାରେ ସ୍ଥାନିତ କରୁଥିବା ଏକ ବଳିଷ୍ଠ ପଦକ୍ଷେପ। ଅନୁଷ୍ଠିତ ଉତ୍ସବରେ ବହୁ ବିଶିଷ୍ଟ ଓ ବରିଷ୍ଠ ସାହିତ୍ୟିକମାନେ ଚିଠି ସମ୍ପର୍କରେ ତାଙ୍କର ଅନୁଭୂତି ବର୍ଣ୍ଣନା ଅତି ଚମତ୍କାର ଓ ଆବେଗଭରା ହୋଇଥିଲା । ମୋ ଜାଣିବାରେ ବିଶିଷ୍ଟ ସମାଜସେବୀ ତଥା ସଂଗ୍ରାହକ ସମସ୍ତଙ୍କର ଆଦରଣୀୟ ଦାସିଆ ଅଜା (ଦାଶରଥି ପଟ୍ଟନାୟକ) ପୋଷ୍ଟକାର୍ଡ଼ ମାଧ୍ୟମରେ ସାରା ଓଡ଼ିଶାରେ ପରିଚିତ ହୋଇପାରିଥିଲେ ।

ନିକଟରେ ପ୍ରଧାନମନ୍ତ୍ରୀ ମୋଦୀ ଛାତ୍ରମାନଙ୍କୁ କହିଥିଲେ, ଏକ ଚିଠି ଲେଖ, 'ପ୍ରିୟ ପରୀକ୍ଷା ! ମୁଁ ତୁମକୁ ହରାଇ ଦେବି'। ବହୁତ କିଛି ଶିଖିବା ପରେ ମୁଁ ଆସିଛି ଓ ପୂର୍ଣ୍ଣ ପ୍ରସ୍ତୁତ ଅଛି ।

ଆଜିକାଲି ସୋସିଆଲ ମିଡ଼ିଆ ଯୁଗରେ ହାତଲେଖା ଚିଠିର ଗୁରୁତ୍ୱ କମିଯାଇଛି । ଆଉ ଗାଁ ଲୋକେ ପୋଷ୍ଟମ୍ୟାନକୁ ଚିଠିଟିଏ ପାଇଁ ଚାତକ ପରି ଅନେଇ ରହୁନାହାନ୍ତି । ପ୍ରେମ କରିବା ପାଇଁ ଆଉ ଚିଠିର ଆବଶ୍ୟକତା ଅନୁଭବ କରୁନାହାନ୍ତି । କିନ୍ତୁ ଚିଠି ରହିଯାଏ ଯୁଗ ଯୁଗ ପାଇଁ ମନଭିତରେ ସ୍ମୃତି ଭାବରେ, ଫାଇଲ ଭିତରେ ଏକ ଦସ୍ତାବିଜ୍ ଭାବରେ । ଚିଠିଟିଏ ଦୂର ବିଦେଶରୁ ଆତ୍ମୀୟ ଲୋକଙ୍କ ପାଖରୁ ପାଇବା ପାଇଁ ଯେଉଁ ବ୍ୟଗ୍ରତା, ଯେଉଁ ଆନନ୍ଦ ତାହା ଅବର୍ଣ୍ଣନୀୟ, ତାହାହିଁ ଆବେଗର କଥା ।

ହୃଦୟର ଆବେଗତା ହିଁ ଚିଠିରେ ପ୍ରକାଶିତ ହୋଇଥାଏ । ହୃଦୟର ଆବେଗତା ଓ ମନର କଥା ଯାହା ଖୋଲି କହିହୁଏ ନାହିଁ, ତାହା ଲେଖିହୁଏ ଚିଠିରେ । ଚିଠି ପଢ଼ାର ଆନନ୍ଦ ମୋବାଇଲ ଫୋନ୍ ପ୍ରେରିତ ବାର୍ତ୍ତା ପଠନରୁ ମିଳେନାହିଁ । ମନ ସହିତ ହାତ ଯୋଡ଼ି ହୋଇଥାଏ ଚିଠି ଲେଖାରେ । ଚିଠି ଲେଖିବା ଏବଂ ପଢ଼ିବା ଆମ ସଂସ୍କୃତିର ଏକ ମହାନ୍ ପରିଚୟ । ପରିତାପର ବିଷୟ, ସମସ୍ତେ ଆଜି ଚିଠିକୁ ଭୁଲିଗଲେଣି । କିନ୍ତୁ ଚିଠି ସଂସ୍କୃତିକୁ ଆମେ ଉଜ୍ଜୀବିତ କରିବା ଆବଶ୍ୟକ । ଚିଠିର ଗୁରୁତ୍ୱକୁ ସମସ୍ତେ ହୃଦ୍‌ବୋଧ କରିବା ଆବଶ୍ୟକ, ଯାହାଫଳରେ ଆମର ଏକ ଗୌରବମୟ ପରମ୍ପରା ପୁଣି ଋଦ୍ଧିମନ୍ତ ହେବ । ■

# ଗୀତାର ଶ୍ଳୋକସଂଖ୍ୟା

■ ସୀମାଞ୍ଚଳ ପଣ୍ଡା

ସନାତନ ଧର୍ମର ସାହିତ୍ୟ ଜଗତରେ ବେଦ ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ୍ ପୁରାଣ, ଦର୍ଶନ ଏବଂ ସୂତ୍ରଗ୍ରନ୍ଥ ଆଦି ଧାର୍ମିକ ଏବଂ ଆଧ୍ୟାତ୍ମିକ ଗ୍ରନ୍ଥ ରହିଛି । ଏହା ବ୍ୟତୀତ ଧାର୍ମିକ ଏବଂ ଆଧ୍ୟାତ୍ମିକ ସାହିତ୍ୟ ଯଥା :- ଇତିହାସ ଏବଂ ପୁରାଣଶାସ୍ତ୍ର ମଧ୍ୟ ରହିଛି। ବେଦର ତତ୍ତ୍ୱ, ଜ୍ଞାନ, ବିଜ୍ଞାନକୁ ମନୋରଂଜନ, ରୁଚିପୂର୍ଣ୍ଣ ଆଖ୍ୟାନ ଏବଂ ଉପାଖ୍ୟାନ ମାଧ୍ୟମରେ ଚମତ୍କାର କୌଶଳତା ଅବଲମ୍ବନ ପୂର୍ବକ ଇତିହାସ ଏବଂ ପୁରାଣ ସାହିତ୍ୟ ସୃଷ୍ଟି କରାଯାଇଛି । ସାଧାରଣ ଜନତାଙ୍କୁ ଧର୍ମ, ଆଧ୍ୟାତ୍ମିକତା ଏବଂ ଭାରତୀୟ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ସଚେତନ କରାଇବାରେ ପୁରାଣ ଏବଂ ଇତିହାସ ପ୍ରମୁଖ ଭୂମିକା ରହିଛି । ବୈଦିକ ସାହିତ୍ୟର ତତ୍ତ୍ୱବୋଧ, ପ୍ରଚାର, ପ୍ରସାର ଦିଗରେ ଇତିହାସ ଓ ପୁରାଣର ଯଥେଷ୍ଟ ଅବଦାନ ରହିଛି । ସନାତନ ଧର୍ମର ବୈଦିକ ସାହିତ୍ୟ ବିଶାଳ ବୃକ୍ଷ ହେଲେ ପୁରାଣ ଏବଂ ଇତିହାସ ଏହି ବୃକ୍ଷର ସୁଗନ୍ଧିତ ପୁଷ୍ପ ଏବଂ ଫଳ ସଦୃଶ । ଏଥିପାଇଁ କୁହାଯାଇଛି:

ଇତିହାସ ପୁରାଣାଭ୍ୟାଂ ବେଦଂ ସମୁପବୃଂହୟେତ୍ ।
ବିଭେତ୍ୟଳ୍ପଶ୍ରୁତାଦ୍ ବେଦ ମାମୟଂ ପ୍ରହରିଷ୍ୟତି ॥

ଇତିହାସ ଏବଂ ପୁରାଣ ମାଧ୍ୟମରେ ବେଦର ଭାବ, ତତ୍ତ୍ୱ, ଅର୍ଥ ଉପାଦେୟତା ଏବଂ ଉପଯୋଗିତା ପରିପୁଷ୍ଟ ହୋଇଛି । ଏହି ଶାସ୍ତ୍ର ଦ୍ୱାରା ବେଦର ତାତ୍ତ୍ୱିକ ବିଷୟକୁ ସହଜରେ ବୁଝି ହୁଏ ।

ଆଦିକବି ବାଲ୍ମିକୀ ମହର୍ଷିକୃତ ରାମାୟଣ ଏବଂ ଜ୍ଞାନାବତାର ମହର୍ଷି ବ୍ୟାସଦେବଙ୍କ କୃତ ମହାଭାରତକୁ ଭାରତୀୟ ସାହିତ୍ୟରେ ଇତିହାସର ମାନ୍ୟତା ପ୍ରଦାନ କରାଯାଇଛି । ଏହି ଦୁଇଟି କାଳଜୟୀ ଇତିହାସ ଗ୍ରନ୍ଥ ବ୍ୟତୀତ ଆମର ଅଷ୍ଟାଦଶପୁରାଣ ଗ୍ରନ୍ଥ ରହିଛି । ବେଦର ଅର୍ଥ ଓ ତତ୍ତ୍ୱକୁ ପରିଶୀଳନ କରିଥିବା ମହର୍ଷିମାନଙ୍କ ଉପନିଷଦ ଜ୍ଞାନ ଏବଂ ଦର୍ଶନଜ୍ଞାନ ଗମ୍ଭୀର, କଠିନ ଏବଂ ଗରିଷ୍ଠ ହୋଇ ରହିଛି । ସେହି ଗଭୀର ଜ୍ଞାନ ଇତିହାସ ଓ ପୁରାଣଗ୍ରନ୍ଥ ମାନଙ୍କରେ ବିଭିନ୍ନ ଅଖ୍ୟାନ, ଉପାଖ୍ୟାନ ଏବଂ ଚରିତ ମାଧ୍ୟମରେ ସରଳ, ପ୍ରାଞ୍ଜଳ ଏବଂ ସୁବୋଧ ହୋଇ ଯାଇଛି। ବ୍ୟାସଦେବ ବେଦକୁ ବିଭାଜନ କରି ବେଦବ୍ୟାସ ନାମରେ ନାମିତ ହେଲେ । ଏହା ଶ୍ଳୋକରେ ପ୍ରକାଶିତ ହୋଇଛି ଯେ "ବେଦଂ ବିବ୍ୟାସ ଯସ୍ମାତ୍ତୁ ବେଦବ୍ୟାସଃ ପ୍ରକୀର୍ତ୍ତିତଃ ।" ଠିକ୍ ସେହିପରି ପୁରାଣର ସଂହିତାକୁ ପଠନ-ପାଠନର ସୁବିଧାକୁ ବିଚାର କରି ବ୍ୟାସଦେବ ଅଠର ଭାଗରେ ବିଭକ୍ତ କରିଥିବା ବିଚାର କରାଯାଏ । ଏହି ଦୃଷ୍ଟିରୁ କୁହାଯାଇଛି "ଅଷ୍ଟାଦଶପୁରାଣାନାଂ କର୍ତ୍ତା ସତ୍ୟବତୀ ସୁତଃ ।" ବ୍ୟାସଦେବ ପୁରାଣ ସଂହିତାକୁ ଭାଗ ଭାଗ କଲେ ଏବଂ ତାହା ଗୋଟିଏ ଗୋଟିଏ ମହାପୁରାଣ ନାମରେ ନାମିତ ହେଲା । ଏହି ଅଷ୍ଟାଦଶପୁରାଣର ନାମ ଶ୍ରୀମଦ୍‌ଭାଗବତ, ବିଷ୍ଣୁପୁରାଣ ଏବଂ ଦେବୀ ଭାଗବତରେ ବର୍ଣ୍ଣିତ ହୋଇଛି । ବେଦର ତତ୍ତ୍ୱକୁ ବୁଝିବା ପାଇଁ ପୁରାଣ ଏବଂ ଇତିହାସ ସୃଷ୍ଟି ହୋଇଥିବା ହେତୁ ଇତିହାସ ଓ ପୁରାଣଶାସ୍ତ୍ରକୁ 'ପଞ୍ଚମବେଦ' କୁହାଯାଇଛି । ଭାଗବତର ଚତୁର୍ଥ ସ୍କନ୍ଦର ଚତୁର୍ଥ ଅଧ୍ୟାୟରେ ଲେଖାଅଛି "ଇତିହାସ ପୁରାଣାଂ ଚ ପଞ୍ଚମୋ ବେଦ ଉଚ୍ୟତେ ।" ଏହି ଚତୁର୍ଥ ଅଧ୍ୟାୟର ପଞ୍ଚବିଂଶତି ଶ୍ଳୋକରେ ଲେଖାଅଛି -"ସ୍ତ୍ରୀ, ଶୁଦ୍ର ଏବଂ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏହି ତିନି ଜାତି ମଧ୍ୟରେ ଥିବା ପତିତ ଏବଂ ଅଧମ ଲୋକମାନେ ବେଦ-ବିମୁଖ । ଏହିପରି ଲୋକମାନଙ୍କର କିପରି କଲ୍ୟାଣ ହେବ ତାହା ଚିନ୍ତା କରି ବ୍ୟାସଦେବ 'ମହାଭାରତ' ନାମକ ଇତିହାସ ରଚନା କଲେ ।" ଏଥିରୁ ପ୍ରମାଣିତ ହୁଏ ଯେ ବେଦ-ବେଦାନ୍ତର ତତ୍ତ୍ୱ ହିଁ ଆଖ୍ୟାନ ଏବଂ ଉପାଖ୍ୟାନ ମାଧ୍ୟମରେ ମହାଭାରତରେ ପ୍ରତିଫଳିତ ହୋଇଛି ।

ମହାଭାରତରେ ଭୀଷ୍ମପର୍ବରେ ୨୫ ଅଧ୍ୟାୟରୁ ୪୨ ଅଧ୍ୟାୟରେ ଶ୍ରୀକୃଷ୍ଣଙ୍କ ମୁଖନିଃସୃତବାଣୀ ହିଁ 'ଶ୍ରୀମଦ୍ ଭଗବଦ୍ ଗୀତା' । ଏହି ଅଠରଟି ଅଧ୍ୟାୟ ଅଠରଟି 'ଯୋଗ' ନାମରେ ନାମିତ ହୋଇଛି । ଈଶ୍ୱରଙ୍କଠାରେ ଈଶ୍ୱରୀୟ ସତ୍ତାରେ ନିଜକୁ ଯୋଡ଼ିବା ଅର୍ଥାତ୍ ଯୋଗ କରିବା ହିଁ 'ଯୋଗ' । ଯେଉଁ ଜ୍ଞାନ, ଚିନ୍ତନ ଏବଂ କ୍ରିୟାଦ୍ୱାରା ଈଶ୍ୱରଙ୍କଠାରେ ନିଜକୁ ଯୋଗ କରାଯାଇପାରିବ, ତାହା ହିଁ ଗୀତାର ଅଠର ଯୋଗ । ଈଶ୍ୱରଙ୍କଠାରେ ଯୋଗ କରିବାର ଜ୍ଞାନ ଓ କ୍ରିୟାକୁ ୧୮ଟି ପନ୍ଥା ବା ମାର୍ଗ ମାଧ୍ୟମରେ ଯେଉଁ କୌଶଳ ବା ତରିକା ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ମୁଖରୁ ନିଃସୃତ ହୋଇଛି ତାହାହିଁ ଗୀତାର ୧୮ ଅଧ୍ୟାୟ। ଏହି ଅଠରଟି ଅଧ୍ୟାୟରେ ବେଦାନ୍ତ ବା ଉପନିଷଦ୍‌ର କ୍ରିୟାନ୍ୱିତ ତତ୍ତ୍ୱ ହିଁ ବର୍ଣ୍ଣିତ ହୋଇଛି । ଗୀତା ଉପନିଷଦ୍‌ର ସାରତତ୍ତ୍ୱ ହୋଇଥିବାରୁ ଗୀତାଶାସ୍ତ୍ରକୁ 'ଗୀତୋଉପନିଷଦ୍' କୁହାଯାଇଛି । ଗୀତା ଧ୍ୟାନରେ ଉଲ୍ଲିଖିତ ଅଛି:

"ସର୍ବୋପନିଷଦୋ ଗାବୋ ଦୋଗ୍‌ଧା ଗୋପାଳ ନନ୍ଦନଃ ।
ପାର୍ଥୋ ବତ୍ସଃ ସୁଧୀର୍ଭୋକ୍ତା ଦୁଗ୍‌ଧଂ ଗୀତାମୃତଂ ମହତ୍ ॥

ସମସ୍ତ ଉପନିଷଦ ଗାଭୀ ସ୍ୱରୂପ । ସେହି ଗାଭୀମାନଙ୍କର ଦୋହନକର୍ତ୍ତା ଶ୍ରୀକୃଷ୍ଣ । ଅର୍ଜୁନ ବତ୍ସ ସଦୃଶ । ଗୀତାର ଅମୃତ ସ୍ୱରୂପ ବାଣୀ ଉତ୍କୃଷ୍ଟ ଦୁଗ୍ଧ ସଦୃଶ । ଜ୍ଞାନୀ, ଗୁଣୀ, ବିବେକୀ ବ୍ୟକ୍ତି ଗୀତାମୃତର ପାନକାରୀ ।" ସମସ୍ତ ଉପନିଷଦର ସାରତତ୍ତ୍ୱ ହିଁ ଗୀତାମୃତ ବାଣୀ ।

ମହାଭାରତର ଭୀଷ୍ମପର୍ବର ୪୩ ଅଧ୍ୟାୟର ଚତୁର୍ଥ ଓ ପଞ୍ଚମ ଶ୍ଳୋକରେ ଗୀତାର ଶ୍ଳୋକ ସମ୍ପର୍କରେ ଉଲ୍ଲିଖିତ ରହିଛି । ସେହି ଶ୍ଳୋକ ହେଉଛି-

"ଷଟ୍‌ଶତାନି ସଂବିଂଶାନି ଶ୍ଳୋକାନାଂ ପ୍ରାହ କେଶବଃ ।
ଅର୍ଜୁନଃ ସପ୍ତପଞ୍ଚାଶଂ ସପ୍ତଷଷ୍ଟି ଚ ସଞ୍ଜୟଃ
ଧୃତରାଷ୍ଟ୍ର ଶ୍ଳୋକମେକଂ ଗୀତାୟାଃ ମାନମୁଚ୍ୟତେ ॥"

ଏହାର ଅର୍ଥ ହେଲା "ଗୀତାରେ ଶ୍ରୀକୃଷ୍ଣ କଥିତ ଶ୍ଳୋକସଂଖ୍ୟା ୬୨୦, ଅର୍ଜୁନ କଥିତ ୫୭, ସଞ୍ଜୟ କଥିତ ୬୭, ଧୃତରାଷ୍ଟ୍ର କଥିତ ୧ ଶ୍ଳୋକ । ଏହିପରି ଗୀତାର ମୋଟ ଶ୍ଳୋକ ସଂଖ୍ୟା ୭୪୫ ।" କିନ୍ତୁ ସଂପ୍ରତି ଉପଲବ୍ଧ ଗୀତାର ଶ୍ଳୋକସଂଖ୍ୟା ୭୦୦ । ମହାଭାରତର ଭୀଷ୍ମପର୍ବରେ ଗୀତାବର୍ଣ୍ଣିତ (ଗୀତା ପ୍ରେସ୍ ଗୋରଖପୁର ଦ୍ୱାରା ପ୍ରକାଶିତ) ୧୮ଟି ଅଧ୍ୟାୟରେ ୭୦୦ ଶ୍ଳୋକ ରହିଛି । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ୭୦୦ ଶ୍ଳୋକର ଗୀତା ଭାଷ୍ୟ କରିଛନ୍ତି । ଶଙ୍କରଙ୍କ ପରବର୍ତ୍ତୀ ଟୀକାକାର, ବ୍ୟାଖ୍ୟାକାର ଗଣ ପ୍ରାୟତଃ ସମସ୍ତେ ଆଚାର୍ଯ୍ୟ ଶଙ୍କରଙ୍କୁ ଅନୁସରଣ କରି ୭୦୦ ଶ୍ଳୋକର ଟୀକା ଓ ବ୍ୟାଖ୍ୟା କରିଛନ୍ତି।

ଗୀତାର କେତେକ ସଂସ୍କରଣରେ ୭୦୧ ଶ୍ଳୋକ ରହିଥିବା ଦେଖିବାକୁ ମିଳେ । ଶ୍ରୀରାମକୃଷ୍ଣ ମିଶନ ଦ୍ୱାରା ପ୍ରକାଶିତ ଗୋଟିଏ ଗୀତା ଶାସ୍ତ୍ରରେ ନିମ୍ନୋକ୍ତ ଶ୍ଳୋକଟି ଦେଖିବାକୁ ମିଳେ । ଏହାର କାରଣ ହେଲା ତ୍ରୟୋଦଶ ଅଧ୍ୟାୟରେ କେତୋଟି ଗୀତାରେ ୩୪ଟି ଶ୍ଳୋକ ଦେଖିବାକୁ ମିଳେ ଏବଂ କେତୋଟି ଗୀତାରେ ୩୫ଟି ଶ୍ଳୋକ ରହିଥିବା ଦେଖିବାକୁ ମିଳେ । ତ୍ରୟୋଦଶ ଅଧ୍ୟାୟର ପ୍ରଥମ ଶ୍ଳୋକଟି ହିଁ ଏହି ଭିନ୍ନତାର କାରଣ । ସେହି ପ୍ରଥମ ଶ୍ଳୋକଟି ହେଉଛି

"ପ୍ରକୃତିଂ ପୁରୁଷଂ ଚୈବ କ୍ଷେତ୍ରଂ କ୍ଷେତ୍ରଜ୍ଞ ମେବଚ ।
ଏତଦ୍‌ବେଦିତୁମିଚ୍ଛାମି ଜ୍ଞାନଂ ଜ୍ଞେୟଂ ଚ କେଶବ ॥

ଆଚାର୍ଯ୍ୟ ଶଙ୍କର, ରାମାନୁଜାଚାର୍ଯ୍ୟ, ସନ୍ଥ ଜ୍ଞାନେଶ୍ୱର, ଶ୍ରୀଧର ସ୍ୱାମୀ, ମଧୁସୂଦନ ସରସ୍ୱତୀ ଆଦି ଭାଷ୍ୟକାର, ବ୍ୟାଖ୍ୟାକାର ଏବଂ ଟୀକାକାର ଏହି ଶ୍ଳୋକଟିକୁ ଗ୍ରହଣ କରି ନଥିବା ହେତୁ ଏହାକୁ ପ୍ରକ୍ଷିପ୍ତ ବୋଲି କୁହାଯାଇଛି । ଗୀତାପ୍ରେସ ଦ୍ୱାରା ପ୍ରକାଶିତ ମହାଭାରତର ଭୀଷ୍ମପର୍ବର ୩୭ ଅଧ୍ୟାୟ ଯାହାକି ଗୀତାଶାସ୍ତ୍ରର ୧୩ ଅଧ୍ୟାୟ ସେଥିରେ ମଧ୍ୟ ଏହି ଶ୍ଳୋକଟି ଉଲ୍ଲିଖିତ ନାହିଁ । ଏହି ଦୃଷ୍ଟିରୁ ଏହି ଶ୍ଳୋକଟିକୁ ପ୍ରକ୍ଷିପ୍ତ ମଧ୍ୟ କୁହାଯାଇଛି । ଏହି ଶ୍ଳୋକଟିକୁ ଗ୍ରହଣ କଲେ ଗୀତାଶାସ୍ତ୍ରର ଶ୍ଳୋକସଂଖ୍ୟା ୭୦୧ ଅଟେ । ନତୁବା ଗୀତାଶାସ୍ତ୍ରର ଶ୍ଳୋକସଂଖ୍ୟା ୭୦୦ ଅଟେ ।

ଗୀତାର ୭୦୦ ଶ୍ଳୋକ ମଧ୍ୟରୁ ଯୋଗେଶ୍ୱର ଶ୍ରୀକୃଷ୍ଣ ୫୭୪ଟି ଶ୍ଳୋକ କହିଛନ୍ତି, ଅର୍ଜୁନ ୮୪ଟି ଶ୍ଳୋକ କହିଛନ୍ତି, ସଂଜୟ ୪୧ଟି ଶ୍ଳୋକ କହିଛନ୍ତି ଏବଂ ଧୃତରାଷ୍ଟ୍ର ୧ ଗୋଟି ଶ୍ଳୋକ କହିଛନ୍ତି । ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ ହିଁ ମହାଭାରତର ଭୀଷ୍ମପର୍ବର ୧୮ଟି ଅଧ୍ୟାୟରୁ ୭୦୦ ଶ୍ଳୋକକୁ ଅଲଗା କରି ଭାଷ୍ୟ କରିଛନ୍ତି । ମହାଭାରତର କେତୋଟି ପାଣ୍ଡୁଲିପିରେ ଗୀତା ଅଧ୍ୟାୟରେ ୭୪୫ ଶ୍ଳୋକ ଲେଖାଥିବା କଥା କେତେକ ଗବେଷକ କହନ୍ତି । ଅଭିନବ ଗୁପ୍ତ ଯେଉଁ ଗୀତାର ଟୀକା କରିଛନ୍ତି ସେଥିରେ ସାତଶହରୁ ଅଧିକ ଶ୍ଳୋକ ରହିଛି । ୭୧୫ ଶ୍ଳୋକ ଥାଇ ମଧ୍ୟ କେତୋଟି ଗୀତାଶାସ୍ତ୍ର ଉପଲବ୍ଧ ହେଉଛି । ଏହିପରି ଗୀତାଶାସ୍ତ୍ରର ଶ୍ଳୋକସଂଖ୍ୟା ସମ୍ପର୍କରେ ଭିନ୍ନମତ ରହିଛି । ମାତ୍ର ଶଙ୍କରାଚାର୍ଯ୍ୟ, ରାମାନୁଜାଚାର୍ଯ୍ୟ, ଶ୍ରୀଧରସ୍ୱାମୀ, ମଧୁସୂଦନ ସରସ୍ୱତୀ ୭୦୦ ଶ୍ଳୋକକୁ ନେଇ ଟୀକା ଓ ଭାଷ୍ୟ କରିଛନ୍ତି । ଶଙ୍କରାଚାର୍ଯ୍ୟଙ୍କ ଗୀତାର ୭୦୦ ଶ୍ଳୋକ ହିଁ ପ୍ରାୟତଃ ସମସ୍ତ ଟୀକାକାରଙ୍କ ଦ୍ୱାରା ଗ୍ରହଣୀୟ ହୋଇଛି । ଗୀତାର ଶ୍ଳୋକ ସଂଖ୍ୟା ୭୦୦ ବୋଲି କୁହାଯାଇଛି ।

କାଶ୍ମୀର ଅଞ୍ଚଳରେ ଉପଲବ୍ଧ ମହାଭାରତରେ ଗୀତା ବିଷୟକ ୧୮ଟି ଅଧ୍ୟାୟରେ ୭୦୦ରୁ ଅଧିକ ଶ୍ଳୋକ ରହିଛି। ସେହି ସମସ୍ତ ଶ୍ଳୋକକୁ ନେଇ ଅଭିନବ ଗୁପ୍ତ 'ଗୀତାର୍ଥ ସଂଗ୍ରହ' ନାମକ ଟୀକା ରଚନା କରିଛନ୍ତି। ସେଥିରେ ୭୦୦ରୁ ଅଧିକ ଶ୍ଳୋକ ରହିଛି। ୭୪୫ ଶ୍ଳୋକ ଥିବା ଗୀତା ଅଦ୍ୟାବଧି ମିଳିନାହିଁ। ■

# ଗାୟତ୍ରୀ ମନ୍ତ୍ରର ମହାତ୍ମ୍ୟ

**ଶ୍ରୀ ସତ୍ୟସାଇ ବାବାଙ୍କ**
**ଦିବ୍ୟ ସମ୍ଭାଷଣମାନଙ୍କରୁ ସଂକଳିତ**

ଗାୟତ୍ରୀ ମନ୍ତ୍ର "ଓଁ ଭୁର୍ଭୁବଃସ୍ୱଃ ତତ୍‌ସବିତୁର୍ବରେଣ୍ୟଂ ଭର୍ଗୋଦେବସ୍ୟ ଧିମହି ଧିୟୋ ୟୋନଃ ପ୍ରଚୋଦାୟାତ୍' ଦିନକୁ ତିନିଥର ଆବୃତ୍ତି କରିବାକୁ ହେବ- ସକାଳେ ସୂର୍ଯ୍ୟୋଦୟ ସମୟରେ, ମଧ୍ୟାହ୍ନରେ ଓ ସୂର୍ଯ୍ୟାସ୍ତ ସମୟରେ। ଏଗୁଡ଼ିକୁ "ସନ୍ଧ୍ୟାକାଳ' କୁହାଯାଏ- ଉଭୟ ରାତି ଓ ଦିନ, ପୂର୍ବାହ୍ନ ଓ ଅପରାହ୍ନ ଏବଂ ଦିନ ଓ ରାତି ମଧ୍ୟରେ ଆସୁଥିବା ସମୟ। ମନୁଷ୍ୟ ପରି ସମୟ ମଧ୍ୟ ସତ୍ତ୍ୱ, ରଜ ଓ ତମ ତିନିଗୁଣ ଅଛି। ଦିନ ତିନି ଭାଗରେ ବିଭକ୍ତ। ସକାଳ ୪ଟାରୁ ୮ଟା ଏବଂ ସନ୍ଧ୍ୟା ୪ଟାରୁ ୮ଟା ସତ୍ତ୍ୱଗୁଣ ସମ୍ପନ୍ନ। ସକାଳ ୮ଟାରୁ ସନ୍ଧ୍ୟା ୪ଟା ରଜୋଗୁଣ। ମୁଖ୍ୟାତଃ ଶୋଇବାରେ ବ୍ୟବହୃତ ହେଉଥିବା ସମୟ ସନ୍ଧ୍ୟା ୮ଟାରୁ ସକାଳ ୪ଟା ପର୍ଯ୍ୟନ୍ତ ତମୋଗୁଣ ସମ୍ପନ୍ନ। ଦିନର ଆଠଘଣ୍ଟା (ସକାଳ ୮ଟାରୁ ସନ୍ଧ୍ୟା ୪ଟା) ପଶୁ ଓ ପକ୍ଷୀ ସମେତ ସବୁ ପ୍ରାଣୀ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି। ଏହା ରାଜସିକ। ସକାଳ ସାତ୍ତ୍ୱିକ ସମୟ (୪ଟାରୁ ୮ଟା) ପୂଜା, ଧର୍ମ, କାର୍ଯ୍ୟ, ସତ୍‌ସଙ୍ଗ ଆଦି ସତ୍ କର୍ମରେ ବିନିଯୋଗ କଲେ ମନୁଷ୍ୟ ନିଜକୁ ମାନବ ସ୍ତରରୁ ଦେବ ସ୍ତରକୁ ଉନ୍ନୀତ କରେ। ସାତ୍ତ୍ୱିକ ସମୟରେ (ସକାଳ ୪ଟାରୁ ୮ଟା ଓ ସନ୍ଧ୍ୟା ୪ଟାରୁ ୮ଟା) ଗାୟତ୍ରୀ ମନ୍ତ୍ର ଆବୃତ୍ତି କରିବା ଉଚିତ। ଏହି ମନ୍ତ୍ର ସମସ୍ତ ଆରାଧ୍ୟଙ୍କର ସ୍ୱରୂପ। ଏହା କୌଣସି ବିଶେଷ ସମ୍ପ୍ରଦାୟ, ଜାତି, ମୂର୍ତ୍ତି ବା ଅନୁଷ୍ଠାନ ସହିତ ସମ୍ବନ୍ଧିତ ନୁହେଁ। ଏଥିରେ ୯ଟି ରଙ୍ଗ ଅଛି ବୋଲି କୁହଯାଏ- ଓଁ, ଭୂଃ, ଭୁବଃ, ସ୍ୱଃ, ତତ୍, ସବିତୁଃ, ବରେଣ୍ୟମ୍, ଭର୍ଗୋ ଓ ଦେବସ୍ୟ। "ଧୀମହି' ଧ୍ୟାନ ସହିତ ସମ୍ବନ୍ଧିତ। "ଧୀୟୋୟୋନଃ ପ୍ରଚୋଦୟାତ୍' ପ୍ରାର୍ଥନା ସହିତ ସମ୍ବନ୍ଧିତ। ସମ୍ପୂର୍ଣ୍ଣ ମନ୍ତ୍ରଟିର ତିନୋଟି ଦିଗ ଅଛି- ବର୍ଣ୍ଣନାତ୍ମକ, ଧ୍ୟାନାତ୍ମକ ଓ ପ୍ରାର୍ଥନାତ୍ମକ।



ପଞ୍ଚମୁଖ-ତ୍ରିଦେବ: ଗାୟତ୍ରୀ ମନ୍ତ୍ରର ପଞ୍ଚମୁଖ ଅଛି ବୋଲି କୁହାଯାଏ। ପ୍ରଥମଟି "ଓଁ", ଦ୍ୱିତୀୟଟି "ଭୂର୍ଭୁବଃସ୍ୱଃ', ତୃତୀୟଟି "ତସ୍ସବିତୁର୍ବରେଣ୍ୟମ୍', ଚତୁର୍ଥଟି ('ଭର୍ଗୋଦେବସ୍ୟ) ଧିମହି ଓ ପଞ୍ଚମଟି 'ଧିୟୋ ୟୋ ନଃ ପ୍ରଚୋଦୟାତ୍'। ଗାୟତ୍ରୀ ମନ୍ତ୍ର ଏହି ପଞ୍ଚମୁଖରେ ପଞ୍ଚପ୍ରାଣର ପ୍ରତିନିଧିତ୍ୱ କରେ। ଗାୟତ୍ରୀ ମନୁଷ୍ୟ ମଧ୍ୟରେ ପଞ୍ଚପ୍ରାଣର ରକ୍ଷକ। "ଗାୟନ୍ତଂ ତ୍ରାୟେତେ ଇତି ଗାୟତ୍ରୀ', ଗାନଗାରୀକୁ ତ୍ରାଣ କରୁଥିବା ଯୋଗୁ ଏହାକୁ ଗାୟତ୍ରୀ କୁହାଯାଏ। ପ୍ରାଣଶକ୍ତିର ରକ୍ଷକ ରୂପେ କାର୍ଯ୍ୟ କରୁଥିବା ବେଳେ ଗାୟତ୍ରୀକୁ ସାବିତ୍ରୀ କୁହାଯାଏ। ପୌରାଣିକ ଗଳ୍ପରେ ସାବିତ୍ରୀ ଭକ୍ତିମତୀ ପତ୍ନୀ ରୂପେ ପରିଚିତ। ସେ ନିଜର ସ୍ୱାମୀ ସତ୍ୟବାନଙ୍କର ଜୀବନ ଫେରାଇ ଆଣିପାରିଥିଲେ। ସାବିତ୍ରୀ ପଞ୍ଚପ୍ରାଣର ଅଧିଷ୍ଠାତ୍ରୀ ଦେବୀ। ଯେ ସତ୍ ଜୀବନ ଯାପନ କରେ ସେ ତାହାର ରକ୍ଷା କରନ୍ତି। ଏହା ହିଁ ଅନ୍ତର୍ନିହିତ ଅର୍ଥ। ମନ୍ତ୍ର ଆବୃତ୍ତି ଫଳରେ ବୁଦ୍ଧି ଓ ସହଜ ଜ୍ଞାନର ବିକାଶ ହେବା ବେଳେ ପ୍ରାଣଶକ୍ତିକୁ ରକ୍ଷା କରିବା ବେଳେ ରକ୍ଷାକର୍ତ୍ତୀ ଦେବୀ ହେଲେ ସାବିତ୍ରୀ। ବାକ୍ ଶକ୍ତିର ରକ୍ଷା ବେଳେ ଦେବୀଙ୍କୁ ସରସ୍ୱୀତ କୁହାଯାଏ। ପ୍ରାଣ, ବାକ୍ ଓ ବୁଦ୍ଧି ସହିତ ସମ୍ବନ୍ଧିତ ସାବିତ୍ରୀ, ସରସ୍ୱତୀ ଓ ଗାୟତ୍ରୀଙ୍କର ରକ୍ଷା କର୍ତ୍ତୀ ଭୂମିକା ଯୋଗୁ ଗାୟତ୍ରୀଙ୍କୁ "ସର୍ବଦେବତାସ୍ୱରୂପିଣୀ" ବୋଲି କୁହାଯାଏ।

ପ୍ରାତଃ, ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ ଅନ୍ତତଃ ତିନିଥର ଗାୟତ୍ରୀ ମନ୍ତ୍ର ଆବୃତ୍ତି କରିବା ଅତ୍ୟାବଶ୍ୟକ। ଏହା ପ୍ରତ୍ୟହ ଘଟୁଥିବା ଦୋଷର ପ୍ରଭାବ କମାଇପାରିବ। ଏହା ବାକିରେ ଜିନିଷ ନଦେଇ ନଗଦ ଟଙ୍କା ଦେଇ କିଣିବା ସହିତ ସମାନ। କର୍ମର ଋଣ ସଂଚିତ ହୁଏ ନାହିଁ। କାରଣ ଗାୟତ୍ରୀ ମନ୍ତ୍ର ଆବୃତ୍ତି ଫଳରେ ପ୍ରତ୍ୟେକ ଦିନର କର୍ମର ପ୍ରାୟଶ୍ଚିତ ହୋଇଥାଏ।

ଦିନକୁ ତିନିଥର ଗାୟତ୍ରୀ ମନ୍ତ୍ର ଆବୃତ୍ତି କରିବାକୁ ସମୟ ମିଳିବ ନିହଁ ବୋଲି ବାହାନା କରିବା ଛଳନା ଓ ଅଯୌକ୍ତିକ। ଲୋକମାନେ ମୂଲ୍ୟହୀନ କାର୍ଯ୍ୟରେ ସେମାନଙ୍କର ଏତେ ସମୟ ନଷ୍ଟ କରୁଛନ୍ତି। ଖାଲି ଇଚ୍ଛା ଥିଲେ ସେମାନେ ସକାଳେ ଉଠିବା ବେଳେ ଓ ରାତିରେ ଶୋଇବାକୁ ଯିବା ପୂର୍ବରୁ ଗାୟତ୍ରୀ ମନ୍ତ୍ର ଆବୃତ୍ତି କରିବା ପାଇଁ ସହଜରେ ଅଳ୍ପ କେତେ ମୁହୂର୍ତ୍ତ ପାଇ ପାରିବେ। ସ୍ନାନ କରୁଥିବା ସମୟରେ ମଧ୍ୟ ଗାୟତ୍ରୀ କରାଯାଇପାରିବ। ଏହା ମଧ୍ୟ ଦେବୀଙ୍କୁ ଆବଗାହନ କରିବା ପରି ହେବ। ମଧ୍ୟାହ୍ନରେ ଭୋଜନ ପୂର୍ବରୁ ଗାୟତ୍ରୀ ମନ୍ତ୍ର ଆବୃତ୍ତି କଲେ ଖାଦ୍ୟ ପବିତ୍ରୀଭୂତ ହେବ ଏବଂ ଆରାଧ ନିମିତ୍ତ ନୈବେଦ୍ୟରେ ପରିଣତ ହେବ।

# ଆମ ପରିବେଶ ଓ ଆମେ

■ ଜୟନ୍ତ କୁମାର ଦାସ

ଆମ ଦେଶ ତଥା ରାଜ୍ୟରେ ବେଶ୍ କିଛି ବର୍ଷ ଧରି ଚର୍ଚ୍ଚିତ ଖବର ପାଲଟିଛି । ଅହେତୁକ ତାପମାତ୍ରା ବୃଦ୍ଧି । ଏଥିରେ କେବଳ ମଣିଷ ଶୀକାର ହେଉଛନ୍ତି ତାହା ନୁହେଁ ଜୀବଜଗତର ଅସଂଖ୍ୟ କୀଟପତଙ୍ଗ, ପ୍ରାଣୀ ଏହା ଦ୍ୱାରା ଗଭୀର ଭାବେ ପ୍ରଭାବିତ ହେଉଛନ୍ତି । 'ଳସ୍ୱରୂପ ବହୁ ପ୍ରାଣୀ ଜୀବଜଗତ ରୁ କାଳକ୍ରମେ ନିଶ୍ଚିହ୍ନ ହେବାରେ ଲାଗିଲେଣି । ଆମ ରାଜ୍ୟର ଅଧିକାଂଶ ସହରରେ ତାପମାତ୍ରା ୪୦୦ ଡ଼ିଗ୍ରୀ ସେଲସିୟସ ଉପରେ ରହୁଛି ଅତ୍ୟନ୍ତ ପକ୍ଷେ ମାସେ ଧରି । ପଶ୍ଚିମାଞ୍ଚଳରେ ଅନେକ ସହରର ତାପମାତ୍ରା ୪୫୦ ଡିଗ୍ରୀ ସେଲସିୟସ ରେ ପହଞ୍ଚିଥିଲା । ଦିଲ୍ଲୀ ଓ ରାଜସ୍ଥାନ କଥା ନ କହିବା ଭଲ । ଜୀବଜଗତ ଆଉ ବେଶୀଦିନ ତିଷ୍ଠିବା ଭଳି ଲାଗୁନି । ଜନସଂଖ୍ୟା ବୃଦ୍ଧି ସହିତ ଜନସଚେତନତାର ଅଭାବ ଆମ ବିପର୍ଯ୍ୟୟର କାରଣ । ପରିବେଶ ଧ୍ୱଂସାଭିମୁଖୀ । ବିଭିନ୍ନ କାରଣରୁ ଜଙ୍ଗଲ ଧୀରେ ଧୀରେ ଲୋପ ପାଇଲାଣି । ସହରୀକରଣ ହେଉ ବା ରାସ୍ତା ଦୋହରୀକରଣ ହେଉ ବା କଳକାରଖାନା ସ୍ଥାପନ ହେଉ ବିଭିନ୍ନ ଆଳ ବା କାରଣ ଦର୍ଶାଇ ଅଖିବୁଜା ଭାବେ ଗଛ କଟା ଚାଲିଛି । ୫୫ ନମ୍ବର ଜାତୀୟ ରାଜପଥ ସଂଲଗ୍ନ ଅନୁଗୁଳ-ସମ୍ବଲପୁର ରାସ୍ତାର ଦ୍ୱିପାର୍ଶ୍ୱରେ ଥିବା କାହିଁ କେଉଁ କାଳର ବିରାଟ ବିରାଟ ବୃକ୍ଷ ଗୁଡ଼ିକୁ କାଟି ଶୁଆଇ ଦିଆଯାଇଛି ରାଜପଥର ଦୋହରୀକରଣ ପାଇଁ । ପଥଚାରୀଟିଏ ଅସହ୍ୟ ଗ୍ରୀଷ୍ମପ୍ରବାହରୁ ସାମାନ୍ୟ ତ୍ରାହି ପାଇବା ପାଇଁ କିଲୋମିଟର ଧରି ଗଛ ଛାଇ ଖୋଜୁଛି ଉହଳ ବିକଳ ହୋଇ । କିନ୍ତୁ ନିରୁପାୟ ।

ତାପମାତ୍ରା ବୃଦ୍ଧିର କାରଣ ମଧ୍ୟରୁ ଜଙ୍ଗଲକ୍ଷୟ ହେଉଛି ମୁଖ୍ୟ କାରଣ । ବ୍ୟାପକ ଜଙ୍ଗଲକ୍ଷୟ ଫଳରେ ବର୍ଷାଋତୁ ଓ ଶୀତଋତୁର ଅବଧି ହ୍ରାସ ପାଇବା ସହିତ ଗ୍ରୀଷ୍ମଋତୁର ଅବଧି ଆନୁପାତିକ ଭାବେ ବଢି ଚାଲିଲାଣି । ଜଙ୍ଗଲ କ୍ଷୟ ଦ୍ୱାରା ବର୍ଷକୁ ଛଅ ହଜାର ବିଲିୟନ ଟନ୍ ଅଙ୍ଗାରକାମ୍ଳ ବାଷ୍ପ ବାୟୁମଣ୍ଡଳରେ ସୃଷ୍ଟି ହେଉଛି । ଶିଳ୍ପାୟନ ପୂର୍ବରୁ ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ଭାଗ ୨୦ ନିୟୁତାଂଶ ଥିଲାବେଳେ ବର୍ତ୍ତମାନ ଏହା ୪୪୦ ନିୟୁତାଂଶରେ ପହଞ୍ଚିଛି । ପୃଥିବୀର ଜନସଂଖ୍ୟା ୭୭୦ କୋଟିରେ ପହଞ୍ଚିଥିଲା ବେଳେ ଭାରତର ଜନ ସଂଖ୍ୟା ୧୩୫ କୋଟି ଡେଇଁଲାଣି । ଜନସଂଖ୍ୟା ବୃଦ୍ଧି ଫଳରେ ଗାଡ଼ି ମଟର ସଂଖ୍ୟା ଦିନକୁ ଦିନ ଦ୍ରୁତ ଗତିରେ ବଢିଚାଲିଛି ଏବଂ ଲୋକ ବସତି ପାଇଁ ରାତି ଦିନ ଗଛ କଟା ଚାଲିଛି । ଏହା ଉପରେ ରୋକ ଲଗାଇବା ପାଇଁ ଦୃଢ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି । ଅନିୟନ୍ତ୍ରିତ କଳକାରଖାନା ଓ ଯାନବାହନରୁ ନିର୍ଗତ ହେଉଥିବା ବିଷାକ୍ତ ଗ୍ୟାସ୍, କଂକ୍ରିଟ ଜଙ୍ଗଲ ସୃଷ୍ଟି, ଓଜନ ସ୍ତରରେ ଛିଦ୍ର, ଶକ୍ତି ଉତ୍ପାଦନ ପାଇଁ ତାପଜ ବିଦ୍ୟୁତର ବହୁଳ ବ୍ୟବହାର, ବିଦ୍ୟୁତ୍ ଉପକରଣର ମାତ୍ରାଧିକ ବ୍ୟବହାର ଓ ଖଣିଜ ପଦାର୍ଥ ଖନନ ବାୟୁମଣ୍ଡଳକୁ ଦୂଷିତ କରିଚାଲିଛି । ଆମ ଦେଶରେ ବର୍ତ୍ତମାନ ସ୍ୱାସ୍ଥ୍ୟଗତ ସମସ୍ୟା ଓ ଜୀବନହାନିର ଅନ୍ୟତମ ମୁଖ୍ୟ କାରଣ ପାଲଟିଛି ବାୟୁ ପ୍ରଦୂଷଣ । ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ଅନିଷ୍ଟକାରୀ ଗ୍ୟାସ ଯଥା ମିଥେନ, କାର୍ବନ ମନୋକସାଇଡ଼, କ୍ଲୁରୋଫ୍ଲୁରୋ କାର୍ବନ, ସଲଫର ଡାଇଅକ୍ସାଇଡ୍ ଇତ୍ୟାଦି ପ୍ରଭାବରେ ଶ୍ୱାସରୋଗ, ଚକ୍ଷୁରୋଗ, ଚର୍ମରୋଗ, ପେଟରୋଗ, ହୃଦରୋଗ, ମଧୁମେହ ରୋଗ, ମସ୍ତିଷ୍କ ଆଘାତ ଆଦି ସମସ୍ୟା ବଢିବାରେ ଲାଗିଛି । ପଲିଥିନ୍ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପ୍ରତି ସମସ୍ୟା ସୃଷ୍ଟି କଲାଣି । ବାୟୁମଣ୍ଡଳ ପ୍ରଦୂଷିତ ହୋଇ ଓଜନ ସ୍ତରରେ ଛିଦ୍ର ସୃଷ୍ଟି ହେବାରୁ ସୂର୍ଯ୍ୟଙ୍କର ଅତି ବାଇଗଣି ରଶ୍ମି ଭୂପୃଷ୍ଠରେ ପଡି ପ୍ରାଣୀ ସମେତ ଉଦ୍ଭିଦ ଜଗତକୁ ବିପଦରେ ପକାଇଲାଣି। କରୋନା ଭୂତାଣୁରୁ ରକ୍ଷାପାଇବା ପାଇଁ ଲୋକମାନେ ରାସ୍ତାଘାଟରେ ମୁଖା ପିନ୍ଧି ଯା ଆସ କରୁଛନ୍ତି । ବିଜ୍ଞାନ ଯେତେ ଅଗ୍ରଗତି ହେଉଛି ବାୟୁମଣ୍ଡରେ ବିଭିନ ପ୍ରକାର ଭୂତାଣୁ ମଣିଷ ଜାତିକୁ ରାସ୍ତାରୁ ହଟେଇବା ପାଇଁ ଘୁରିବୁଲୁଛନ୍ତି ।ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ଏକ ସର୍ଭେରୁ ଜଣାପଡିଛି, ପୃଥିବୀରେ ହାରାହାରି ୯୧ ପ୍ରତିଶତ ଲୋକ ପ୍ରତିଦିନ ଦୂଷିତ ବାୟୁ ସେବନ କରୁଛନ୍ତି । ପ୍ରଦୂଷିତ ବାୟୁମଣ୍ଡଳ କଥା ବିଚାରକୁ ନେଲେ ଜଣାଯାଏ ଭାରତର ରାଜଧାନୀ ବର୍ତ୍ତମାନ ବିପଜ୍ଜନକ ସ୍ଥିତିରେ ରହିଛି ଏବଂ ଏହା ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ହିସାବରେ ପରିଗଣିତ ହେଉଛି । ଏକ ସର୍ବେକ୍ଷଣରୁ ଜଣାଯାଏ, ୨୦୧୫ ମସିହାରେ ଆମ ଦେଶରେ ବାୟୁଜନିତ ପ୍ରଦୂଷଣ ରେ ମୃତ୍ୟୁ ସଂଖ୍ୟା ୧୧ଲକ୍ଷ ଥିଲାବେଳେ ୨୦୧୭ ମସିହାରେ ଏହି ସଂଖ୍ୟା ୧୨ ଲକ୍ଷ ୪୦ ହଜାର କୁ ବୃଦ୍ଧି ପାଇଛି । ୧ ରୁ ୫ ବର୍ଷ ବୟସ ଭିତରେ ହାରାହାରି ଏକ ଲକ୍ଷ ଶିଶୁ ଆମ ଦେଶରେ ବାୟୁ ପ୍ରଦୂଷଣ କାରଣରୁ ମୃତ୍ୟୁମୁଖରେ ପଡୁଛନ୍ତି ଏବଂ ଦେଶରେ ମୃତ୍ୟୁ ସଂଖ୍ୟାର ୧୨.୫ ପ୍ରତିଶତ ବାୟୁ ପ୍ରଦୂଷଣ ଜନିତ କାରଣରୁ ଘଟୁଛି । ଅସ୍ୱାଭାବିକ ଭାବେ ତାପମାତ୍ରା ବୃଦ୍ଧି ଓ ପ୍ରଦୂଷଣ କାରଣରୁ ପ୍ରତ୍ୟେକ ଲୋକର ଆୟୁ ହାରାହାରି ୨ବର୍ଷ କମି ଯାଉଛି । ଇପିଆଇ (Environmental Performance Index) ୨୦୧୮ ଅନୁଯାୟୀ ସମଗ୍ର ବିଶ୍ୱରେ ଭାରତର ସ୍ଥାନ ୧୭୭ ରେ ପହଞ୍ଚିଛି ଯାହାକି ୨୦୧୬ ମସିହାରେ ୧୪୧ତମ ସ୍ଥାନରେ ଥିଲା । ବାୟୁରେ ଶୁଦ୍ଧତା କୁ ଲକ୍ଷ୍ୟକଲେ ଭାରତ ୧୦୦ ରୁ ୫.୭୫ ନମ୍ବର ପାଇବା ପାଇଁ ଯୋଗ୍ୟ । ଏଇଥିରୁ ପରିବେଶ ପ୍ରତି ଆମେ କେତେ ସଚେତନ ତାହା ଅନୁମେୟ ।

ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ ସମଗ୍ର ବିଶ୍ୱରେ ମୁଣ୍ଡ ପିଛା ହାରାହାରି ୪୨୨ଟି ଗଛ ଥିଲା ବେଳେ ଭାରତରେ ମୁଣ୍ଡ ପିଛା ଗଛ ସଂଖ୍ୟା ମାତ୍ର ୨୮ ଯାହାକି ଚିନ୍ତାଜନକ। ପ୍ରତ୍ୟେକ ବ୍ୟକ୍ତି ଧରାରେ ତିଷ୍ଠି ରହିବା ପାଇଁ ବର୍ଷକୁ ପ୍ରାୟ ୭୪୦ କେ.ଜି ଅମ୍ଳଜାନ ନେଇଥାଏ ଯାହାକି ଆମେ ଗଛରୁ ହିଁ ପାଇଥାଉ । ଅତୀତର ପୃଷ୍ଠାକୁ ଅବଲୋକନ କଲେ ଅନେକ ଘଟଣା ମନରେ ଉଙ୍କିମାରେ । ୧୯୦୬ ମସିହା ମାର୍ଚ୍ଚ ୫ ତାରିଖରେ ଇଣ୍ଡିଆନ ଓପିନିଅନ ପତ୍ରିକାରେ ଗାନ୍ଧିଜୀ ଲେଖିଥିଲେ – "ଗୋଟିଏ ମଣିଷ ବିନା ଖାଦ୍ୟରେ କିଛି ଦିନ ବଞ୍ଚିପାରିବ ଓ ବିନା ଜଳରେ ଗୋଟିଏ ଦିନ ବଞ୍ଚିପାରିବ ମାତ୍ର ବାୟୁ ବିନା ଗୋଟିଏ ମିନିଟ୍ ତିଷ୍ଠିବା କଷ୍ଟକର । ଯେଉଁ ଜିନିଷଟି ଶରୀର ପକ୍ଷରେ ଅତ୍ୟନ୍ତ ଜରୁରୀ ତାହା ଯଦି ପ୍ରଦୂଷଣମୁକ୍ତ ଓ ଶୁଦ୍ଧ ନ ହେଲା ତାହେଲେ ପରିଣାମ ଅତ୍ୟନ୍ତ ଭୟଙ୍କର ହେବ ।" ମହାତ୍ମାଗାନ୍ଧୀଙ୍କ ଆଦର୍ଶ ଓ ବିଚାରଧାରାରେ ଅନୁପ୍ରାଣିତ ହୋଇ ସୁନ୍ଦରଲାଲ ବହୁଗୁଣା, ଚଣ୍ଡୀ ପ୍ରସାଦ ଭଟ୍ଟ ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାସ୍ଥିତ ରେଣି ଗାଁରେ ଚିପ୍‌କୋ ଓ ଆପିକୋ ଅନ୍ଦୋଳନ ଆରମ୍ଭ କରିଥିଲେ ପରିବେଶ ସୁରକ୍ଷା ପାଇଁ । ହିମାଳୟ ପାଦଦେଶରୁ ବିଭିନ୍ନ ପ୍ରାନ୍ତ ପର୍ଯ୍ୟନ୍ତ ପ୍ରାୟ ୫୦୦୦ କିଲୋମିଟରର ବାଟ ପଦଯାତ୍ରା କରି ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ ପାଇଁ ଜନଜାଗରଣ ସୃଷ୍ଟି କରିବା ସହିତ ଗଛ କାଟୁଥିବା ଲୋକଙ୍କୁ ବିରୋଧ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଘଡିସନ୍ଧି ମୁହୂର୍ତ୍ତରେ ଆମ ରାଜ୍ୟ ତଥା ଦେଶର କୋଣ ଅନୁକୋଣରେ ଜନଜାଗରଣ ସମୟ ଉପନୀତ ହୋଇଛି । ଗଛ ନାହିଁ ତ ଜୀବନ ନାହିଁ – ଏହି ଉକ୍ତିର ମାର୍ମିକ ଅର୍ଥ ସମସ୍ତେ ହୃଦୟଙ୍ଗମ କରି ଆଗଭର ହେବା ସମୟ ଆସିଛି । ପରିବେଶ ସଚେତନତା ସୃଷ୍ଟି କରିବା ପାଇଁ ବିଚାର ବିମର୍ଶ, କର୍ମଶାଳା, ଆଲୋଚନା ଚକ୍ର ଆଦି ଉପରେ ଗୁରୁତ୍ୱ ନ ଦେଇ କାର୍ଯ୍ୟରେ କରି ଦେଖାଇବାର ସମୟ ଆସିଛି । ଜନ ଜାଗରଣ ବିନା କିଛି ସମ୍ଭବ ନୁହେଁ ।

ଆମ ରାଜ୍ୟ କଥା ଆଲୋଚନା କରିବା । ଭାରତବର୍ଷ ର ଭୌଗଳିକ ସୀମାରେଖା ଭିତରେ ୨୧.୫୪ ପ୍ରତିଶତ ଜଙ୍ଗଲ ଥିବାବେଳେ ଓଡ଼ିଶାର ୩୧.୩୮ ପ୍ରତିଶତ ଜଙ୍ଗଲ ଅଂଚଳ । କିନ୍ତୁ ଆମର ଭୌଗଳିକ ସ୍ଥିତି ପାଇଁ ପ୍ରାକୃତିକ ବିପଯ୍ୟୟ ଚିର ସହଚରରେ ପରିଣତ ହେଲାଣି। ଝଡ, ବାତ୍ୟା, ମରୁଡ଼ି, କାଳବୈଶାଖୀ ଆଦି ଦେଖିଦେଖି କାଲିର ପିଲା ଆଜି ବୁଢା ହେଲେଣି । ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଆମ ରାଜ୍ୟ ବର୍ଷକୁ ପ୍ରାୟ ୩୦୦୦ କୋଟି କ୍ଷତି ସହ୍ୟ କରିବାକୁ ପଡୁଛି । ୧୯୯୪-୯୫ ମସିହାରୁ ୨୦୧୯ ମସିହା ର ପ୍ରଥମ ଭାଗରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଆମକୁ ୮୫,୩୧୩ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି । ପ୍ରତି ୩/୪ ବର୍ଷ ଅନ୍ତରରେ ବାତ୍ୟା ମାଡ଼ିଆସୁଛି ଉଗ୍ର ରୂପ ନେଇ । 'ଫାଇଲିନ୍, ହୁଦ୍ ହୁଦ୍, ଫନି ଓ ଆମ୍ଫାନ୍‌ର ସଫଳ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରଶଂସାର ପାତ୍ର ହୋଇଛନ୍ତି । ଯଦିଓ ଥଇଥାନ ଓ ସମ୍ଭାବ୍ୟ ବାତ୍ୟାଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବାରେ ଆମ ରାଜ୍ୟ ବିଶ୍ୱସ୍ତରରେ ଆଦୃତ ଲାଭ କରିଛି, ତଥାପି ବାତ୍ୟା ପ୍ରକୋପରେ ହଜାର ହଜାର ଲୋକ ବାସହରା ହୋଇଯାଉଛନ୍ତି । ଏହାର ପ୍ରଭାବରେ ବହୁ ସ୍କୁଲ, କଲେଜ ଓ ଶିକ୍ଷାନୁଷ୍ଠାନ ବ୍ୟାପକ କ୍ଷତିଗ୍ରସ୍ତ ହେଉଛି । ବିଦ୍ୟୁତ ସେବା ବାଧାପ୍ରାପ୍ତ ହେଉଛି ।

ଆମର ପୂର୍ବସୁରୀମାନେ ବୃକ୍ଷକୁ ଦେବତା ରୂପେ ପୂଜା କରୁଥିଲେ କାରଣ ସେମାନେ ଉପଲବ୍ଧି କରୁଥିଲେ ବୃକ୍ଷ ହିଁ ମଣିଷର ସବୁକିଛି । ବୃକ୍ଷ ଖାଦ୍ୟଠାରୁ ଆରମ୍ଭ କରି ଆଶ୍ରୟ ଦିଏ। ଆମ ଉପକୂଳରେ ଥିବା ହେନ୍ତାଳ ବନର ସୁରକ୍ଷା କରିବା ସହିତ ନୂତନ ଜଙ୍ଗଲ ସୃଷ୍ଟି କରି ପ୍ରାକୃତିକ ବିପର୍ଯ୍ୟୟରୁ ନିଜକୁ ରକ୍ଷା କରିବା ଆଜିର ବଡ଼ ଆହ୍ୱାନ । ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଓ ପରିବେଶ ସୁରକ୍ଷା ଅଧିନିୟମ ବିଷୟରେ ସମସ୍ତେ ସଚେତନ ହେବା ଦରକାର । ଅଜି କାଲି ଜଙ୍ଗଲ ପୋଡ଼ି ଏକ ସାଧାରଣ ଘଟଣା ପାଲଟିଲାଣି । ଏହି ମନୁଷ୍ୟକୃତ ଜଙ୍ଗଲପୋଡିକୁ କଠୋର ହସ୍ତରେ ଦମନ କରିବା ଜରୁରୀ ।

ବାୟମଣ୍ଡଳକୁ ସ୍ଥିର ରଖିବାରେ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ସାମାଜିକ ବନୀକରଣ ଉପରେ ଗୁରୁତ୍ୱ ଦେବା କଥା । ସ୍ୱାସ୍ଥ୍ୟକର ପରିବେଶ ପାଇଁ ବ୍ୟାପକ ବୃକ୍ଷରୋପଣ କରିବାର ସମୟ ଆସିଛି ମୁଖ୍ୟତଃ ବର୍ଷା ଋତୁରେ । ସାଧାରଣତଃ ଖରାଦିନେ ବିଭିନ୍ନ ଫଳ ଖାଇବା ସମୟରେ ଏହାର ମଞ୍ଜିକୁ ଶୁଖାଇ ସୁରକ୍ଷିତ ସ୍ଥାନରେ ସାଇତି ରଖି ମୌସୁମୀର ଆଦ୍ୟ ଆରମ୍ଭରେ ବିଭିନ୍ନ ଖୋଲା ଯାଗାରେ ପକାଇଲେ ଏଥିରୁ ଶତକଡା ୮୦ ଭାଗ ଗଛ ସୃଷ୍ଟି ହୋଇ ପରିବେଶ କୁ ସନ୍ତୁଳିତ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ରାସ୍ତାପାର୍ଶ୍ୱରେ ଏବଂ ଖାଲି ଯାଗାରେ ବର, ଅଶ୍ୱସ୍ତ, କଦମ୍ବ, ନିମ୍ବ, ଜାମୁ ଓ କରଞ୍ଜ ଆଦି ଗଛ ଲଗାଇବା ଶୁଦ୍ଧ ପରିବେଶ ପାଇଁ ଜରୁରୀ । ନିଜକୁ ତଥା ଆଗାମୀ ପିଢୀକୁ ସୁରକ୍ଷିତ ରଖିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଅନ୍ୟୂନ୍ୟ ୧୦ଟି ଗଛ ରୋପଣ କରି ପାରିଲେ ଆମ ରାଜ୍ୟରେ ବସବାସ କରୁଥିବା ୪କୋଟି ୬୦ଲକ୍ଷ ଲୋକ ଓ ଆମ ଦେଶରେ ଥିବା ୧୩୫କୋଟି ଲୋକଙ୍କ ଜୀବନ ରକ୍ଷା ହେବା ସହିତ ଜୈବବିବିଧତା ରକ୍ଷା କରିବାରେ ଆମେ ସମର୍ଥ ହୋଇପାରିବା। ନଚେତ ବିରଳ ପ୍ରଜାତିର ପଶୁପକ୍ଷୀ ଯଥା ଘରଚଟିଆ, ଶଙ୍ଖଚିଲ, ଶାଗୁଣା, ହଳଦୀବସନ୍ତ, କୋକିଶିଆଳି, କୁମ୍ଭାଟୁଆ ପରି ଆସ୍ତେ ଆସ୍ତେ ଜୀବଜଗତ ପୂରାପୂରି ଲୋପ ପାଇଯିବ । ନିଃସନ୍ଦେହରେ କୁହାଯାଇପାରେ, ମଣିଷ ସଭ୍ୟତା ତିଷ୍ଠି ରହିବା ପାଇଁ ଶୁଦ୍ଧ ବାୟୁ ଅପରିହାର୍ଯ୍ୟ ଓ ଶୁଦ୍ଧ ବାୟୁମଣ୍ଡଳ ପାଇଁ ବ୍ୟାପକ ଜଙ୍ଗଲ ସୃଷ୍ଟି ହିଁ ଏକମାତ୍ର ପନ୍ଥା । ନେଡିଗୁଡ଼ କହୁଣିକୁ ବୋହିଲା ପର୍ଯ୍ୟନ୍ତ ଅପେକ୍ଷାନକରି ବୃକ୍ଷରୋପଣ ପାଇଁ ସମସ୍ତେ ତତ୍ପର ହୋଇ ପାରିଲେ ପୃଥିବୀପୃଷ୍ଠକୁ ଅବଶ୍ୟମ୍ଭାବୀ ବିପଦରୁ ରକ୍ଷା କରିପାରିବା। ■





# ଆବୁଧାବିରେ ପହଞ୍ଚିଲେ ମୁଖ୍ୟମନ୍ତ୍ରୀ: ଓଡ଼ିଶାର ୟୁଏଇ ନିବେଶ ଅଭିଯାନ ଆରମ୍ଭ

## ଉଚ୍ଚସ୍ତରୀୟ ନିବେଶକ ଆଲୋଚନା ପ୍ରସ୍ତୁତି ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

**ଭୁବନେଶ୍ୱର:** ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଆଜି ଆବୁଧାବିରେ ପହଞ୍ଚିଛନ୍ତି। ଏହାସହ ସଂଯୁକ୍ତ ଅରବ ଏମିରେଟ୍ସ (ୟୁଏଇ)ରେ ଓଡ଼ିଶାର ଉଚ୍ଚସ୍ତରୀୟ ନିବେଶ ଅଭିଯାନର ଶୁଭାରମ୍ଭ ହୋଇଛି। ସେପଟ୍ଟେମ୍ବର ୯ ରୁ ୧୧ ପର୍ଯ୍ୟନ୍ତ ପ୍ରମୁଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ସେପଟ୍ଟେମ୍ବର ୧୨ରେ ସେ ଭାରତ ଫେରିବାର କାର୍ଯ୍ୟକ୍ରମ ରହିଛି। ୟୁଏଇ ସହିତ ଓଡ଼ିଶାର ଆର୍ଥିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ନିବେଶ, ମାନୁଫ୍ୟାକଚରିଂ, ଭିତ୍ତିଭୂମି, ଶକ୍ତି ଓ ଏମର୍ଜିଂ ଇଣ୍ଡଷ୍ଟ୍ରି କ୍ଷେତ୍ରରେ ଭାଗିଦାରୀ ଗଢ଼ି ତୋଳିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ।

ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ଏହି ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ଶିଳ୍ପ ବିଭାଗ ଓ ଇପିକଲର ବରିଷ୍ଠ ଅଧିକାରୀମାନେ ସାମିଲ ଅଛନ୍ତି। ଆବୁଧାବିରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ହେମନ୍ତ ଶର୍ମା, ୟୁଏଇରେ ଥିବା ଅଧିକାରୀ ଏବଂ ପ୍ରତିନିଧିମାନେ ଏହି ଉଚ୍ଚସ୍ତରୀୟ ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ। ୟୁଏଇରେ ଥିବା ଭାରତୀୟ ଦୂତାବାସର ପ୍ରତିନିଧିମାନେ ମଧ୍ୟ ପ୍ରତିନିଧି ଦଳକୁ ସ୍ୱାଗତ ଜଣାଇଥିଲେ। ସେଠାରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଆବୁଧାବି ଗସ୍ତ ସମୟରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ଏବଂ ନିବେଶକ ଆଲୋଚନାର ପ୍ରସ୍ତୁତି ନେଇ ସମୀକ୍ଷା କରିଥିଲେ। ୟୁଏଇର ନିବେଶକ, ଅନୁଷ୍ଠାନ ଏବଂ ଶିଳ୍ପପତିମାନଙ୍କ ସହ ହେବାକୁ ଥିବା ବୈଠକଗୁଡ଼ିକ ଯେପରି ଫଳପ୍ରଦ ହେବ, ସେଥିପାଇଁ ସେ ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ।

ଏହି ସମୟରେ ମୁଖ୍ୟମନ୍ତ୍ରୀ ୟୁଏଇରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଭେଟି ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ଦୁଇ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଆର୍ଥିକ ଏବଂ ଜନସାଧାରଣଙ୍କ ସ୍ତରରେ ସମ୍ପର୍କକୁ ଆହୁରି ମଜବୁତ କରିବାର ସୁଯୋଗଗୁଡ଼ିକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ସେଠାରେ ରହୁଥିବା ଏବଂ କାର୍ଯ୍ୟରତ ଓଡ଼ିଆମାନଙ୍କୁ ଓଡ଼ିଶା ଏବଂ ୟୁଏଇରେ ମଧ୍ୟରେ





ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ସେତୁ ବୋଲି କହିଥିଲେ। ସେହି ଓଡ଼ିଆମାନଙ୍କ ପାଇଁ ନିରନ୍ତର ସହାୟତା, ସୁବିଧା ସୁଯୋଗ ଏବଂ ଇଜ୍ ଅଫ୍ ଲିଭିଂ ସୁନିଶ୍ଚିତ କରିବା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ।

ଏହି ଆବୁଧାବି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶା ପ୍ରତିନିଧି ମଣ୍ଡଳୀ ୟୁଏଇର ପ୍ରମୁଖ ଅନୁଷ୍ଠାନ, ନିବେଶକ ଏବଂ ବ୍ୟବସାୟିକ ଗୋଷ୍ଠୀଙ୍କ ସହ ସିଧାସଳଖ ଆଲୋଚନା କରିବେ। ଏହି ଆଲୋଚନାଗୁଡ଼ିକ କେବଳ ନିବେଶ ଆକୃଷ୍ଟ କରିବାରେ ସୀମିତ ନରହି, ଓଡ଼ିଶାରେ ନିର୍ଦ୍ଦିଷ୍ଟ ଭାଗିଦାରୀ, ପ୍ରଯୁକ୍ତିବିଦ୍ୟାର ସହଯୋଗ ଏବଂ ଦୀର୍ଘକାଳୀନ ଶିଳ୍ପ ଭାଗିଦାରୀ ପାଇଁ ନୂଆ ସୁଯୋଗ ଚିହ୍ନଟ କରିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି। ଏହି ଟଇର ଅଭିଯାନ ଓଡ଼ିଶାର ଶିଳ୍ପ ରୂପାନ୍ତରଣର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆରମ୍ଭ ହୋଇଛି। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରାକୃତିକ ସମ୍ପଦ, ଶିଳ୍ପ ଭିତ୍ତିଭୂମି, ବନ୍ଦର, ସୁଲଭ ବିଦ୍ୟୁତ୍ ସେବା, ଦକ୍ଷ ମାନବସମ୍ବଳ ଏବଂ ଭାରତୀୟ ଓ ଅନ୍ତର୍ଜାତୀୟ ବଜାର ସହ ଥିବା ସହଜ ସଂଯୋଗର ସୁବିଧାଗୁଡ଼ିକୁ ପ୍ରମୁଖ ଭାବରେ ଉପସ୍ଥାପନ କରିବେ।

ଆଗାମୀ ନିବେଶକ ଆଲୋଚନା ପୂର୍ବରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି: 'ଓଡ଼ିଶା ଶିଳ୍ପ ବିକାଶର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି, ଏବଂ ୟୁଏଇ ସହ ଆମର ଆଲୋଚନା ଏହି ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଆମେ ଏଠାକୁ କେବଳ ନିବେଶ ଆମନ୍ତ୍ରଣ କରିବାକୁ ଆସିନାହୁଁ, ବରଂ ବିଶ୍ୱାସ, ପ୍ରଯୁକ୍ତିବିଦ୍ୟା, ମୂଲ୍ୟ ବୃଦ୍ଧି ଏବଂ ରୋଜଗାର ଉପରେ ଆଧାରିତ ଦୀର୍ଘକାଳୀନ ଭାଗିଦାରୀ ଗଢ଼ିବାକୁ ଆସିଛୁ। ୟୁଏଇ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ଆର୍ଥିକ ଭାଗିଦାର, ଏବଂ ନିର୍ଦ୍ଦିଷ୍ଟ ନିବେଶ ଓ ଶିଳ୍ପ ସୁଯୋଗ ମାଧ୍ୟମରେ ଓଡ଼ିଶା-ୟୁଏଇ ସମ୍ପର୍କକୁ ଆହୁରି ମଜବୁତ କରିବାକୁ ଆମେ ଆଶାବାଦୀ।'

ନିବେଶକଙ୍କ ଆଗ୍ରହକୁ ପ୍ରକୃତ ପ୍ରକଳ୍ପରେ ରୂପାନ୍ତରିତ କରିବା, କର୍ମସଂସ୍ଥାନ ସୃଷ୍ଟି କରିବା ଏବଂ ବିଶ୍ୱସ୍ତରୀୟ ବ୍ୟବସାୟ ପାଇଁ ଓଡ଼ିଶାକୁ ଏକ ଆକର୍ଷଣୀୟ ଓ ପ୍ରତିଯୋଗିତାମୂଳକ ଗନ୍ତବ୍ୟସ୍ଥଳ ଭାବେ ଗଢ଼ିତୋଳିବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେପଟ୍ଟେମ୍ବର ୯ରେ ଉଚ୍ଚସ୍ତରୀୟ ବ୍ୟବସାୟିକ ଆଲୋଚନା : ଓଡ଼ିଶାର ୟୁଏଇ ନିବେଶ ଅଭିଯାନ ଆସନ୍ତାକାଲି ଆବୁଧାବିରେ ଆରମ୍ଭ ହେବ। ଏହି ଅବସରରେ ୟୁଏଇ ର ବିଭିନ୍ନ ଅନୁଷ୍ଠାନ, ନିବେଶକ ଏବଂ ବ୍ୟବସାୟିକ ନେତାମାନଙ୍କ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକ ଓ ଆଲୋଚନା ଅନୁଷ୍ଠିତ ହେବ। ସେପଟ୍ଟେମ୍ବର ୯ର କାର୍ଯ୍ୟକ୍ରମରେ ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ ( ଆଇଏଚସି ) ଏବଂ ଏହାର ବିଭିନ୍ନ ବ୍ୟବସାୟିକ ଶାଖା, ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରୋଫେସନାଲ୍ ଗ୍ରୁପ୍ ( ଆଇବିପିଜି), ୟୁଏଇ ର ନିବେଶ ମନ୍ତ୍ରୀ ଓ ବରିଷ୍ଠ ନିବେଶକମାନଙ୍କ ସହ ଆଲୋଚନା ସାମିଲ ରହିଛି। ଏହାପରେ ପେଟ୍ରୋକେମିକାଲ୍ସ ଏବଂ କେମିକାଲ୍ସ କ୍ଷେତ୍ର ଉପରେ ଆଧାରିତ ଆଲୋଚନା ଅନୁଷ୍ଠିତ ହେବ। ଏହି ବୈଠକଗୁଡ଼ିକ ନିର୍ଦ୍ଦିଷ୍ଟ ନିବେଶ ସୁଯୋଗ, ଶିଳ୍ପ ଭାଗିଦାରୀ, ପ୍ରଯୁକ୍ତିବିଦ୍ୟା ସହଯୋଗ ଏବଂ ଓଡ଼ିଶା-ୟୁଏଇ ଆର୍ଥିକ ସମ୍ପର୍କକୁ ଅଧିକ ମଜବୁତ କରିବାର ମାର୍ଗ ସମ୍ପର୍କରେ ଆଲୋଚନା ପାଇଁ ମଞ୍ଚ ପ୍ରଦାନ କରିବ। ଏହି ନିବେଶ ଅଭିଯାନ ୟୁଏଇ ଏବଂ ସମଗ୍ର 'ଏମଇଏନଏ' ଅଞ୍ଚଳ ସହ ଏକ ସୁଦୃଢ଼ ଆର୍ଥିକ ସମ୍ପର୍କ ଗଢ଼ିତୋଳିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରଚେଷ୍ଟାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ନିବେଶକଙ୍କ ଆଗ୍ରହକୁ ପ୍ରକୃତ ଫଳାଫଳରେ ରୂପାନ୍ତରିତ କରି ରାଜ୍ୟର ଶିଳ୍ପ ବିକାଶ, କର୍ମସଂସ୍ଥାନ ସୃଷ୍ଟି ଏବଂ ଦୀର୍ଘମିଆଦୀ ଆର୍ଥିକ ପ୍ରଗତିକୁ ସୁନିଶ୍ଚିତ କରିବ। ସେପଟ୍ଟେମ୍ବର ୯ରୁ ଉଚ୍ଚସ୍ତରୀୟ ବ୍ୟବସାୟିକ ଏବଂ ଅନୁଷ୍ଠାନିକ ଆଲୋଚନା ନିର୍ଦ୍ଧାରିତ ହୋଇଥିବା ବେଳେ, ଓଡ଼ିଶା ୟୁଏଇ ସହିତ ନିବେଶ, ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ ଏବଂ ଶିଳ୍ପ ଭାଗିଦାରୀ କ୍ଷେତ୍ରରେ ସମ୍ପର୍କକୁ ଆହୁରି ନିବିଡ଼ କରିବା ସହ ନୂତନ ସୁଯୋଗର ସନ୍ଧାନ କରିବ।

### ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସ୍ନାତକ ସମାରୋହରେ ଯୋଗଦେଲେ ରାଜ୍ୟପାଳ

## ଆୟୁର୍ବେଦ ଭବିଷ୍ୟତର ସ୍ୱାସ୍ଥ୍ୟସେବାକୁ ନୂଆ ଦିଗ ଦେଇପାରିବ: ରାଜ୍ୟପାଳ

**ଭୁବନେଶ୍ୱର:** ଆୟୁର୍ବେଦ ଭବିଷ୍ୟତର ସ୍ୱାସ୍ଥ୍ୟ ସେବାକୁ ନୂଆ ଦିଗ ଦେଇ ପାରିବ ବୋଲି ଓଡିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ମଙ୍ଗଳବାର ଦିନ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସ୍ନାତକ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି।

ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଭାରତର ପ୍ରାଚୀନ ଜ୍ଞାନ ପରମ୍ପରା ଓ ଭବିଷ୍ୟତର ସ୍ୱାସ୍ଥ୍ୟସେବାର ଆବଶ୍ୟକତା ମଧ୍ୟରେ ଆୟୁର୍ବେଦ ଏକ ଶକ୍ତିଶାଳୀ ସେତୁ ଭାବେ କାର୍ଯ୍ୟ କରିପାରିବ।ଭାରତ ସମେତ ବିଶ୍ୱସ୍ତରରେ ଆୟୁର୍ବେଦ ପାଇଁ ସୁଯୋଗ ବଢୁଥିବା ବେଳେ ଏହାର ବ୍ୟାପକ ସ୍ୱୀକୃତି ଓ ବିଶ୍ୱସ୍ତରୀୟ ପରିଚୟ ପାଇଁ ବୈଜ୍ଞାନିକ ଗବେଷଣା, ପ୍ରମାଣଭିତ୍ତିକ ଅଧ୍ୟୟନ, ଗୁଣାତ୍ମକ ମାନଦଣ୍ଡ ଓ ଦାୟିତ୍ୱପୂର୍ଣ୍ଣ ଚିକିତ୍ସା ପଦ୍ଧତି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି। ଭାରତର ପାରମ୍ପରିକ ଜ୍ଞାନ ପଦ୍ଧତିଗୁଡ଼ିକୁ ନେଇ ବଢୁଥିବା ଆଗ୍ରହ ଆୟୁର୍ବେଦର ନୂଆ ପିଢ଼ିର ବୃତ୍ତିଧାରୀମାନଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏହି ସମୃଦ୍ଧ ପରମ୍ପରାକୁ ଗବେଷଣା, ନବସୃଜନ, ପ୍ରଯୁକ୍ତି ଓ ଆଧୁନିକ ସ୍ୱାସ୍ଥ୍ୟସେବା ପଦ୍ଧତି ସହ ଆଗକୁ ନେବାର ଦାୟିତ୍ୱ ମଧ୍ୟ ସେମାନଙ୍କ ଉପରେ ରହିଛି। ଏହି ସେତୁକୁ ଆହୁରି ଅଧିକ ମଜବୁତ କରିବାର ଦାୟିତ୍ୱ ସ୍ନାତକମାନଙ୍କର ବୋଲି ରାଜ୍ୟପାଳ କହିଥିଲେ। ଆୟୁର୍ବେଦର ବ୍ୟାପକ ସ୍ୱୀକୃତି ଓ ବିଶ୍ୱସ୍ତରୀୟ ପରିଚୟ ପାଇଁ ବୈଜ୍ଞାନିକ ଗବେଷଣା, ପ୍ରମାଣ, ଗୁଣାତ୍ମକ ମାନଦଣ୍ଡ ଏବଂ ଦାୟିତ୍ୱପୂର୍ଣ୍ଣ ଚିକିତ୍ସା ପ୍ରଚଳନକୁ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଆୟୁର୍ବେଦ ସ୍ନାତକମାନଙ୍କ ପାଇଁ ପାରମ୍ପରିକ ଚିକିତ୍ସା କ୍ଷେତ୍ର ବାହାରେ ମଧ୍ୟ ବ୍ୟାପକ ସୁଯୋଗ ରହିଛି ବୋଲି ରାଜ୍ୟପାଳ କହିଥିଲେ। ଗବେଷଣା, ଶିକ୍ଷା, ଜନସ୍ୱାସ୍ଥ୍ୟ, ଉଦ୍ୟମିତା, ଡିଜିଟାଲ ସ୍ୱାସ୍ଥ୍ୟସେବା, ଉତ୍ପାଦନ, ମେଡିକାଲ ଭାଲ୍ୟୁ ଟୁରିଜମ୍ ଓ ୱେଲନେସ୍ ସେବା ଭଳି କ୍ଷେତ୍ରରେ ସେମାନେ କ୍ୟାରିୟର ଗଢ଼ିପାରିବେ। କେବଳ ଚାକିରି ଖୋଜିବା ପରିବର୍ତ୍ତେ ଚାକିରି ସୃଷ୍ଟିକର୍ତ୍ତା ହେବାକୁ ରାଜ୍ୟପାଳ ସ୍ନାତକମାନଙ୍କୁ ପରାମର୍ଶ ଦେଇଥିଲେ। ପାରମ୍ପରିକ ଜ୍ଞାନ ସହ ଆଧୁନିକ ପ୍ରଯୁକ୍ତିକୁ ଯୋଡ଼ି ନୀତି ଆଧାରିତ ଓ ବିଶ୍ୱସନୀୟ ଉଦ୍ୟୋଗ ଗଢ଼ିବାକୁ ସେ ଆହ୍ୱାନ ଦେଇଥିଲେ।

ଭାରତୀୟ ଚିକିତ୍ସା ପଦ୍ଧତିକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର







ଓ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ସୁଦୃଢ଼ ଅନୁଷ୍ଠାନ, ଗବେଷଣା, ଆୟୁଷ ସେବାର ବ୍ୟାପକ ସମନ୍ୱୟ ଏବଂ ୱେଲନେସ୍‌ର ପ୍ରଚାର ମାଧ୍ୟମରେ ଭାରତୀୟ ଚିକିତ୍ସା ପଦ୍ଧତିକୁ ଆହୁରି ଆଗକୁ ନେବାର ଉଦ୍ୟମ ହେଉଛି ବୋଲି କହିଥିଲେ। ଲୋକଭବନର ୱେଲନେସ୍ ସେଣ୍ଟର ସମ୍ପର୍କରେ ରାଜ୍ୟପାଳ କହିଥିଲେ ଯେ, ସେ ନିକଟରେ ଏହି କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ସେଠାରେ ମୂଲ୍ୟବାନ ଔଷଧୀୟ ଉଦ୍ଭିଦଗୁଡ଼ିକ ସଂରକ୍ଷିତ ହୋଇଥିବା ଦେଖି ଖୁସି ହୋଇଥିଲେ। ଔଷଧୀୟ ଉଦ୍ଭିଦର ଚିକିତ୍ସାତ୍ମକ ଗୁଣ ଓ ଭାରତର ପାରମ୍ପରିକ ଜ୍ଞାନ ପଦ୍ଧତି ସମ୍ପର୍କରେ ଜନସଚେତନତା ବୃଦ୍ଧି ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ।

ଜାତୀୟ ଶିକ୍ଷା ନୀତି (ଘରଚ) ୨୦୨୦ ପ୍ରସଙ୍ଗ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏହା ଭାରତର ଜ୍ଞାନ ପରମ୍ପରାକୁ ବହୁବିଷୟକ ଶିକ୍ଷା, ଗବେଷଣା ଓ ନବସୃଜନ ସହ ଯୋଡ଼ିବାର ଏକ ସୁଯୋଗ ସୃଷ୍ଟି କରିଛି। ପରମ୍ପରାରୁ ମିଳିଥିବା ଜ୍ଞାନକୁ ସୁରକ୍ଷିତ ରଖିବା ସହ ତାହା ଉପରେ ଗବେଷଣା କରିବା ଓ ନୂଆ ଚିନ୍ତାଧାରା ଆଣିବା ମାଧ୍ୟମରେ ଆୟୁର୍ବେଦକୁ ନୂଆ କ୍ଷେତ୍ରକୁ ନେବା ପାଇଁ ରାଜ୍ୟପାଳ ସ୍ନାତକମାନଙ୍କୁ ଆହ୍ୱାନ ଦେଇଥିଲେ। ଚିକିତ୍ସା କ୍ଷେତ୍ରରେ ନୈତିକତାର ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ଜ୍ଞାନ ଚିକିତ୍ସକଙ୍କୁ ସେବା କରିବାର ଶକ୍ତି ଦିଏ, କିନ୍ତୁ ନୈତିକତା ସେହି ଶକ୍ତିକୁ ସଠିକ୍ ଦିଗ ଦେଇଥାଏ। ରୋଗୀଙ୍କ ଆସ୍ଥାକୁ ସମ୍ମାନ ଜଣାଇ ସଚ୍ଚୋଟତା, ସହାନୁଭୂତି, ନମ୍ରତା ଓ ମାନବିକତାର ସହ ଦାୟିତ୍ୱ ତୁଲାଇବାକୁ ରାଜ୍ୟପାଳ ନବସ୍ନାତକମାନଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ନାମକରଣର ଆଧାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ରାଜ୍ୟପାଳ ସମସ୍ତ ସ୍ନାତକ, ସେମାନଙ୍କ ପରିବାର, ଅଧ୍ୟାପକ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଆଗାମୀ ଦିନରେ ଆୟୁର୍ବେଦ ଶିକ୍ଷା, ଗବେଷଣା ଓ ଚିକିତ୍ସା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଆହୁରି ବିକଶିତ ହେବ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ।

ଏହି ଅବସରରେ ରାଜ୍ୟପାଳ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମାରୋହରେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ, ମାନ୍ୟବର ପୁରୀ ସାଂସଦ ଶ୍ରୀ ସମ୍ବିତ ପାତ୍ର, ଆୟୁଷ ନିର୍ଦ୍ଦେଶକ ଶ୍ରୀମତୀ ଅଞ୍ଜନା ପଣ୍ଡା ଏବଂ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ପୁରୀର ୟୁନିୟନ ଆଡଭାଇଜର ଶ୍ରୀ ରଞ୍ଜନ କୁମାର କସ୍ତା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ ବିହାରୀ ଖୁଣ୍ଟିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

## କେଭିରେ ବିଲୀନ ହେବ ଡିଏମ୍ ସ୍କୁଲ





**ଭୁବନେଶ୍ୱର :** ବିଲୀନ ହେବ ଡିଏମ୍ ସ୍କୁଲ। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ସହ ମିଶିଯିବ । ୬୨ ବର୍ଷର ଶିକ୍ଷାନୁଷ୍ଠାନରେ ପଡ଼ିବ ଯବନିକା। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଭୁବନେଶ୍ୱରର ପ୍ରଥମ ସରକାରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଡେମୋନ୍‌ଷ୍ଟ୍ରେସନ୍ ମଲ୍ଟିପରପୋଜ୍ ସ୍କୁଲ ବିଲୀନ ହେବ । ୧୯୬୪ ମସିହାରେ ରାଜଧାନୀରେ ପ୍ରତିଷ୍ଠା ହୋଇଥିବା ଏହି ସ୍କୁଲକୁ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ସହ ମିଶାଇ ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଐତିହ୍ୟ ସମ୍ପନ୍ନ ଏହି ସ୍କୁଲ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ସ୍ଥାପିତ ହୋଇଥିଲା ଏବଂ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ସଂସ୍ଥାନର ଏକ ଅଭିନ୍ନ ଅଙ୍ଗ ପାଲଟିଥିଲା । ଶିକ୍ଷା ସହ ଗବେଷଣାର ପ୍ରାଣକେନ୍ଦ୍ର ପାଲଟିଥିଲା। ଏନ୍‌ସିଇଆରଟି ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟରେ ପ୍ରାକ୍-ବିଦ୍ୟାଳୟ ତଥା ବାଲ୍ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରାଯାଉଛି। ଯେଉଁଠି ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ବହୁତ କମ୍ ମୂଲ୍ୟରେ ଶିକ୍ଷା ମିଳିପାରୁଛି। ବର୍ତ୍ତମାନ ଏହି ସ୍କୁଲକୁ କେଭିଏସ୍‌ରେ ମିଶ୍ରଣ କରାଯିବ। ଫଳରେ ବିଦ୍ୟାଳୟର ନାଁ ବଦଳି ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ହେବ। କେନ୍ଦ୍ରୀୟ ବିଦ୍ୟାଳୟ ଢାଞ୍ଚାରେ ଏଠାରେ ଶିକ୍ଷାଦାନ କରାଯିବ। କେବଳ ଏହି ଗୋଟିଏ ଡିଏମ୍ ନୁହେଁ, ଏନ୍‌ସିଇଆରଟି ଅଧୀନରେ ଥିବା ଦେଶରେ ୪ଟି ଯାକ ଡିଏମ୍ ସ୍କୁଲକୁ କେଭିଏସ୍ ସହ ମିଶ୍ରଣ କରିବାକୁ ନିଷ୍ପତ୍ତି ହୋଇଛି।

## ସିଲିଣ୍ଡର ବୁକ ନିୟମରେ ପରିବର୍ତ୍ତନ କଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ:** ଦେଶରେ ଗ୍ୟାସ୍ ସିଲିଣ୍ଡର ଉପଲବ୍ଧତାକୁ ନେଇ ଗତ କିଛିଦିନ ଧରି ସମସ୍ୟା ଦେଖାଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ଗୋଟିଏ ସିଲିଣ୍ଡର ବୁକ୍ କରିବାର ୪୫ ଦିନ ପରେ ପରବର୍ତ୍ତୀ ସିଲିଣ୍ଡର ବୁକ୍ କରିବା ନିୟମ ଲାଗୁ କରାଯାଇଥିଲା। ଏବେ କେନ୍ଦ୍ର ସରକାରଏହି ନିୟମରେ ପୁଣି ପରିବର୍ତ୍ତନ କରିଛନ୍ତି। କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ୍ ଓ ପର୍ଯ୍ୟଟନ ମନ୍ତ୍ରୀ ସୁରେଶ ଗୋପୀଙ୍କ ସୂଚନା ଅନୁସାରେ, ଏଣିକି ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉଭୟରେ ଗ୍ୟାସ୍ ? ସିଲିଣ୍ଡର ବୁକିଂର ଅନ୍ତର ୨୫ ଦିନ ରହିବ। ସେପଟ୍ଟେମ୍ବର ୭ ସୋମବାରରୁ ଏହି ନୂଆ ବ୍ୟବସ୍ଥା ଲାଗୁ ହୋଇଛି। ଅର୍ଥାତ୍, ଗୋଟିଏ ସିଲିଣ୍ଡର ବୁକ୍ କରିବା ପରେ ଦ୍ୱିତୀୟ ସିଲିଣ୍ଡର ପାଇଁ ଆଉ ୪୫ ଦିନ ଅପେକ୍ଷା କରିବାକୁ ପଡ଼ିବନି। ୨୫ଦିନ ପରେ ଗ୍ରାହକ ପୁଣି ସିଲିଣ୍ଡର ବୁକ୍ କରିପାରିବେ। ମନ୍ତ୍ରୀ କହିଛନ୍ତି ଯେ, ତୈଳ ବିପଣନ କମ୍ପାନିଗୁଡ଼ିକୁ ଏହି ପରିବର୍ତ୍ତନ ତୁରନ୍ତ ଲାଗୁ କରିବାକୁ କୁହାଯାଇଛି। ମଧ୍ୟ ପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ତୈଳ କମ୍ପାନିଗୁଡ଼ିକ ଉପରେ ଚାପ ବଢ଼ିଥିଲା। ଏହି କାରଣରୁ ପୂର୍ବରୁ ସହରାଞ୍ଚଳରେ ୨୫ ଦିନ ଓ ଗ୍ରାମାଞ୍ଚଳରେ ୪୫ ଦିନର ବ୍ୟବଧାନ ରଖାଯାଇଥିଲା। ନୂଆ ନିୟମ ଲାଗୁ ହେବା ପରେ ବିଶେଷକରି ଅଧିକ ଗ୍ୟାସ୍ ଆବଶ୍ୟକ କରୁଥିବା ପରିବାରଗୁଡ଼ିକ ଆଶ୍ୱସ୍ତିଲାଭ କରିବେ।



## ଅଭିଯୋଗ କରିଲେ ମିଳୁନି ନ୍ୟାୟ: ସାମାଜିକ ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ କୀଟନାଶକ ଧରି ପହଞ୍ଚିଲେ

ରାୟଗଡ଼ା: ବାପା ଦାଦାଙ୍କ ଅମଳରୁ ଚାଷ କରୁଥିଲେ ସରକାରୀ ଜମିରେ ଓ କିନ୍ତୁ କିଛି ବର୍ଷ ହେଲା ଜମିକୁ ଜୋର ଜବରଦସ୍ତି ନେଇଯିବାକୁ ଚାହୁଁଛନ୍ତି କିଛି ଲୋକ ଓ ଏହାକୁ ବିରୋଧ କରିଲେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରୁଛନ୍ତି କିଛି ବ୍ୟକ୍ତି ଓ ଏନେଇ ପ୍ରଶାସନଠୁ ଆରମ୍ଭ କରି ପୁଲିସକୁ ଗୁହାରି କରୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି ଓ ବରଂ ଦିନକୁ ଦିନ ଧମକ ଓ ଆକ୍ରମଣ ବଢୁଛି ଓ ଏନେଇ ପୂର୍ବ ଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ କରୁଛନ୍ତି, କିନ୍ତୁ ସମସ୍ୟାର ସମାଧାନ ହେଉନି ଓ ଆଜି ହତୋତ୍ସାହ ହୋଇ ପରିବାର ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ କୀଟନାଶକ ଧରି ପହଞ୍ଚିଥିଲେ ଓ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା ଆଜି ରାୟଗଡ଼ା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଓ

ନ୍ୟାୟ ନ ମିଳିଲେ କୀଟନାଶକ ପିଇ କରି ଜୀବନ ହାରିବେ ବୋଲି କୋହଭରା କଣ୍ଠରେ କହିଛନ୍ତି ରାୟଗଡ଼ା ବ୍ଲକ ଜମାଦେଇପେଣ୍ଟ ଗ୍ରାମର ଓ୍ୱାଇ ଗୋଙ୍ଗୁଲୁ ଓ ବର୍ଷେ ବର୍ଷେ ଧରି ପ୍ରଶାସନ ତାଙ୍କ ଅଭିଯୋଗକୁ ଦୃଷ୍ଟି ନଦେଉ ନଥିବା ଓ ଧମକ ବଢୁଥିବାରୁ ଆଜି ପୂରା ପରିବାର ଏଇଠି ଜୀବନ ହଓରିଦେବୁ ବୋଲି କହିଛନ୍ତି ଓ ଏହି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି ଓ କିଛି ଜମି ମାଫିଆ ଜମି ହଡପ କରିବାକୁ ଯୋଜନା କରି ଏଭଳି କରୁଥିବା ଅଭିଯୋଗ କରିଛନ୍ତି ପୀଡିତ ଗୋଙ୍ଗୁଲୁ ଓ ଏପରିକି ତାଙ୍କ ପରିବାରକୁ ଆକ୍ରମଣ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି ପରିବାର ଓ

# ହାଣ୍ଡିଶାଳରୁ... ପାନମଧୁରୀର ଉପକାରିତା



*ପାନମଧୁରୀ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ। ଏଥିରେ ଅନେକ ଔଷଧୀୟ ଗୁଣ ରହିଛି। ଆଚାରଠାରୁ ଆରମ୍ଭ କରି ମାଉଥ୍ ଫ୍ରେସନର୍ ପର୍ଯ୍ୟନ୍ତ, ସବୁଥିରେ ପାନମଧୁରୀ ବ୍ୟବହାର ହୋଇଥାଏ। ଏହା ପାଟିର ଦୁର୍ଗନ୍ଧ ଦୂର କରେ।*

ପାନମଧୁରୀ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ। ଏଥିରେ ଅନେକ ଔଷଧୀୟ ଗୁଣ ରହିଛି। ଆଚାରଠାରୁ ଆରମ୍ଭ କରି ମାଉଥ୍ ଫ୍ରେସନର୍ ପର୍ଯ୍ୟନ୍ତ, ସବୁଥିରେ ପାନମଧୁରୀ ବ୍ୟବହାର ହୋଇଥାଏ। ଏହା ପାଟିର ଦୁର୍ଗନ୍ଧ ଦୂର କରେ। ଏଥିରେ କପର, ପଟାସିୟମ୍, କ୍ୟାଲସିୟମ୍, ଜିଙ୍କ୍, ମାଙ୍ଗାନିଜ୍, ଆଇରନ୍, ସେଲେନିୟମ୍, ମ୍ୟାଗ୍ନେସିୟମ୍ ସହ ଆଣ୍ଟି ଇନ୍‌ଫ୍ଲାମେଟୋରି, ଆଣ୍ଟି ମାଇକ୍ରୋବିୟଲ୍ ଓ ଆଣ୍ଟି ଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ରହିଛି। ଆସନ୍ତୁ ଏହାର ଫାଇଦା ସମ୍ପର୍କରେ ଜାଣିବା।

**ପାଚନରେ ଉନ୍ନତି-** ପାନମଧୁରୀ ଦୁର୍ବଳ ପାଚନ କ୍ଷମତାକୁ ଉନ୍ନତ କରେ। ଖାଦ୍ୟ ଖାଇବା ପରେ ଏହାକୁ ତୁରନ୍ତ ଖାଇଲେ ପାଚନ ପ୍ରକ୍ରିୟା ସକ୍ରିୟ ହୋଇଥାଏ। ଏହା ସହିତ ଦିନକୁ ୩ରୁ ୪ ଥର ପାନମଧୁରୀ ଖାଇଲେ ପାଟିର ଦୁର୍ଗନ୍ଧ ଦୂର ହୁଏ। ଗ୍ୟାସ୍ ଓ କୋଷ୍ଠକାଠିନ୍ୟରୁ ମୁକ୍ତି - ଯଦି ଆପଣଙ୍କର ଗ୍ୟାସ୍ କିମ୍ବା କୋଷ୍ଠକାଠିନ୍ୟ ସମସ୍ୟା ରହିଛି, ତେବେ ଆପଣ ନିଶ୍ଚିତ ପାନମଧୁରୀ ଖାଇବା ଆବଶ୍ୟକ। ଏଥି ସହ ଅନେକ ଲୋକଙ୍କର ପେଟଫୁଲା ପରି ସମସ୍ୟା ମଧ୍ୟ ଦେଖା ଦେଇଥାଏ। ଏଥିପାଇଁ ପାନମଧୁରୀ ଲାଭଦାୟକ। ଏସିଡିଟି କାରଣରୁ ଛାତିଜଳା ସମସ୍ୟା ଦୂର କରିବାରେ ବି ପାନମଧୁରୀ ପ୍ରଭାବଶାଳୀ ହୋଇଥାଏ। ମେଦ ହ୍ରାସ- ପାନମଧୁରୀ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ମେଟାବୋଲିଜିମ୍ ବୃଦ୍ଧି କରି ମେଦ ବହୁଳତାକୁ ଶୀଘ୍ର ହ୍ରାସ କରିଥାଏ। ଏଭଳି ସମସ୍ୟା ଦେଖାଦେଉଥିଲେ ସକାଳୁ ପାନମଧୁରୀ ଖାଇବା ଅଭ୍ୟାସ କରନ୍ତୁ। ତ୍ୱଚାରେ ଉନ୍ନତି- ପାନମଧୁରୀ ତ୍ୱଚା ପାଇଁ ମଧ୍ୟ ଫଳପ୍ରଦ ହୋଇଥାଏ। ଯଦି ଆପଣଙ୍କର କିଛି ଚର୍ମ ସମସ୍ୟା ଦେଖାଦେଉଛି, ତେବେ ଆପଣ ପାନମଧୁରୀ ଖାଆନ୍ତୁ। ଉଜ୍ଜଳ ତ୍ୱଚା ପାଇଁ ଏହା ଉପଯୋଗୀ। ଏହା ଖାଇଲେ ତ୍ୱଚାରେ ଜମା ହୋଇଥିବା ମଇଳା ବାହାରି ଯାଇଥାଏ।



# ଭେଣ୍ଡି ଏକ ସୁପର୍‌ଫୁଡ

*ଭାରତୀୟଙ୍କ ରୋଷେଇ ଘରେ ଭେଣ୍ଡି ଏକ ଅତି ପରିଚିତ ପରିବା। କେବଳ ନିଜର ସ୍ୱାଦ ପାଇଁ ନୁହେଁ, ବରଂ ସ୍ୱାସ୍ଥ୍ୟ ଦୃଷ୍ଟିରୁ ମଧ୍ୟ ଭେଣ୍ଡି ଖୁବ୍ ଲାଭଦାୟକ ବୋଲି ବିଶେଷଜ୍ଞ କୁହନ୍ତି। ବିଶେଷକରି ପେଟ ଏବଂ ହଜମ ପ୍ରକ୍ରିୟା ପାଇଁ ଏହାକୁ ଏକ 'ସୁପରଫୁଡ୍' ଭାବରେ ବିବେଚନା କରାଯାଏ।*

ଭାରତୀୟଙ୍କ ରୋଷେଇ ଘରେ ଭେଣ୍ଡି ଏକ ଅତି ପରିଚିତ ପରିବା। କେବଳ ନିଜର ସ୍ୱାଦ ପାଇଁ ନୁହେଁ, ବରଂ ସ୍ୱାସ୍ଥ୍ୟ ଦୃଷ୍ଟିରୁ ମଧ୍ୟ ଭେଣ୍ଡି ଖୁବ୍ ଲାଭଦାୟକ ବୋଲି ବିଶେଷଜ୍ଞ କୁହନ୍ତି । ବିଶେଷକରି ପେଟ ଏବଂ ହଜମ ପ୍ରକ୍ରିୟା ପାଇଁ ଏହାକୁ ଏକ 'ସୁପରଫୁଡ୍' ଭାବରେ ବିବେଚନା କରାଯାଏ। ଭେଣ୍ଡିରେ ଭିଟାମିନ୍ ସି, ଏ, କେ, ବି-କମ୍ପ୍ଲେକ୍ସ, ମ୍ୟାଗ୍ନେସିୟମ୍, ପୋଟାସିୟମ୍, କ୍ୟାଲସିୟମ୍ ଏବଂ ପ୍ରଚୁର ପରିମାଣରେ ଫାଇବର୍ ଭରି ରହିଥାଏ। ନିୟମିତ ଭେଣ୍ଡି ଖାଇଲେ ଏହା ଅନେକ ଗମ୍ଭୀର ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ।



## ଭେଣ୍ଡି ଖାଇବାର ମୁଖ୍ୟ ଫାଇଦାଗୁଡ଼ିକ ଜାଣନ୍ତୁ

ଭେଣ୍ଡିରେ ଉଭୟ ଦ୍ରବୀଭୂତ ଏବଂ ଅଦ୍ରବୀଭୂତ ଫାଇବର୍ ପ୍ରଚୁର ପରିମାଣରେ ଥାଏ। ଏଥିରେ ଥିବା 'ମ୍ୟୁସିଲେଜ୍' ପାଚନ ନଳୀକୁ ସଫା କରେ ଏବଂ ଅନ୍ତନଳୀ ସଫା ରଖିବାରେ ସାହାଯ୍ୟ କରେ। ଏହାଦ୍ୱାରା କୋଷ୍ଠକାଠିନ୍ୟ, ଗ୍ୟାସ୍ ଏବଂ ଏସିଡିଟି ସମସ୍ୟାରୁ ତୁରନ୍ତ ଆରାମ ମିଳିଥାଏ। ଠିକ୍ ଭାବରେ ହଜମ ନହେବା କାରଣରୁ ପେଟରେ ଗ୍ୟାସ୍ ଏବଂ ପେଟ ଭାରି ଲାଗିବା ସମସ୍ୟା ଦେଖାଯାଏ। ଭେଣ୍ଡିର ଫାଇବର୍ ଅନ୍ତନଳୀକୁ ଉନ୍ନତ କରେ, ଯାହାଫଳରେ ଖାଦ୍ୟ ସହଜରେ ହଜମ ହୁଏ ଏବଂ ଗ୍ୟାସ୍ ବା ପେଟ ଫୁଲିବା ସମସ୍ୟା କମ୍ ହୁଏ। ଭେଣ୍ଡି ଏକ 'ପ୍ରି-ବାୟୋଟିକ୍' ଭାବରେ କାମ କରେ। ଏହା ଅନ୍ତନଳୀରେ ଥିବା ଉପକାରୀ ବ୍ୟାକ୍ଟେରିଆକୁ ପୋଷଣ ଯୋଗାଏ। ପେଟ ଭିତରେ ବ୍ୟାକ୍ଟେରିଆରସନ୍ତୁଳନଠିକ୍ ରହିଲେ ଅନେକ ପେଟ ସମ୍ବନ୍ଧୀୟ ରୋଗ ଆପେ ଆପେ ଭଲ ହୋଇଯାଏ।

ଭେଣ୍ଡିରେ 'ପେକ୍ଟିନ୍' (ଚରମସ୍ୱସଭ) ନାମକ ଏକଉପାଦାନ ରହିଥାଏ, ଯାହା ଶରୀରରେ ଥିବା ଖରାପ କୋଲେଷ୍ଟ୍ରଲ (ଇବୟ ଉଷକ୍ଟକ୍ଷରସ୍ୱସ୍ୱରକ୍ସକ୍ଟକ୍ଷ) କୁ କମ୍ କରିବାରେ ସାହାଯ୍ୟ କରେ। ନିୟମିତ ଭାବେ ଏହାକୁ ଖାଇବା ଦ୍ୱାରା ଧମନୀରେ ବ୍ଲକେଜ୍ ଆଶଙ୍କା କମ୍ ହୁଏ, ରକ୍ତଚାପ ନିୟନ୍ତ୍ରଣରେ ରୁହେ ।

## ବିନା ପରିଶ୍ରମ ଏବଂ ବିନା ଖର୍ଚ୍ଚରେ ପିତ୍ତଳ, ତମ୍ବା ଓ ରୁପା ବାସନର କଳା ଦାଗ ହଟାନ୍ତୁ !

*ଭାରତୀୟ ଘରେ ବିଶେଷ ଅବସର ଏବଂ ପୂଜାପାଠ ସମୟରେ ତମ୍ବା-ପିତଳ, ଫୁଲ ଏବଂ ରୁପା ଭଳି ଧାତୁର ବାସନ ବ୍ୟବହାର କରାଯାଏ। ଅନେକ ସମୟରେ ଦୀର୍ଘଦିନ ଧରି ରଖାଯିବା କାରଣରୁ ଏହି ବାସନଗୁଡ଼ିକ କଳା ପଡ଼ିଯାଏ। ଏଗୁଡିକୁ ସଫା କରିବାର କିଛି ଘରୋଇ ଜିନିଷ ବ୍ୟବହାର କରି ଆପଣ ଏଗୁଡ଼ିକୁ ବିନା ପରିଶ୍ରମରେ ଶୀଘ୍ର ସଫା କରିପାରିବେ। ବାସନ ସଫା କରିବା ପାଇଁ ଏଠାରେ କୁହାଯାଇଥିବା ଅଧିକାଂଶ ଜିନିଷ ଆପଣଙ୍କ ରୋଷେଇ ଘରେ ହିଁ ମିଳିଯିବ। ଆସନ୍ତୁ ଜାଣିବା, କେଉଁ ଜିନିଷ ବ୍ୟବହାର କରି ରୁପା, ପିତଳ ଏବଂ ତମ୍ବା ବାସନ ସଫା କରିପାରିବେ। ବାସନ ସଫା କରିବା ପାଇଁ ଏଠାରେ କୁହାଯାଇଥିବା ଅଧିକାଂଶ ଜିନିଷ ଆପଣଙ୍କ ରୋଷେଇ ଘରେ ହିଁ ମିଳିଯିବ। ବଜାରରେ ମିଳୁଥିବା କେମିକାଲ୍ ପାଉଡର ତୁଳନାରେ ଏହି ଘରୋଇ ଉପାୟଗୁଡ଼ିକ ଅନେକ ଭଲ ବିକଳ୍ପ ହୋଇପାରେ। ଯଦି ଆପଣଙ୍କ ଘରେ ପିତଳର ଲୋଟା, ଥାଳି କିମ୍ବା ଗିନା ରହିଛି, ତେବେ ଏହାକୁ ସଫା କରିବା ପାଇଁ ଗୋଟିଏ ଲେମ୍ବୁକୁ ମଝିରୁ କାଟି ନିଅନ୍ତୁ। ଏହା ଉପରେ ଅଳ୍ପ ଧଳା ଲୁଣ ଛିଞ୍ଚି ଦିଅନ୍ତୁ। ଏବେ ଏହି ଲେମ୍ବୁକୁ ପିତଳ ବାସନର ଭିତର ଓ ବାହାର ଅଂଶରେ ଭଲ ଭାବେ ଗୋଲାକାର ଭାବରେ ଘଷନ୍ତୁ। ଏପରି କରିବା ଦ୍ୱାରା ଆପଣ ଦେଖିବେ, ବାସନର କଳାପଣ ଧୀରେ ଧୀରେ ହଟିବାକୁ ଲାଗିଛି।*

# ବିଶ୍ୱର ନାମୀ କମ୍ପାନୀରେ ଭାରତୀୟଙ୍କ ରାଜ୍

*ସଫ୍ଟୱେରଠାରୁ ଆରମ୍ଭ କରି ଚିପ୍, ସିପିଂ ଏବଂ ବିଳାସ ସାମଗ୍ରୀ, ଭାରତୀୟ ବଂଶୋଦ୍ଭବ ଅଧିକାରୀମାନେ ବିଶ୍ୱର ବଡ଼ ବଡ଼ କମ୍ପାନିର ମଙ୍ଗୁଆଳ ସାଜିଛନ୍ତି । ଏବେ ଏହି ତାଲିକାରେ ଯୋଡ଼ି ହୋଇଯାଇଛନ୍ତି ଅନିଲ ଚକ୍ରବର୍ତ୍ତୀ ।*



ସଫ୍ଟୱେରଠାରୁ ଆରମ୍ଭ କରି ଚିପ୍, ସିପିଂ ଏବଂ ବିଳାସ ସାମଗ୍ରୀ, ଭାରତୀୟ ବଂଶୋଦ୍ଭବ ଅଧିକାରୀମାନେ ବିଶ୍ୱର ବଡ଼ ବଡ଼ କମ୍ପାନିର ମଙ୍ଗୁଆଳ ସାଜିଛନ୍ତି। ଏବେ ଏହି ତାଲିକାରେ ଯୋଡ଼ି ହୋଇଯାଇଛନ୍ତି ଅନିଲ ଚକ୍ରବର୍ତ୍ତୀ, ଯିଏକି ଚଳିତବର୍ଷ ଡିସେମ୍ବର ୧ରେ ଆଡୋବ୍ ର ସଭାପତି ଏବଂ ସିଇଓ ଭାବେ ଦାୟିତ୍ୱ ନେବେ । ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ବାରାଣାସୀରୁ ସେ କମ୍ପ୍ୟୁଟର ସାଇନ୍ସ କରିଛନ୍ତି । ପରେ ମାସାଚୁସେଟ୍ସ ଇନଷ୍ଟ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ମାଷ୍ଟର୍ସ ଏବଂ ପିଏଚଡି ଡିଗ୍ରୀ ହାସଲ କରିଛନ୍ତି । ସେ ଶାନ୍ତନୁ ନାରାୟେନ୍ ଙ୍କ ସ୍ଥାନରେ ଅବସ୍ଥାପିତ ହେବେ, ଯିଏକି ପାଖାପାଖି ଦୁଇ ଦଶନ୍ଧି ଆଡୋବ୍ ର ନେତୃତ୍ୱ ନେବା ପରେ ଏବେ କାର୍ଯ୍ୟନିର୍ବାହୀ ଅଧକ୍ଷ ପଦରେ ରହିବେ। ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକରେ ଭାରତୀୟଙ୍କ ରାଜ୍ ବଢ଼ିଚାଲିଛି । ଏହିଭଳି କେତେ ଜଣ ପ୍ରମୁଖ ବ୍ୟକ୍ତିବିଶେଷ ଏହି ଲିଷ୍ଟରେ ଅଛନ୍ତି ଆସନ୍ତୁ ଜାଣିବା ।

**ସତ୍ୟ ନାଦେଲା (ମାଇକ୍ରୋସଫ୍ଟ) :** ହାଇଦ୍ରାବାଦ ଜନ୍ମିତ ସତ୍ୟ ନାଦେଲା ମାଇକ୍ରୋସଫ୍ଟର ଅଧକ୍ଷ ତଥା ସିଇଓ । ୧୯୯୨ରେ ସେ କମ୍ପାନିରେ ଯୋଗ ଦେଇଥିଲେ ଏବଂ ୨୦୧୪ରେ ସିଇଓ ହୋଇଥିଲେ । ତାଙ୍କ ନେତୃତ୍ୱରେ ମାଇକ୍ରୋସଫ୍ଟ କ୍ଲାଉଡ୍ କମ୍ପ୍ୟୁଟିଂ, ଏଣ୍ଟର୍ପ୍ରାଇଜ୍ ସର୍ଭିସେସ୍ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ବୃହତ୍ ସଫଳତା ହାସଲ କରିଛି ।

**ସୁନ୍ଦର ପିଚାଇ(ଆଲ୍ଫାବେଟ୍) :** ପିଚାଇ ଗୁଗୁଲ ଏବଂ ଏହାର ମୂଳ କମ୍ପାନି ଆଲ୍ଫାବେଟ୍ ର ସିଇଓ । ଚେନ୍ନାଇ ଜନ୍ମିତ ପିଚାଇ ୨୦୦୪ରେ ଗୁଗୁଲ୍ ରେ ଯୋଗ ଦେଇଥିଲେ ଏବଂ ଗୁଗୁଲ୍ କ୍ରୋମ ଓ କ୍ରୋମ୍ଓଏସ୍ ଭଳି ଉତ୍ପାଦର ନେତୃତ୍ୱ ନେଇଥିଲେ । ୨୦୧୫ରେ ସେ ଗୁଗୁଲ୍ ର ସିଇଓ ହେଲେ ଏବଂ ୨୦୧୯ରେ ଆଲ୍ଫାବେଟ୍ ର ଦାୟିତ୍ୱ ନେଇଥିଲେ । ବର୍ତ୍ତମାନ ସେ ଗୁଗୁଲ୍ ସର୍ଚ୍ଚ, ଆଡଭାର୍ଟାଇଜିଂ, କ୍ଲାଉଡ୍ ଏବଂ ହାର୍ଡୱେର୍ ବିଜନେସକୁ ତଦାରଖ କରୁଛନ୍ତି। ଜେମିନି ଜରିଆରେ ସେ ଏଆଇ ରଣନୀତିର ନେତୃତ୍ୱ ନେଉଛନ୍ତି।

**ଅରବିନ୍ଦ କ୍ରିଷ୍ଣା (ଆଇବିଏମ୍) :** ଆଇବିଏମ୍‌ର ସଭାପତି ତଥା ସିଇଓ ହେଉଛନ୍ତି ଅରବିନ୍ଦ କ୍ରିଷ୍ଣା । ଆଇଆଇଟି କାନପୁର ଆଲୁମିନି କ୍ରିଷ୍ଣା ଏହି ଟେକ୍ନୋଲୋଜି କମ୍ପାନିରେ ୩ ଦଶନ୍ଧିରୁ ଅଧିକ ସମୟ ବିତାଇଛନ୍ତି ।

**ଲୀନା ନାୟର(ଚାନେଲ) :** ଫ୍ରାନ୍ସଭିତ୍ତିକ ଲକଜ୍ୟୁରୀ କମ୍ପାନି ଚାନେଲର ଗ୍ଲୋବାଲ ସିଇଓ ହେଉଛନ୍ତି ଲୀନା ନାୟର । ୟୁନିଲିଭରର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବା ପରେ ସେ ୨୦୨୨ରେ ଚାନେଲର ଗ୍ଲୋବାଲ ସିଇଓ ପଦରେ ଅବସ୍ଥାପିତ ହୋଇଛନ୍ତି । ୟୁନିଲିଭରରେ ୩ ଦଶନ୍ଧି କାର୍ଯ୍ୟ କରିଥିଲେ । ଚାନେଲରେ ସେ ଫ୍ୟାଶନ, ବିଉଟି, ୱାଚ୍ ଏବଂ ଜୁଏଲେରୀ ବ୍ୟବସାୟ ଦେଖୁଛନ୍ତି ।

**ରାଜ୍ ସୁବ୍ରମଣ୍ୟମ (ଫେଡ୍‌ଏକ୍ସ) :** ସୁବ୍ରମଣ୍ୟମ ଫେଡ୍‌ଏକ୍ସ କର୍ପୋରେଶନ୍‌ର ସଭାପତି ତଥା ସିଇଓ । ଥିରୁଭାନନ୍ତପୁରମ ତାଙ୍କ ଘର । ୩୦ ବର୍ଷ ତଳେ ସେ ଫେଡ୍‌ଏକ୍ସରେ ଯୋଗ ଦେଇଥିଲେ । ୨୦୨୨ରେ ସିଇଓ ହେବା ପୂର୍ବରୁ ସେ କମ୍ପାନିର ଅପରେଶନ, ମାର୍କେଟିଂ ଏବଂ ଆନ୍ତର୍ଜାତୀୟ ବ୍ୟବସାୟରେ ବିଭିନ୍ନ ବରିଷ୍ଠ ପଦବୀରେ କାର୍ଯ୍ୟ କରିଥିଲେ ।

**ବସନ୍ତ ନରସିହ୍ମା (ନୋଭାର୍ଟିସ୍) :** ୨୦୧୮ରୁ ସୁଇସ୍ ଫାର୍ମା କମ୍ପାନି ନୋଭାର୍ଟିସର ସିଇଓ ରହି ଆସିଛନ୍ତି ନରସିହ୍ମା । ୨୦୦୫ରେ ସେ ଜଣେ ଫିଜିସିଆନ୍ ଭାବେ କମ୍ପାନିରେ ଯୋଗ ଦେଇଥିଲେ । ଅଭିନବ ମେଡିସିନ ବିକାଶରେ ସେ କମ୍ପାନିର ନେତୃତ୍ୱ ନେଇ ଆସିଛନ୍ତି । ୧୨୦ଟି ଦେଶରେ ଗବେଷଣା, ଔଷଧ ବିକାଶ ଏବଂ କାରବାର ଦେଖୁଛନ୍ତି ସେ ।

**ସି.ଏସ୍ ଭେଙ୍କଟକ୍ରିଷ୍ଣନ (ବାରକ୍ଲେଜ୍) :** ଭେଙ୍କଟ ଭାବେ ଜଣା ସି.ଏସ୍ ଭେଙ୍କଟକ୍ରିଷ୍ଣନ ବାରକ୍ଲେଜ୍ ଗ୍ରୁପ୍ ସିଇଓ । ସେ ବ୍ୟାଙ୍କିଙ୍ଗ୍, ନିବେଶକ ପରିଚାଳନା ଏବଂ ରିସ୍କ ମ୍ୟାନେଜମେଣ୍ଟ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି ।

**ସଞ୍ଜୟ ମେହ୍ରୋତ୍ରା (ମାଇକ୍ରନ) :** ମାଇକ୍ରନ ଟେକ୍ନୋଲୋଜିର ଅଧକ୍ଷ, ସଭାପତି ଏବଂ ସିଇଓ ହେଉଛନ୍ତି ସଞ୍ଜୟ । ସେ ସାନଡିସ୍କର ସହ-ପ୍ରତିଷ୍ଠାତା ଏବଂ ୨୦୧୭ରେ ମାଇକ୍ରନ୍ର ସିଇଓ ହୋଇଥିଲେ ।

**ନିଲ୍ ମୋହନ (ୟୁଟ୍ୟୁବ୍) :** ୨୦୨୩ରେ ୟୁଟ୍ୟୁବର ସିଇଓ ହୋଇଥିଲେ ମୋହନ । ୟୁଟ୍ୟୁବ୍ ସର୍ଟସ, ୟୁଟ୍ୟୁବ୍ ପ୍ରିମିୟମ, ୟୁଟ୍ୟୁବ୍ ମ୍ୟୁଜିକ ଏବଂ ୟୁଟ୍ୟୁବ୍ ଟିଭି ଆଦି ଉତ୍ପାଦରେ ସେ ଜଡ଼ିତ ।

**କୁନାଲ ଶାହ (ହ୍ୱାଟ୍ସଆପ୍) :** ଭାରତୀୟ ଫିନଟେକ୍ କମ୍ପାନି କ୍ରେଡର ପ୍ରତିଷ୍ଠାତା ହେଉଛନ୍ତି ଶାହ । ମେଟା ଏହାର ମେସେଜିଂ ପ୍ଲାଟଫର୍ମରେ ନେତୃତ୍ୱ ପରିବର୍ତ୍ତନ ଘୋଷଣା କରିବା ପରେ ସେ ହ୍ୱାଟ୍ସଆପର ଦାୟିତ୍ୱ ନେଇଛନ୍ତି ।







## ପୋଲ ଭାଙ୍ଗିଯିବାରୁ ଲୋକେ ୨୦ କି.ମି ବାଟ ଯାଉଥିଲେ

# ଚାଷଜମିରେ ଶର୍ଟକଟ୍ ରାସ୍ତା କରି 'ଟୋଲ୍ ଟ୍ୟାକ୍ସ' ଆଦାୟ କଲେ ବୃଦ୍ଧ ବ୍ୟକ୍ତି

ଆଜିକାଲି ପ୍ରବଳ ବର୍ଷାରେ କେତେକ ସ୍ଥାନରେ ପୋଲ ଭାଙ୍ଗି ଯାଉଥିବାର ଖବର ସାମ୍ନାକୁ ଆସୁଛି । ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ଏକ ଭିଡିଓ ଅନୁସାରେ, ଦେଶର ଏକ ସ୍ଥାନରେ ଏକ ପୋଲ ଭାଙ୍ଗି ଯିବାରୁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

ଆଜିକାଲି ପ୍ରବଳ ବର୍ଷାରେ କେତେକ ସ୍ଥାନରେ ପୋଲ ଭାଙ୍ଗି ଯାଉ ଥିବାର ଖବର ସାମ୍ନାକୁ ଆସୁଛି । ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ଏକ ଭିଡିଓ ଅନୁସାରେ, ଦେଶର ଏକ ସ୍ଥାନରେ ଏକ ପୋଲ ଭାଙ୍ଗିଯିବାରୁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଲୋକଙ୍କ ଅଳ୍ପ ଦୂରତାର ଯାତ୍ରା ବହୁତ ବଡ଼ ହୋଇ ଯାଇ ଥିଲା । ଯେଉଁ ଯାତ୍ରା ପାଇଁ ମାତ୍ର ୫ ମିନିଟ୍ ସମୟ ଲାଗୁଥିଲା, ତାହା ପାଇଁ ଲୋକଙ୍କୁ ୨୦ କିଲୋମିଟର ବୁଲିବାରେ ସମୟ ବିତାଇବାକୁ ପଡୁଥିଲା । ଲୋକେ ଏହାର କୌଣସି ସମାଧାନ ପାଇ ପାରୁ ନଥିବା ବେଳେ, ପାଖ ଗାଁର ଜଣେ ବୃଦ୍ଧ ବ୍ୟକ୍ତିଙ୍କ ନିକଟରେ ଏହି ସମସ୍ୟାର ଏକ ସ୍ୱତନ୍ତ୍ର ଉପାୟ ଥିଲା ।

ପାଖରେ ରହୁଥିବା ବୃଦ୍ଧ ବ୍ୟକ୍ତି ଜଣକ ଲୋକଙ୍କ ଅସୁବିଧା ଦେଖିବା ସହ ଏଥିରୁ ରୋଜଗାରର ବାଟ ମଧ୍ୟ ଖୋଜି ନେଇ ଥିଲେ । ସେ ବୁଝି ପାରିଲେ ଯେ, ଯଦି ନିଜ ଚାଷଜମି ଦେଇ ଗୋଟିଏ ବିକଳ୍ପ ରାସ୍ତା ତିଆରି କରି ଦିଆ ଯାଏ, ତେବେ ଲୋକଙ୍କ ଯିବା ଆସିବା ସହଜ ହେବ ଏବଂ ନିଜର ମଧ୍ୟ କିଛି ରୋଜଗାର ହୋଇ ପାରିବ । ଭିଡିଓରେ ଦାବି କରାଯାଇଛି ଯେ, ବୃଦ୍ଧ ବ୍ୟକ୍ତି ଜଣକ ନିଜ ଜମିରେ ଗୋଡ଼ି-ମାଟି ପକାଇ ରାସ୍ତାକୁ ସମତଳ କରି ଦେଲେ, ଯାହା ଦ୍ୱାରା ବାଇକ୍ ଚଳାଇବା ସହଜ ହୋଇଗଲା ।

ତେବେ ଏହି ସୁବିଧା ବଦଳରେ ସେ ଲୋକଙ୍କ ଠାରୁ ଭଡ଼ା ନେବା ଆରମ୍ଭ କଲେ । ଏବେ ଯେଉଁମାନେ ବି ତାଙ୍କ କ୍ଷେତ ଦେଇ ଯାଉଛନ୍ତି, ସେମାନଙ୍କ ଠାରୁ ସେ ଗାଡ଼ି ପିଛା ୩୦ ଟଙ୍କା ହିସାବରେ ଆଦାୟ କରୁଛନ୍ତି। 'ବିପର୍ଯ୍ୟୟକୁ ସୁଯୋଗ'ରେ ପରିଣତ କରିବାର କଳା ଏହି ବୃଦ୍ଧ ବ୍ୟକ୍ତିଙ୍କ ଠାରୁ ଶିଖିବା ଉଚିତ୍।

ସୋସିଆଲ୍ ମିଡିଆର କମେଣ୍ଟ ସେକ୍ସନରେ ଲୋକମାନେ ବୃଦ୍ଧ ବ୍ୟକ୍ତିଙ୍କ ଏହି ବୁଦ୍ଧିକୁ ଖୁବ୍ ପ୍ରଶଂସା କରୁଛନ୍ତି । ଜଣେ ବ୍ୟବହାରକାରୀ ଲେଖିଛନ୍ତି, ନିଜର କ୍ଷେତ, ନିଜର ଟୋଲ୍ ଟ୍ୟାକ୍ସ। ଅନ୍ୟ ଜଣେ କହିଛନ୍ତି, ଏହା ସାହାଯ୍ୟ ନୁହେଁ, ପୁରା ବ୍ୟବସାୟ। ସେହିପରି ଆଉ ଜଣେ ଲେଖିଛନ୍ତି, ସରକାର ବି ତ ଟ୍ୟାକ୍ସ ନେଉଛନ୍ତି, ଏଥିରେ ଅସୁବିଧା କ'ଣ ? ଅନ୍ୟ ଜଣଙ୍କ ମତରେ, ୨୦ କିଲୋମିଟର ବୁଲିବା ଅପେକ୍ଷା ୩୦ ଟଙ୍କା ଦେବା କିଛି ବଡ଼ କଥା ନୁହେଁ।



# ୬୪ ବର୍ଷ ବୟସରେ MTech ; ଏବେ IIMରେ ଆଡମିଶନର ପ୍ଲାନ୍




*ବୟସ ବଢିବା ସହ ଅଧିକାଂଶ ଲୋକ ଚାକିରି ଓ ଦାୟିତ୍ୱ ଗୁଡ଼ିକରୁ ବିଶ୍ରାମ ନେଇ ଆରାମ ଜୀବନ ବିତେଇବାକୁ ଚାହିଁ ଥାନ୍ତି, କିନ୍ତୁ ଉତ୍ତର ପ୍ରଦେଶର ୬୪ ବର୍ଷିୟ ଜଣେ ବ୍ୟକ୍ତି ଏହି ବିଚାରକୁ ବଦଳାଇ ଦେଇଛନ୍ତି । ୨୦୨୨ ମସିହାରେ ରିଟାୟର ହେବା ପରେ ସେ ପାଠ ପଢିବାକୁ ନିଷ୍ପତ୍ତି ନେଲେ*

ବୟସ ବଢିବା ସହ ଅଧିକାଂଶ ଲୋକ ଚାକିରି ଓ ଦାୟିତ୍ୱ ଗୁଡ଼ିକରୁ ବିଶ୍ରାମ ନେଇ ଆରାମ ଜୀବନ ବିତେଇବାକୁ ଚାହିଁ ଥାନ୍ତି, କିନ୍ତୁ ଉତ୍ତର ପ୍ରଦେଶର ୬୪ ବର୍ଷିୟ ଜଣେ ବ୍ୟକ୍ତି ଏହି ବିଚାରକୁ ବଦଳାଇ ଦେଇଛନ୍ତି । ୨୦୨୨ ମସିହାରେ ରିଟାୟର ହେବା ପରେ ସେ ପାଠ ପଢିବାକୁ ନିଷ୍ପତ୍ତି ନେଲେ ଏବଂ ଏମଟେକ୍ ଡିଗ୍ରୀ ହାସଲ କଲେ। ବିଶେଷ କଥା ଏହା ଯେ, ସେ ନିଜ କ୍ଲାସର ଟପ୍-୧୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି, ଯେତେବେଳେ କି ତାଙ୍କ ସହ ପଢୁ ଥିବା ଅଧିକାଂଶ ଛାତ୍ର ତାଙ୍କ ଠାରୁ ପାଖାପାଖି ଅଧା ବୟସର ଥିଲେ। ଚାକିରି, ଭ୍ରମଣ ଏବଂ ପାଠପଢ଼ାକୁ ଏକାଠି ସମ୍ଭାଳିବା ସହ ସେ ନିଜେ ନୋଟ୍ସ ପ୍ରସ୍ତୁତ କରୁ ଥିଲେ ଏବଂ ସବୁବେଳେ ପରିଶ୍ରମ କରୁଥିଲେ। ଏବେ Mtech ପରେ ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ହେଉଛି IIM ଲକ୍ଷ୍ନୌର ଏକ୍ସିକ୍ୟୁଟିଭ୍ ଏଜୁକେସନ୍ ପ୍ରୋଗ୍ରାମରେ ନାମ ଲେଖାଇବା।

ଏହି ପ୍ରେରଣାଦାୟୀ କାହାଣୀକୁ ତାଙ୍କ ପୁଅ ଶଶାଙ୍କ ଶ୍ରୀବାସ୍ତବ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ସେ ଜଣାଇଛନ୍ତି ଯେ, ତାଙ୍କ ବାପା ଗତ ମାସରେ ଗଞ୍ଜରମଷ ପାଠପଢ଼ା ଶେଷ କରିଛନ୍ତି। ଏହି ସମୟରେ ତାଙ୍କ ବୟସ ୬୪ ବର୍ଷ ଥିଲା ଏବଂ ଶ୍ରେଣୀର ଅନେକ ଛାତ୍ର ତାଙ୍କ ଠାରୁ ଅଧା ବୟସର ଥିଲେ, କିନ୍ତୁ ବୟସ କେବେ ବି ତାଙ୍କ ବାଟରେ ପ୍ରତିବନ୍ଧକ ସାଜି ନଥିଲା। ସେ ପାଠପଢ଼ାକୁ ଗୁରୁତର ସହ ନେଇ ଥିଲେ ଏବଂ ପରୀକ୍ଷା ପାଇଁ ନିଜେ ନୋଟ୍ସ ତିଆରି କରି ଥିଲେ। ତାଙ୍କର ଏହି ଯାତ୍ରା ଏଥିପାଇଁ ସ୍ୱତନ୍ତ୍ର ଥିଲା, କାରଣ ସେ କେବଳ ପାଠ ପଢୁ ନଥିଲେ, ଏହାସହ ଚାକିରିର ଦାୟିତ୍ୱ ମଧ୍ୟ ତୁଲାଉ ଥିଲେ।



# ସାଙ୍ଗ ସହ ମିଶି ନଈକୁ କଲେ ସଫା

*ଆମ ଦେଶରେ ନଦୀ ଗୁଡ଼ିକୁ ମାଆର ମାନ୍ୟତା ଦିଆଯାଏ, କିନ୍ତୁ ବାସ୍ତବରେ ଅନେକ ନଦୀକୁ ଅଳିଆ ଆବର୍ଜନା ଆମେ ହିଁ କରୁଛୁ । ମଧ୍ୟପ୍ରଦେଶର ଜଣେ ୨୦ ବର୍ଷୀୟ ଯୁବକ ବିନା କୌଣସି ସରକାରୀ ସହାୟତାରେ ଏକାକୀ ପୂରା ନଦୀକୁ ସଫା କରିଦେଇଛନ୍ତି । ଆଉ ଏ ଭିଡିଓ ଏବେ ଖୁବ୍ ଜୋରରେ ଭାଇରାଲ ହେବାରେ ଲାଗିଛି ।*

ଏ ଯୁବକ ହେଉଛନ୍ତି ମଧ୍ୟପ୍ରଦେଶର ୨୦ ବର୍ଷୀୟ ବିଟ୍ଟୁ । ସୋସିଆଲ ମିଡିଆରେ ଲୋକେ ତାଙ୍କୁ 'ବିଟ୍ଟୁ ତବାହୀ' ନାମରେ ଜାଣନ୍ତି । ବର୍ଷ ବର୍ଷ ଧରି ମଇଳା ଏବଂ ପ୍ଲାଷ୍ଟିକରେ ଭରି ରହିଥିବା ଆଜାନା ନଦୀର ଦୁର୍ଦ୍ଦଶା ଦେଖି ସେ ନିଜକୁ ଅଟକାଇ ପାରିନଥିଲେ । ଚଳିତ ଜାନୁଆରି ୨୬ ତାରିଖରୁ ବିଟ୍ଟୁ ଏବଂ ତାଙ୍କର ୩ ଜଣ ସାଙ୍ଗ ମିଶି ଏହି ସଫେଇ ଅଭିଯାନ ଆରମ୍ଭ କରିଥିଲେ । ପୌରପାଳିକା କିମ୍ବା କୌଣସି ପ୍ରାଶାସନିକ ସହାୟତାକୁ ଅପେକ୍ଷା ନକରି ବିଟ୍ଟୁ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି ସଫେଇ ଅଭିଯାନ ଆରମ୍ଭ କରିଥିଲେ । ଆଉ ପ୍ରତିଦିନ ନଦୀ ଭିତରେ ପଶି ଆବର୍ଜନା ସଫା କରିବା ଆରମ୍ଭ କରିଥିଲେ ।

ବିଷାକ୍ତ ନଦୀକୁ ସଫା କରିବା ବିଟ୍ଟୁଙ୍କ ପାଇଁ ଆଦୌ ସହଜ ନଥିଲା । ଲଗାତାର ପ୍ରଦୂଷିତ ପାଣିରେ ପଶିବା କାରଣରୁ ତାଙ୍କ ହାତ-ଗୋଡ଼ ସବୁ ଇନ୍‌ଫେକ୍ସନ୍ ବି ହୋଇଗଲା। ଏମିତି କି ହାତରୁ ଚମଡା ବି ଛାଲ ଛାଲ ପରି ବାହାରି ଯାଇଥିଲା, ତଥାପି ସେ ନିଜ କାମ ବନ୍ଦ କରିନଥିଲେ। ଅଜବ କଥା ହେଉଛି, ଯେତେବେଳେ ସେ ସଚେତନ କରି ପୋଷ୍ଟର ଲଗାଉଥିଲେ ସ୍ଥାନୀୟ ଲୋକେ ତାକୁ ଚିରି ଫିଙ୍ଗି ଦେଉଥିଲେ । ଅନେକ ଲୋକ ତାଙ୍କୁ ଥଟ୍ଟା ପରିହାସ କରି ପାଗଳ ବୋଲି ଡାକୁଥିଲେ । କେହି କେହି ତାଙ୍କୁ 'ସଫେଇ ବାଲା' ବୋଲି କମେଣ୍ଟ ମାରୁଥିଲେ । କିନ୍ତୁ ବିଟ୍ଟୁ କୁହନ୍ତି, ଅନେକ ଲୋକ ମୋତେ କହିଲେ କି ମୁଁ କେବଳ ଭାଇରାଲ ହେବାକୁ ଏମିତି କରୁଛି । କିନ୍ତୁ ସତ କ'ଣ ଏବେ ଆପଣଙ୍କ ସାମ୍ନାରେ । ନଦୀର ଗୋଟିଏ ଘାଟ ସଫା କରିବାକୁ ମୋତେ ୩ ମାସରୁ ଅଧିକ ସମୟ ଲାଗିଛି । ଆଉ ଏସବୁ ଖାଲି କ୍ୟାମେରା ଆଗରେ ଦେଖାଇବା ପାଇଁ ନୁହେଁ ।

ବିଟ୍ଟୁଙ୍କର ପରିଶ୍ରମ ଆଜି ସାର୍ଥକ ହୋଇଛି । ତାଙ୍କ ଭିଡିଓ ସୋସିଆଲ ମିଡିଆରେ କୋଟି କୋଟି ଲୋକ ଦେଖିଛନ୍ତି । ଶିଳ୍ପପତି ଆନନ୍ଦ ମହିନ୍ଦ୍ରା ଏବଂ ବଲିଉଡ ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂହଙ୍କ ଭଳି ସେଲିବ୍ରିଟି ମଧ୍ୟ ତାଙ୍କୁ ପ୍ରଶଂସା କରିଛନ୍ତି । ଭିଡିଓ ଭାଇରାଲ ପରେ ୟୁଜର୍ସମାନେ ସ୍ଥାନୀୟ ପୌରପାଳିକା ଉପରେ ଜୋରଦାର ବର୍ଷିଛନ୍ତି । ଲୋକଙ୍କ ପ୍ରଶ୍ନ, ଯଦି ୪ ଜଣ ଯୁବକ ନିଜ ବଳରେ ଗୋଟେ ବିଷାକ୍ତ ନଦୀ ସଫା କରିପାରୁଛନ୍ତି, ତେବେ ଲକ୍ଷ ଲକ୍ଷ ଟଙ୍କାର ମେସିନ୍ ଧରି ପୌରପାଳିକା କରୁଛି କ'ଣ? ପ୍ରଶାସନକୁ ଲାଜ ଲାଗିବା କଥା ।

ସତରେ ବିଟ୍ଟୁଙ୍କ ଭଳି ଯୁବକ ଦେଶ ପାଇଁ ବଡ଼ ପ୍ରେରଣା । କାରଣ ସେ ପ୍ରମାଣିତ କରିଛନ୍ତି ଯେ ସମାଜରେ ପରିବର୍ତ୍ତନ ଆଣିବା ପାଇଁ ଦୃଢ଼ ଇଚ୍ଛାଶକ୍ତି ହିଁ ଯଥେଷ୍ଟ । କିନ୍ତୁ ଅନ୍ୟପଟେ ଆମ ସିଷ୍ଟମ୍ ବା ସରକାରୀ ବ୍ୟବସ୍ଥାର ବିଫଳତାକୁ ମଧ୍ୟ ପଦାରେ ପକାଇଛି । ଯଦି ସାଧାରଣ ନାଗରିକ ଟିକସ ଦେବା ପରେ ମଧ୍ୟ ନିଜ ହାତରେ ରାସ୍ତାଘାଟ ଓ ନଦୀ ସଫା କରିବେ, ତେବେ ପୌରପାଳିକା ଏବଂ ପ୍ରଶାସନର କାମ କ'ଣ? ସମୟ ଆସିଛି, ଏବେ ସରକାରୀ ବାବୁମାନେ ନିଦରୁ ଉଠିବା ଦରକାର ।

*ଅଭାବ ହାରିଲା, ଜିତିଲେ ଆଶୁତୋଷ*

# ନିଟ୍‌ରେ ଏସ୍‌ଟି ରାଙ୍କ୍ ୭୭, ଗର୍ବିତ ଗାଁ




**କେନ୍ଦୁଝର :** ଆଦିବାସୀ ବସ୍ତିରୁ ଡାକ୍ତର ହେବେ ଛାତ୍ର। ସର୍ବଭାରତୀୟ ଡାକ୍ତରୀ ପରୀକ୍ଷା ନିଟ୍‌ରେ ସଫଳତା ପାଇବା ପରେ ଆଶୁତୋଷଙ୍କୁ ନେଇ ଗର୍ବିତ ହୋଇଛି ପୂରା ବସ୍ତି । ପରିବାରର ଆର୍ଥିକ ଅନଟନ ସତ୍ତ୍ୱେ ନିଟ୍‌ରେ ଓଡ଼ିଶା ଏସ୍‌ଟି କୋଟାରେ ୭୭ତମ ସ୍ଥାନ ହାସଲ କରିଛନ୍ତି କେନ୍ଦୁଝର ଜିଲ୍ଲା ଅଳତି ଗାଁର ଆଦିବାସୀ ବସ୍ତିର ଛାତ୍ର ଆଶୁତୋଷ ପ୍ରିୟଦର୍ଶୀ ନାଏକ । ଏମ୍‌କେସିଜି ମେଡିକାଲ କଲେଜ, ବ୍ରହ୍ମପୁରରେ ନାମ ଲେଖାଇବା ପାଇଁ ମନୋନୀତ ହୋଇଛନ୍ତି ଆଶୁତୋଷ।

ଆଶୁତୋଷଙ୍କ ସଫଳତାରେ ଅଳତି ଗାଁର ଆଦିବାସୀ ବସ୍ତିରେ ଖୁସିର ମାହୋଲ। ତେବେ ଏହି ଖୁସି ଭିତରେ ଚିନ୍ତାର କାରଣ ସାଜିଛି ଆର୍ଥିକ ଅନଟନ। ଆଶୁତୋଷଙ୍କ ବାପା ନିତ୍ୟାନନ୍ଦ ନାଏକ ଏକ ଘରୋଇ କମ୍ପାନିରେ ଠିକା ଶ୍ରମିକ ଭାବେ କାମ କରନ୍ତି । ମାଆ ସଞ୍ଜୁଲତା ସିଲେଇ କରି ଯାହା ରୋଜଗାର କରନ୍ତି, ସେଥିରେ ପରିବାର ଚଳିବା ସହ ପିଲାଙ୍କ ପାଠପଢା ଖର୍ଚ୍ଚ ତୁଲାଇଥାନ୍ତି । ଏଭଳି ସ୍ଥିତିରେ ଡାକ୍ତରୀ ପାଠ ପଢିବା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ପରିବାର ପାଇଁ କଷ୍ଟକର ହୋଇପଡିଛି । ଆଶୁତୋଷଙ୍କ ନାମଲେଖା ପାଇଁ ଅର୍ଥ ବାଧକ ସାଜିଥିବା ବେଳେ ତାଙ୍କ ମନୋବଳ କିନ୍ତୁ ଭାଙ୍ଗିନାହିଁ। ପିଲାଦିନରୁ ଅଭାବ ଅନାଟନ ମଧ୍ୟରେ ପାଠ ପଢି ଆସିଛନ୍ତି ଆଶୁତୋଷ । ବାପା-ମାଆଙ୍କ ପ୍ରେରଣା, ଗୁରୁଜନଙ୍କ ଆଶୀର୍ବାଦ, କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ତାଙ୍କୁ ନିଟ୍‌ରେ ଏହି ସଫଳତା ଦେଇଛି। ଏବେ ଡାକ୍ତର ହୋଇ ଲୋକଙ୍କ ସେବା କରିବା ତାଙ୍କର ଲକ୍ଷ୍ୟ । ଆଶୁତୋଷଙ୍କ ସଫଳତା ଖବର ପାଇବା ପରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ତାଙ୍କ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ରେଡକ୍ରସ ପକ୍ଷରୁ ଆଶୁତୋଷଙ୍କୁ ସହାୟତା ରାଶି ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି । ଅର୍ଥାଭାବରୁ ଜଣେ ମେଧାବୀ ଛାତ୍ରଙ୍କ ଡାକ୍ତର ହେବାର ସ୍ୱପ୍ନ ଯେପରି ଅଧାରେ ଅଟକି ନଯାଏ, ସେଥିପାଇଁ ସରକାର ଓ ପ୍ରଶାସନ ସହାୟତାର ହାତ ବଢାଇବାକୁ ଦାବି ହୋଇଛି ।

# ସବୁ କରିପାରେ ମା' : ୩ ହଜାର ଟଙ୍କା ପାଇଁ ସବୁ ସହିଗଲେ



ମା'... ଏମିତି ଗୋଟିଏ ଶବ୍ଦ ଯାହାର ବିଶାଳତାକୁ ମାପିବା ସମ୍ଭବ ନୁହେଁ । ନିଜ ଛୁଆଙ୍କ ପାଇଁ ମା' କ'ଣ ବା ନ କରିପାରେ। ସେ ଦୁନିଆ ସହ ଲଢ଼ିପାରେ, ପାହାଡ଼ ବି ଡେଇଁ ଯାଇପାରେ । ଠିକ୍ ସେମିତି ଜଣେ ମା' ଯିଏ ନିଜ ଝିଅର ପାଠପଢ଼ା ଫିସ୍ ଦେବା ପାଇଁ ଶାଢ଼ି ପିନ୍ଧି, ଖାଲି ପାଦରେ ମାରାଥନ୍ ଦୌଡ଼ିଛନ୍ତି। ଆଉ ସବୁଠୁ ବଡ଼ କଥା ହେଲା, ଅତ୍ୟାଧୁନିକ ଟ୍ରାକ୍‌ସୁଟ୍ ଓ ସ୍ପୋର୍ଟସ୍ ସୁ' ପିନ୍ଧିଥିବା ଯୁବ ପ୍ରତିଯୋଗୀମାନଙ୍କୁ ପଛରେ ପକାଇ ସେ ଚାମ୍ପିଅନ୍ ବି ହୋଇଛନ୍ତି ।

ନା ରାସ୍ତାର ଖାଲଢିପ ନା ପାଦ ଦେଉଥିବା ଯନ୍ତ୍ରଣା, କିଛି ବି ତାଙ୍କୁ ଅଟକାଇ ପାରିନଥିଲା । ଦେହରେ ଥିଲା ଗୋଟେ ଶସ୍ତା ଶାଢ଼ି, ଆଉ ଦୁଇ ହାତରେ ନିଜ ଚପଲକୁ ଧରି ଖାଲି ପାଦରେ ଦୌଡ଼ି ଚାଲିଲେ । ନିଶ୍ୱାସ ଫୁଲୁଥାଏ କିନ୍ତୁ ଆଖିରେ ଝିଅର ଭବିଷ୍ୟତ ପାଇଁ ଅଦମ୍ୟ ଜିଦ୍ । ଏ ହେଉଛନ୍ତି ମହାରାଷ୍ଟ୍ର ବିଡ୍ ଜିଲ୍ଲାର ଅମ୍ବାଜୋଗାଇ ଅଞ୍ଚଳର ୪୭ ବର୍ଷୀୟା ରମାବାଇ ରଣବୀର। ନିକଟରେ ଭାରତୀୟ ଶିକ୍ଷଣ ପ୍ରସାରକ ସଂସ୍ଥାର ଖୋଲେଶ୍ୱର ଏଜୁକେସନାଲ୍ କମ୍ପ୍ଲେକ୍ସ ପକ୍ଷରୁ ଆୟୋଜିତ ହୋଇଥିଲା 'ଅମୃତ ଦୌଡ଼'। ଛତ୍ରପତି ଶିବାଜୀ ମହାରାଜ ଛକରୁ ଆରମ୍ଭ ହୋଇ ଭାଗ୍ୟନଗର ଛକ ପର୍ଯ୍ୟନ୍ତ ଥିବା ଏହି ମାରାଥନ୍‌ରେ ଅନେକ ଯୁବକ ଯୁବତୀ ଭାଗ ନେଇଥିଲେ । କିନ୍ତୁ ସେହି ଭିଡ଼ ଭିତରେ ଯେତେବେଳେ ଘରୋଇ ବେଶଭୂଷାରେ ରମାବାଇ ପହଞ୍ଚିଲେ, ତାଙ୍କୁ ଦେଖି ଅନେକ ଥଟ୍ଟା ପରିହାସ କରି ହସିଥିଲେ।

ପ୍ରତିଯୋଗିତା ଆରମ୍ଭରୁ ଖାଲି ପାଦରେ ପିଚୁ ରାସ୍ତା ଉପରେ ଦୌଡ଼ି ହେଲେ ସଫଳ। ଝିଅର ସ୍କୁଲ୍ ଫିସ୍ ଦେବାକୁ ପାଖରେ ଟଙ୍କା ନଥିଲା । ତେଣୁ ଏ ମାରାଥନ୍ ଜିତିଲେ ଯେଉଁ ୩ ହଜାର ଟଙ୍କା ପୁରସ୍କାର ମିଳିବ, ସେଇଥିରେ ଝିଅର ସ୍କୁଲ୍ ଫି' ଦେଇପାରିବେ । ବାସ୍, ଏଇ ଗୋଟିଏ ପ୍ରତିଜ୍ଞା ହିଁ ତାଙ୍କ ପଣତ କାନିରେ ଗଣ୍ଠି ମାରିଦେଇଥିଲେ ସେ । ଆଉ ସେଥିପାଇଁ ନିଜର ସବୁ ଶକ୍ତି ଲଗାଇଦେଇଥିଲେ ।

ଦେଖୁ ଦେଖୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲା ଭଳି ଘଟଣା ଘଟିଲା । ଯୁବ ପ୍ରତିଯୋଗୀମାନେ ପଛରେ ପଡ଼ିଗଲେ । ଆଉ ସମସ୍ତଙ୍କୁ ଅତିକ୍ରମ କରି ପ୍ରଥମେ ଫିନିସିଂ ଲାଇନ୍ ଛୁଇଁଲେ ରମାବାଇ । ଜଣେ ମା'ର ଜିତିବାର ଖୁସି ଦେଖି ଉପସ୍ଥିତ ଲୋକେ ଆଉ ଆୟୋଜକ କାବା ହୋଇଯାଇଥିଲେ । ତାଳି ମାରି ରମାବାଇଙ୍କୁ ଉତ୍ସାହିତ କରିଥିଲେ ସଭିଏଁ । ଯେତେବେଳେ ସେ ୩ ହଜାର ଟଙ୍କାର ପୁରସ୍କାର ରାଶି ଗ୍ରହଣ କଲେ, ସେତେବେଳେ ତାଙ୍କ ଆଖିରୁ ଖୁସିରେ ଧାର ଧାର ଲୁହ ନିଗିଡ଼ି ପଡ଼ିଥିଲା । ସେ ଜାଣିଥିଲେ ଏ ମାରାଥନ୍ ଖାଲି ଟ୍ରଫି ପାଇଁ ନଥିଲା, ଏହା ଥିଲା ତାଙ୍କ ଝିଅର ଭବିଷ୍ୟତ ଗଢ଼ିବାର ଗୋଟେ ବଡ଼ ସୁଯୋଗ ।

# ଦୁର୍ଗମ ଆଦିବାସୀ ଅଞ୍ଚଳ ସଫଳ ବୈଜ୍ଞାନିକ ଡାଃ ସତ୍ୟବାନ




**ଗଜପତି :** ଦୁର୍ଗମ ଆଦିବାସୀ ଅଞ୍ଚଳରୁ ସଫଳତାର ଶିଖରକୁ ଯାତ୍ରା। ଅଭାବ ଭିତରେ ବଢ଼ିଥିବା ଜଣେ ଶିଶୁଙ୍କୁ ଏକ ସମୟରେ ଗାଁର ଗ୍ୟାରେଜ୍‌ରେ କାମ କରିବାକୁ ମଧ୍ୟ ପଡ଼ିଥିଲା। ହେଲେ ପରିସ୍ଥିତି ଆଗରେ ହାର ମାନିନଥିଲେ ସେ। ଆଜି ସେହି ଗଜପତିର କୃତୀ ସନ୍ତାନ ଭାରତ ସରକାରର ବରିଷ୍ଠ ବୈଜ୍ଞାନିକ-ଏଫ୍ ପଦବୀକୁ ପଦୋନ୍ନତି ପାଇଛନ୍ତି। ଆମେ କହୁଛୁ ଡ଼ଃ ସତ୍ୟବାନ ବିଶୋୟୀ ରତ୍ନଙ୍କ କଥା।

ଦିନେ ଅଭାବ ପାଇଁ ଗ୍ୟାରେଜ୍‌ରେ କାମ କରୁଥିଲେ। ଆଉ ଆଜି କଠିନ ପରିଶ୍ରମ ବଳରେ ସଫଳତାର ସିଡ଼ି ଚଢ଼ିଚାଲିଛନ୍ତି। ସେ ହେଉଛନ୍ତି ମୋହନା ବ୍ଲକର ଦୁର୍ଗମ ଆଦିବାସୀ ଅଞ୍ଚଳ ଲବାରସିଂ ଗାଁର ଡ଼ଃ ସତ୍ୟବାନ ବିଶୋୟୀ ରତ୍ନ। ୧୯୮୦ରେ ଜନ୍ମଗ୍ରହଣ କରିଥିବା ଡ଼ଃ ସତ୍ୟବାନଙ୍କ ବାପା ଜଣେ ଅବସରପ୍ରାପ୍ତ ବନପାଳ। ପରିବାରର ଆର୍ଥିକ ସ୍ଥିତି ସବୁବେଳେ ସୁବିଧାଜନକ ନଥିଲା। ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଶିକ୍ଷା ପ୍ରତି ତାଙ୍କର ଆଗ୍ରହ କମିନଥିଲା। ଯାହା ଆଜି ତାଙ୍କୁ ସଫଳତା ଆଣିଦେଇଛି ଭାରତୀୟ ପାଣିପାଗ ବିଭାଗର କାର୍ଯ୍ୟାଳୟ ଆଦେଶ ଅନୁଯାୟୀ ସେ ବୈଜ୍ଞାନିକ-ଇ ପଦରୁ ବୈଜ୍ଞାନିକ-ଏଫ୍ ପଦକୁ ପଦୋନ୍ନତି ପାଇଛନ୍ତି।

ସତ୍ୟବାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ସାମୁଦ୍ରିକ ବିଜ୍ଞାନରେ ସ୍ନାତକୋତ୍ତର, ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ ବାୟୁମଣ୍ଡଳୀୟ ବିଜ୍ଞାନରେ ଉଚ୍ଚଶିକ୍ଷା ଏବଂ ପାଣିପାଗ ବିଜ୍ଞାନରେ ଡକ୍ଟରେଟ୍ ହାସଲ କରିଛନ୍ତି। ଏଥିସହ ଡ଼ଃ ରତ୍ନ ୨୦୧୦ରୁ ୨୦୨୧ ପର୍ଯ୍ୟନ୍ତ ଜାପାନ, ଇଟାଲୀ ଓ ବ୍ରିଟେନ୍‌ର ବିଭିନ୍ନ ଗବେଷଣା ସଂସ୍ଥାରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଜଣେ ବୈଜ୍ଞାନିକ ସହ ଜଣେ ଲେଖକ ଭାବେ ମଧ୍ୟ ରହିଛି ଡ଼ଃ ରତ୍ନଙ୍କ ପରିଚୟ। ସେ "Doesn't Matter Where You Begin" ପୁସ୍ତକ ରଚନା କରିଛନ୍ତି।

ପଦୋନ୍ନତିର ଖବର ପହଞ୍ଚିବା ପରେ ପରିବାର ସହ ସମଗ୍ର ଅଞ୍ଚଳରେ ଦେଖିବାକୁ ମିଳିଛି ଖୁସିର ମାହୋଲ। ଅଭାବକୁ ପଛରେ ପକାଇ ଶିକ୍ଷା ଓ ପରିଶ୍ରମକୁ ଅସ୍ତ୍ର କରି ସଫଳତା ହାସଲ କରିଥିବା ଡ଼ଃ ସତ୍ୟବାନ ବିଶୋୟୀଙ୍କ ସଂଘର୍ଷମୟ ଯାତ୍ରା ଯୁବପିଢ଼ୀଙ୍କ ପାଇଁ ପ୍ରେରଣା ପାଲଟିଛି।



# ଭାସମାନ ଗ୍ରାମ

*ଦକ୍ଷିଣ ବେନିନ୍‌ର ବନ୍ଦର ସହର କୋଟୋନୁ ନିକଟରେ ଥିବା ନୋକୋଉ ହ୍ରଦର ମଧ୍ୟଭାଗରେ ଏହି ଗ୍ରାମ ଅବସ୍ଥିତ। ଉକ୍ତ ଗ୍ରାମର ନାମ ଗାନ୍‌ଭି ହୋଇଥିବା ବେଳେ ଏହାକୁ ଭାସମାନ ଗ୍ରାମ ବୋଲି ମଧ୍ୟ କୁହାଯାଇଥାଏ।*

**ପୋର୍ଟୋ-ନୋଭୋ:** ପଶ୍ଚିମ ଆଫ୍ରିକୀୟ ଦେଶ ବେନିନ୍‌ରେ ଏପରି ଏକ ଗ୍ରାମ ରହିଛି, ଯାହା ନିଜର ଅନନ୍ୟ ଗଠନ ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ। ଦକ୍ଷିଣ ବେନିନ୍‌ର ବନ୍ଦର ସହର କୋଟୋନୁ ନିକଟରେ ଥିବା ନୋକୋଉ ହ୍ରଦର ମଧ୍ୟଭାଗରେ ଏହି ଗ୍ରାମ ଅବସ୍ଥିତ। ଉକ୍ତ ଗ୍ରାମର ନାମ ଗାନ୍‌ଭି ହୋଇଥିବା ବେଳେ ଏହାକୁ ଭାସମାନ ଗ୍ରାମ ବୋଲି ମଧ୍ୟ କୁହାଯାଇଥାଏ। ୨୦ ହଜାର ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମ ପର୍ଯ୍ୟଟକଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ। ଏହି ଗ୍ରାମର ଇତିହାସ ଅତ୍ୟନ୍ତ ଯନ୍ତ୍ରଣାଦାୟକ। ସପ୍ତଦଶ ଶତାବ୍ଦୀରେ ଟୋଫିନୁ ଜନଜାତିର ଲୋକମାନେ ଏହି ସ୍ଥାନରେ ବସତି ସ୍ଥାପନ କରିବା ଆରମ୍ଭ କରିଥିଲେ। ଫୋନ୍ ଜନଜାତିର ଲୋକଙ୍କ ଆକ୍ରମଣ ଭୟରେ ସେମାନେ ନୋକୋଉ ହ୍ରଦର ମଧ୍ୟଭାଗରେ ବସବାସ କରିବାକୁ ନିଷ୍ପତ୍ତି ନେଇଥିଲେ। ଫୋନ୍ ଜନଜାତିର ଲୋକଙ୍କ ଧର୍ମ ସେମାନଙ୍କୁ ପାଣି ଭିତରକୁ ଯିବା ପାଇଁ ଅନୁମତି ଦେଉ ନ ଥିଲା। ଏହି କାରଣରୁ ଟୋଫିନୁ ଜନଜାତିର ଲୋକେ ନୋକୋଉ ହ୍ରଦକୁ ନିଜର ନିରାପଦ ସ୍ଥାନ ବୋଲି ବିବେଚନା କରିଥିଲେ ଏବଂ ସେଠାରେ ଘର ତିଆରି କରି ଜନବସତି ଆରମ୍ଭ କରିଥିଲେ। ଗତ ପ୍ରାୟ ୫୦୦ ବର୍ଷ ଧରି ଗାନ୍‌ଭି ଗ୍ରାମରେ ଟୋଫିନୁ ଜନଜାତିର ଲୋକମାନେ ଏକ ସମୃଦ୍ଧ ସଂସ୍କୃତି ଏବଂ ଜୀବନଶୈଳୀକୁ ବିକଶିତ କରିଛନ୍ତି। ଗାଁରେ ନିର୍ମିତ ସମସ୍ତ ଘର, ଦୋକାନ ଏବଂ ହୋଟେଲ ହ୍ରଦର ପାଣିଠାରୁ କିଛି ଫୁଟ ଉଚ୍ଚରେ କାଠ ସ୍ତମ୍ଭରେ ନିର୍ମିତ। ଗାନ୍‌ଭି ଗ୍ରାମରେ ଏକ ଭାସମାନ ବଜାର ମଧ୍ୟ ରହିଛି, ଯେଉଁଠାରେ ଗାଁର ମହିଳାମାନେ ସେମାନଙ୍କର ବିଭିନ୍ନ ଜିନିଷପତ୍ରଗୁଡ଼ିକୁ ବିକ୍ରି କରିଥାନ୍ତି। ତେବେ ପୂରା ଗାଁରେ କେବଳ ଗୋଟିଏ ମାତ୍ର ଜମି ରହିଛି, ଯେଉଁଠାରେ ଗ୍ରାମର ପିଲାମାନଙ୍କ ପାଇଁ ସ୍କୁଲ ନିର୍ମାଣ କରାଯାଇଛି। ଗାଁର ଲୋକେ ଡଙ୍ଗା ସାହାଯ୍ୟରେ ହ୍ରଦ କୂଳକୁ ଯାଇ ସେଠାରୁ ମାଟି ଆଣି ଏହି ଜମିକୁ ନିର୍ମାଣ କରିଥିଲେ।

ଗାନ୍‌ଭି ଗ୍ରାମର ଅଧିକାଂଶ ଲୋକ ନିଜର ଆୟ ପାଇଁ ମାଛ ଧରିବା ଏବଂ ପର୍ଯ୍ୟଟନ ଉପରେ ନିର୍ଭର କରିଥାନ୍ତି। ମତ୍ସ୍ୟଜୀବୀମାନେ ବାଉଁଶ ଏବଂ ଜାଲ ସାହାଯ୍ୟରେ ପାଣି ତଳେ ବାଡ଼ ତିଆରି କରି ମାଛ ଧରି ନିଜ ଜୀବିକା ନିର୍ବାହ କରନ୍ତି। ଗାଁରେ କେତେଜଣ ଲୋକ ପୋଷା ପ୍ରାଣୀ ମଧ୍ୟ ରଖିଛନ୍ତି। ପାଣିରେ ବଢ଼ିଥିବା ଛୋଟ ଘାସ ଖଣ୍ଡ ଉପରେ ଏହି ପୋଷା ପ୍ରାଣୀଗୁଡ଼ିକୁ ରଖାଯାଇଥାଏ। ପର୍ଯ୍ୟଟକଙ୍କ ପାଇଁ ଗାନ୍‌ଭି ଗ୍ରାମରେ କେତେକ ରେଷ୍ଟୁରାଣ୍ଟ ଏବଂ ହୋଟେଲ ମଧ୍ୟ ରହିଛି, ଯେଉଁଠାରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ତାଜା ମାଛ ଖାଇବାକୁ ମିଳିଥାଏ।

# ୭୪ ବର୍ଷ ବୟସରେ ମାଉଣ୍ଟ ଏଲବ୍ରୁସ୍‌ରରେ ପହଞ୍ଚିଗଲେ...

କଥାରେ ଅଛି ଇଶର ସସ୍ବ ହଙ୍କସ୍ବସ୍ବ ବ ଭଙ୍କଙ୍ଖଭରକ୍ବ ବା 'ବୟସ, କେବଳ ଏକ ସଂଖ୍ୟା' । ଏହାର ଅର୍ଥ ହେଉଛି, ଜୀବନରେ କିଛି କରିବା ପାଇଁ ବୟସ କେବେବି ବାଧା ଦିଏନି। ଦୃଢ଼ ଇଚ୍ଛାଶକ୍ତି, ସାହସ, ପରିଶ୍ରମ ଓ ଆତ୍ମବିଶ୍ୱାସ ଥିଲେ ଯେକୌଣସି ବୟସରେ



ନୂଆ ଲକ୍ଷ୍ୟ ହାସଲ କରାଯାଇପାରେ। ଆଉ ଏହାକୁ ପ୍ରମାଣ କରି ଦେଖାଇଛନ୍ତି, ୭୪ ବର୍ଷୀୟ ଟି.ଜେ. ମାର୍ସ । କେରଳର ଟି.ଜେ. ମାର୍ସଙ୍କ ଅଦ୍ଭୁତ ସଫଳତା । ୭୪ ବର୍ଷ ବୟସରେ ୟୁରୋପର ସର୍ବୋଚ୍ଚ ପର୍ବତ 'ମାଉଣ୍ଟ ଏଲବ୍ରୁସ୍' ଶିଖରରେ ପହଞ୍ଚି ଚମତ୍କାର ସଫଳତା ହାସଲ କରିଛନ୍ତି। ଯେଉଁ ବୟସରେ ଅନେକ ଲୋକ ଅବସର ନେଇ ଆରାମଦାୟକ ଜୀବନ ବିତାଉଛନ୍ତି, ସେହି ବୟସରେ କେରଳ ଓ୍ୱାୟନାଡର ଟି.ଜେ. ମାର୍ସ, ନୂଆ ପର୍ବତ ଜୟ କରିବାର ସ୍ୱପ୍ନ ଦେଖୁଛନ୍ତି, ଆଉ ଏହାକୁ ପୂରଣ ମଧ୍ୟ କରୁଚନ୍ତି। ୫ ହଜାର ୬୪୨ ମିଟର ଉଚ୍ଚ ଏଲବ୍ରୁସ୍ ୟୁରୋପର ସର୍ବୋଚ୍ଚ ଶିଖର ଭାବେ ପରିଚିତ। ଏହି ଦୁଃସାହସିକ ଅଭିଯାନରେ ତାଙ୍କ ସହ ଥିଲେ ତାଙ୍କ ଯାତ୍ରା ସାଥୀ ୬୬ ବର୍ଷୀୟ ଏମ୍.ପି. ମୁରଲୀଧରନ୍ ଏବଂ ଟିମ୍ ?ର ଅନ୍ୟ ସଦସ୍ୟମାନେ।



# 'ଡଗରା ପିମ୍ପୁଡ଼ି'ରେ ସୁପ୍ରିୟାଙ୍କ ନୂଆ ଅନ୍ଦାଜ, ମନ ଜିଣୁଛି 'କଙ୍କଣ'



**ଭୁବନେଶ୍ୱର:** ଡି ବି ମୋସନ ପିକ୍ଚର ନିର୍ମିତ ନୂଆ ଓଡ଼ିଆ ସିନେମା 'କଙ୍କଣ' ମୁକ୍ତି ପୂର୍ବରୁ ହିଁ ଦର୍ଶକଙ୍କ ମଧ୍ୟରେ ଚର୍ଚ୍ଚା ସୃଷ୍ଟି କରିଛି। ବିଶେଷକରି ସିନେମାର 'ଡଗରା ପିମ୍ପୁଡ଼ି' ଗୀତଟି ଏବେ ସାରା ଓଡ଼ିଶାରେ ଚହଳ ସୃଷ୍ଟି କରିଛି। ଗୀତର ଆକର୍ଷଣୀୟ ସଙ୍ଗୀତ, ମନଛୁଆଁ ଗାୟନ ଏବଂ ଚିତ୍ତାକର୍ଷକ ନୃତ୍ୟ ଦର୍ଶକଙ୍କ ମନ ଜିଣିବାରେ ସଫଳ ହୋଇଛି।

ଏହି ଗୀତରେ ଅଭିନେତ୍ରୀ ସୁପ୍ରିୟା ନାୟକଙ୍କୁ ଏକ ନୂଆ ଅନ୍ଦାଜରେ ଦେଖିବାକୁ ମିଳିଛି। ତାଙ୍କର ଆକର୍ଷଣୀୟ ଅଭିନୟ ସାଙ୍ଗକୁ ସୁନ୍ଦର ନୃତ୍ୟ ପ୍ରଦର୍ଶନ ଗୀତଟିକୁ ଆହୁରି ଲୋକପ୍ରିୟ କରିଛି। 'କଙ୍କଣ'ରେ ସୁପ୍ରିୟା ନାୟକଙ୍କ ସହ ସୂର୍ଯ୍ୟମୟ ମହାପାତ୍ର, ଅଙ୍କିତା ମହାନ୍ତି ଓ ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ ଅଭିନୟ କରିଛନ୍ତି।

ସିନେମାର ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି ପୃଥବୀରାଜ ପଟ୍ଟନାୟକ। ପ୍ରଯୋଜନା କରିଛନ୍ତି ଦୀପକ କୁମାର ମହାପାତ୍ର ଓ ଭବାନୀ ଶଙ୍କର ସୁବୁଧି । ସଙ୍ଗୀତ ସୋମଶ ଶତପଥୀଙ୍କର ଥିବାବେଳେ ଆସିମା ପଣ୍ଡା ଗୀତଟିରେ କଣ୍ଠଦାନ କରିଛନ୍ତି। ଗୀତ ରଚନା କରିଛନ୍ତି ରଂଜନ ନାୟକ ଏବଂ କୋରିଓଗ୍ରାଫି କରିଛନ୍ତି ଅମିତ ନାୟକ। ସମ୍ପାଦନା ଦାୟିତ୍ୱରେ ଅଛନ୍ତି ମାନସ କୁମାର ସାହୁ। ଦର୍ଶକଙ୍କ ମଧ୍ୟରେ ବଢୁଥିବା ଉତ୍ସାହକୁ ନେଇ 'କଙ୍କଣ' ଆଗାମୀ ୧୮ ସେପ୍ଟେମ୍ବରରେ ବଡ଼ ପରଦାରେ ମୁକ୍ତିଲାଭ କରିବାକୁ ଯାଉଛି। ଏହି ସିନେମା ଓଡ଼ିଆ ଚଳଚ୍ଚିତ୍ରପ୍ରେମୀଙ୍କୁ ଏକ ନୂଆ ଅନୁଭୂତି ଦେବ ବୋଲି ଆଶା କରାଯାଉଛି।

*'ଡଗରା ପିମ୍ପୁଡ଼ି' ଗୀତରେ ଅଭିନେତ୍ରୀ ସୁପ୍ରିୟା ନାୟକଙ୍କୁ ଏକ ନୂଆ ଅନ୍ଦାଜରେ ଦେଖିବାକୁ ମିଳିଛି। ତାଙ୍କର ଆକର୍ଷଣୀୟ ଅଭିନୟ ସାଙ୍ଗକୁ ସୁନ୍ଦର ନୃତ୍ୟ ପ୍ରଦର୍ଶନ ଗୀତଟିକୁ ଆହୁରି ଲୋକପ୍ରିୟ କରିଛି। 'କଙ୍କଣ'ରେ ସୁପ୍ରିୟା ନାୟକଙ୍କ ସହ ସୂର୍ଯ୍ୟମୟ ମହାପାତ୍ର, ଅଙ୍କିତା ମହାନ୍ତି ଓ ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ ଅଭିନୟ କରିଛନ୍ତି।*

### ଜାତୀୟ ମଞ୍ଚରେ ଓଡ଼ିଶାର ଗୌରବ, ଗ୍ରୀନ୍ ଚିଲିଜ୍‌କୁ ଶ୍ରେଷ୍ଠ ସମ୍ମାନ

# ଅନ୍ତର୍ଜାତୀୟ ଗ୍ଲୋରି ପୁରସ୍କାର-୨୦୨୬ରେ 'ମୋଷ୍ଟ ପ୍ରୋମିସିଂ QSR ରେଷ୍ଟୁରାଣ୍ଟ ଚେନ୍' ସମ୍ମାନ

**ଭୁବନେଶ୍ୱର:** ଓଡ଼ିଶାର ମାଟିରୁ ଆରମ୍ଭ ହୋଇ ଜାତୀୟ ମଞ୍ଚରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଥିବା ଖାଦ୍ୟ ଓ କ୍ୱିକ୍ ସର୍ଭିସ୍ ରେଷ୍ଟୁରାଣ୍ଟ (QSR) ବ୍ରାଣ୍ଡ ଗ୍ରୀନ୍ ଚିଲିଜ୍ ହାସଲ କରିଛି ଆଉ ଏକ ବଡ଼ ସଫଳତା। ମୁମ୍ବାଇରେ ଆୟୋଜିତ ଅନ୍ତର୍ଜାତୀୟ ଗ୍ଲୋରି ପୁରସ୍କାର (ଓଏଇ)-୨୦୨୬ରେ ଗ୍ରୀନ୍ ଚିଲିଜ୍‌କୁ ପ୍ରଦାନ କରାଯାଇଛି ସମ୍ମାନଜନକ "ମୋଷ୍ଟ ପ୍ରୋମିସିଂ କ୍ୟାଟରିଂ ସର୍ଭିସେସ୍ ଛଝଜ ରେଷ୍ଟୁରାଣ୍ଟ ଚେନ୍ ଅଫ୍ ଦି ଇୟର" ପୁରସ୍କାର। ଏହି ସମ୍ମାନ ଓଡ଼ିଶାର ଖାଦ୍ୟ ଓ ଆତିଥ୍ୟ ଶିଳ୍ପ ପାଇଁ ଏକ ଗୌରବର ବିଷୟ ପାଲଟିଛି।

ମୁମ୍ବାଇର ପ୍ରସିଦ୍ଧ ନୋଭୋଟେଲ୍ ଜୁହୁଠାରେ ଆୟୋଜିତ ଭବ୍ୟ ସମାରୋହରେ ଦେଶର ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଓ ବ୍ରାଣ୍ଡମାନଙ୍କ ଉପସ୍ଥିତିରେ ଗ୍ରୀନ୍ ଚିଲିଜ୍‌କୁ ଏହି ସମ୍ମାନ ମିଳିଥିଲା। ସମାରୋହର ମୁଖ୍ୟ ଅତିଥି ବଲିଉଡ୍ ସୁପରଷ୍ଟାର ତଥା ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଅଭିନେତା ଅଜୟ ଦେବଗନ୍ ଗ୍ରୀନ୍ ଚିଲିଜ୍ର ପ୍ରତିଷ୍ଠାତା ଏମ୍. କେଶବ ରାଓ ଏବଂ ନିର୍ଦ୍ଦେଶକ ଏମ୍. ଜୟପ୍ରସାଦ ରାଓ ଓ ଏମ୍. ତେଜେଶ୍ୱର ରାଓଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ପୁରସ୍କାର ସମାରୋହକୁ ଆହୁରି ସ୍ମରଣୀୟ କରିଥିଲା ଗ୍ରୀନ୍ ଚିଲିଜ୍ର ଓଡ଼ିଆ ପରିଚୟ। ଜାତୀୟ ମଞ୍ଚରେ ଓଡ଼ିଶାର ସମୃଦ୍ଧ ପରମ୍ପରା ଓ ସଂସ୍କୃତିକୁ ଉପସ୍ଥାପନ କରି ଦଳ ପକ୍ଷରୁ ଅଜୟ ଦେବଗନଙ୍କୁ ପାରମ୍ପରିକ ଓଡ଼ିଆ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏଥିସହ ଭଗବାନ ଶ୍ରୀଜଗନ୍ନାଥଙ୍କ ଏକ ସୁନା ଖଚିତ ପ୍ରତିମା ମଧ୍ୟ ତାଙ୍କୁ ଉପହାର ଦିଆଯାଇଥିଲା।

ଓଡ଼ିଶାର ଏହି ଅନନ୍ୟ ସାଂସ୍କୃତିକ ଉପହାର ପାଇ ଅଜୟ ଦେବଗନ୍ ଆନନ୍ଦ ପ୍ରକାଶ କରିବା ସହ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ପ୍ରଶଂସା କରିଥିବା ଜଣାପଡ଼ିଛି। ଭବିଷ୍ୟତରେ ଓଡ଼ିଶା ଆସି ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ନେଇ ସେ ଇଚ୍ଛା ପ୍ରକାଶ କରିଥିବା ମଧ୍ୟ କୁହାଯାଇଛି।

ଏହି ସଫଳତା ପରେ ଗ୍ରୀନ୍ ଚିଲିଜ୍ର ପ୍ରତିଷ୍ଠାତା ଏମ୍. କେଶବ ରାଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସହ ଓଡ଼ିଶାବାସୀଙ୍କ ଭଲପାଇବା, ବିଶ୍ୱାସ ଓ ସମର୍ଥନକୁ ଏହି ସମ୍ମାନର ମୁଖ୍ୟ ଶ୍ରେୟ ଦେଇଛନ୍ତି। ତାଙ୍କ ମତରେ, ଏହି ପୁରସ୍କାର କେବଳ ଗ୍ରୀନ୍ ଚିଲିଜ୍ର ସଫଳତା ନୁହେଁ, ବରଂ ଓଡ଼ିଶାର ଖାଦ୍ୟ ଓ ଆତିଥ୍ୟ ପରମ୍ପରାର ବଢୁଥିବା ପ୍ରଭାବର ଏକ ପ୍ରତିଫଳନ।

ଜାତୀୟ ସ୍ତରର ଏହି ସମ୍ମାନ ଗ୍ରୀନ୍ ଚିଲିଜ୍ର ଯାତ୍ରାରେ ଏକ ନୂଆ ମାଇଲଖୁଣ୍ଟ ସୃଷ୍ଟି କରିଛି। ଓଡ଼ିଶାର ସ୍ୱାଦ, ଆତିଥ୍ୟ ଓ ବ୍ୟବସାୟିକ ଦକ୍ଷତାକୁ ନେଇ ଜାତୀୟ ସ୍ତରରେ ଆଗକୁ ବଢୁଥିବା ଗ୍ରୀନ୍ ଚିଲିଜ୍ ଆଗାମୀ ଦିନରେ ଓଡ଼ିଆ ଖାଦ୍ୟ ଶିଳ୍ପ ପାଇଁ ଏକ ନୂଆ ପରିଚୟ ଓ ସମ୍ଭାବନାର ଦ୍ୱାର ଖୋଲିବ ବୋଲି ଆଶା ପ୍ରକାଶ ପାଇଛି।




# ଛୋଟ ସହର, ବଡ଼ ସ୍ୱପ୍ନ:ଓଲିଉଡରେ ପରିଚୟ ଖୋଜୁଛନ୍ତି ରାଜ



**ମାଲକାନଗିରି:** ଛୋଟ ସହର, ସୀମିତ ସୁଯୋଗ, କିନ୍ତୁ ସ୍ୱପ୍ନ ବଡ଼। ଏହି ବାର୍ତ୍ତାକୁ ସାର୍ଥକ କରିବାର ପଥରେ ଆଗେଇ ଚାଲିଛନ୍ତି ମାଲକାନଗିରି ଜିଲ୍ଲାର କାଲିମେଳାର ଯୁବ ପ୍ରତିଭା ରାଜ। ଅଭିନୟ ମାଧ୍ୟମରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିବା ଏବଂ ଓଲିଉଡ୍ରେ ନିଜ ନାଁ ଲେଖାଇବାର ସ୍ୱପ୍ନ ନେଇ ତାଙ୍କ ଯାତ୍ରା ଏବେ ଧୀରେ ଧୀରେ ସଫଳତାର ଦିଗକୁ ଅଗ୍ରସର ହେଉଛି।

ରାଜଙ୍କ ଏହି ଯାତ୍ରାର ଆରମ୍ଭ ହୋଇଥିଲା ସୋସିଆଲ୍ ମିଡିଆରୁ। ଆକର୍ଷଣୀୟ ଚେହେରା, କଥା କହୁଥିବା ଆଖି ଏବଂ ଅଭିନୟରେ ସ୍ୱାଭାବିକତା ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ଦେଇଥିଲା। ଛୋଟଛୋଟ ରିଲ୍ସ ଓ ଭିଡିଓ ମାଧ୍ୟମରେ ସେ ଦର୍ଶକଙ୍କ ନଜରକୁ ଆସିଥିଲେ। ପ୍ରଥମେ ଲାଇକ୍, ପରେ ହଜାର ହଜାର ଭ୍ୟୁ ଏବଂ ଧୀରେ ଧୀରେ ଅଗଣିତ ଦର୍ଶକଙ୍କ ଭଲପାଇବା ତାଙ୍କ ଆତ୍ମବିଶ୍ୱାସକୁ ଆହୁରି ମଜଭୁତ କରିଥିଲା।

ସୋସିଆଲ୍ ମିଡିଆରେ ମିଳିଥିବା ଏହି ପରିଚୟ ତାଙ୍କୁ ଓଡ଼ିଆ ମ୍ୟୁଜିକ୍ ଭିଡିଓ ଜଗତରେ ପାଦ ରଖିବାର ସୁଯୋଗ ଦେଇଥିଲା। 'ନାଚ ନାଚ ବଜେଇ ଗିନି' ମ୍ୟୁଜିକ୍ ଭିଡିଓ ମାଧ୍ୟମରେ ରାଜ ନିଜର ଡେବ୍ୟୁ କରିଥିଲେ। ଏଥିରେ ପ୍ରତିଭାବାନ୍ କଣ୍ଠଶିଳ୍ପୀ ସୋହିନୀ ମିଶ୍ର ଓ ସ୍ୱୟଂମପାଢ଼ୀଙ୍କ କଣ୍ଠ ଥିବାବେଳେ, ରାଜଙ୍କ ସହ ରୋମାନ୍ସ କରିଥିଲେ ସିରିଏଲ୍ ଜଗତର ପରିଚିତ ନାୟିକା ନେହା ନଗେଶ୍ୱରୀ। ଗୀତଟି ମୁକ୍ତି ପରେ ଦର୍ଶକଙ୍କ ମଧ୍ୟରେ ଚର୍ଚ୍ଚା ସୃଷ୍ଟି କରିଥିଲା।

ରାଜଙ୍କ କାହାଣୀ ଆଜିର ଯୁବପିଢ଼ି ପାଇଁ ଏକ ପ୍ରେରଣା। ସ୍ୱପ୍ନ ଦେଖିବା ପାଇଁ ବଡ଼ ସହରର ଆବଶ୍ୟକତା ନାହିଁ; ଆବଶ୍ୟକ ଦୃଢ଼ ଇଚ୍ଛାଶକ୍ତି, ପରିଶ୍ରମ ଓ ନିଜ ପ୍ରତିଭା ଉପରେ ବିଶ୍ୱାସ। କାଲିମେଳାରୁ ଆରମ୍ଭ ହୋଇଥିବା ରାଜଙ୍କ ଯାତ୍ରା ଏବେ ଓଲିଉଡର ଆଲୋକ ଆଡ଼କୁ ଆଗେଇ ଚାଲିଛି। ଆଗାମୀ ଦିନରେ ସେ ଆହୁରି ବଡ଼ ପ୍ରକଳ୍ପରେ ନଜର ଆସିବେ ବୋଲି ଆଶା କରାଯାଉଛି। ତାଙ୍କ ସ୍ୱପ୍ନ ସଫଳତାର ଶିଖର ଛୁଅ— ଏହା ହିଁ ତାଙ୍କ ଶୁଭେଚ୍ଛୁ ଓ ପ୍ରଶଂସକଙ୍କ ଆଶା।

# ଜାତୀୟ ସ୍କେଟିଂ: ଓଡ଼ିଶାର ୩ଜଣଙ୍କୁ ପଦକ

**ଭୁବନେଶ୍ୱର:** କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଇନ୍‌ଲାଇନ୍ ଓପନ୍ ଜାତୀୟ ମାନ୍ୟତାପ୍ରାପ୍ତ ସ୍କେଟିଂ ପ୍ରତିଯୋଗିତାରେ ଓଡ଼ିଶାରୁ ୩ ଜଣ ଅଂଶଗ୍ରହଣ କରିଥିବା ବେଳେ ସମସ୍ତେ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ଅନ୍ତର୍ଜାତୀୟ ପଦକ ବିଜୟିନୀ ଅନାହିତା ମିଶ୍ର ସ୍ପିଡ୍ ସ୍ଲାଲୋମ୍‌ର ୧୫ରୁ ୧୮ ବର୍ଷ ବୟସ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଆସନ୍ତା ମାସରେ ପାରାଗୁଏରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ସ୍କେଟ୍ ଗେମ୍ସ ପାଇଁ ଭାରତର ପ୍ରତିନିଧିତ୍ୱ ପାଇଁ ମନୋନୀତ ହୋଇଛନ୍ତି। ଦେଶର ଏହି ଏକ ନମ୍ବର ମାନ୍ୟତାପ୍ରାପ୍ତ ସ୍କେଟର କଳିଙ୍ଗ ଷ୍ଟାଡିୟମ୍‌ରେ ମଧ୍ୟ ନିଜର ଶ୍ରେଷ୍ଠ ସମୟ ଦେଇଥିଲେ। ଅନ୍ୟ ଦୁଇ ଓଡ଼ିଶା ସ୍କେଟର ବିଭାଂଶୀ ପାଣିଗ୍ରାହୀ ଓ ମାଏରା ମୋରେ ୧୨ରୁ ୧୫ ବର୍ଷ ବୟସ ବର୍ଗର ପେୟାର ସ୍ଲାଲୋମ ଶ୍ରେଣୀରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥି ସହିତ ଜାତୀୟ ସ୍କେଟିଂ ଦୃଶ୍ୟପଟ୍ଟାରେ କ୍ରମେ ଓଡ଼ିଶାର ଉପସ୍ଥିତି ଜାହିର ହେବାରେ ଲାଗିଛି।



# ଚାଇନା ମାଷ୍ଟର୍ସ ଟାଇଟଲ ଜିତିଲେ ସାତ୍ୱିକ-ଚିରାଗ

**ଚୀନ:** ଚୀନ୍‌ର ସେଞ୍ଜେନରେ ଆୟୋଜିତ ଚାଇନା ମାଷ୍ଟର୍ସ ସୁପର-୭୫୦ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତକୁ ବଡ଼ ସଫଳତା । ଭାରତର ଅଭିଜ୍ଞ ପୁରୁଷ ଯୋଡ଼ି ସାତ୍ୱିକସାଇରାଜ ରଙ୍କିରେଡ୍ଡି ଓ ଚିରାଗ ଶେଟ୍ଟୀ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଚାଇନା ମାଷ୍ଟର୍ସ ଟାଇଟଲ ନିଜ ନାଁରେ କରିଛନ୍ତି।

ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଯୋଡ଼ିଙ୍କ ସାମ୍ନାରେ ଥିଲେ ଘରୋଇ ଦର୍ଶକଙ୍କ ସମର୍ଥନ ପାଉଥିବା ଚୀନ୍‌ର ହି ଜି ଟିଙ୍ଗ ଓ ରେନ୍ ଜିଆଙ୍ଗ ୟୁ । ମ୍ୟାଚ୍‌ର ଆରମ୍ଭରୁ ଚୀନ୍ ଯୋଡ଼ି ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ପ୍ରଥମ ଗେମ୍‌କୁ ୨୧-୧୧ରେ ଜିତିନେଇଥିଲେ । ଏହାପରେ ସାତ୍ୱିକ ଓ ଚିରାଗ ନିଜ ରଣନୀତିରେ ପରିବର୍ତ୍ତନ ଆଣି କୋର୍ଟରେ ଦମଦାର ପ୍ରଦର୍ଶନ କରିଥିଲେ ।




ଦ୍ୱିତୀୟ ଗେମ୍‌ରେ ଭାରତୀୟ ଯୋଡ଼ି ଆକ୍ରମଣ ଓ ରକ୍ଷଣର ସନ୍ତୁଳିତ ଖେଳ ଦେଖାଇ ୨୧-୧୩ରେ ବିଜୟୀ ହୋଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ନିର୍ଣ୍ଣାୟକ ତୃତୀୟ ଗେମ୍‌ରେ ମଧ୍ୟ ଚୀନ୍ ଯୋଡ଼ି ଆରମ୍ଭରେ ଅଗ୍ରଣୀ ରହିଥିଲେ । କିନ୍ତୁ ସାତ୍ୱିକ-ଚିରାଗ ଚାପକୁ ସଫଳତାର ସହ ମୁକାବିଲା କରି ୨୧-୧୭ରେ ଗେମ୍ ଜିତି ମ୍ୟାଚ୍ ଓ ଟାଇଟଲ ହାସଲ କରିଥିଲେ।

ଏହି ବିଜୟ ସହ ସାତ୍ୱିକ-ଚିରାଗ ୨୦୨୬ ମୌସୁମୀର ଦ୍ୱିତୀୟ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ ଜିତିଛନ୍ତି । ନିକଟ ଅତୀତରେ ଆହତ ସମସ୍ୟା ସତ୍ତ୍ୱେ ସେମାନେ ଶକ୍ତିଶାଳୀ ପ୍ରତ୍ୟାବର୍ତ୍ତନ କରି ନିଜ ଫର୍ମର ପ୍ରମାଣ ଦେଇଛନ୍ତି । ଆଗକୁ ଏସୀୟ କ୍ରୀଡ଼ା ଥିବା ବେଳେ ତାପୂର୍ବରୁ ଏହି ସଫଳତା ଭାରତୀୟ ଯୋଡ଼ିଙ୍କ ପାଇଁ ଆତ୍ମବିଶ୍ୱାସ ଆଣିଛି ।

# ହ୍ୟାଟ୍ରିକ୍ ବିଜୟ ସହ କ୍ୱାର୍ଟରରେ ଭାରତୀୟ ଯୁବା...

**ଚୀନ :** ଯୁବ ଦଳ ଭଳି ଭାରତୀୟ ଯୁବା ଦଳ ମଧ୍ୟ ଚଳିତ ଏସୀୟ କନିଷ୍ଠ ହକି ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରୁଛି। ମଙ୍ଗଳବାର ଭାରତୀୟ ଯୁବା ଦଳ ୭-୦ ଗୋଲ୍‌ରେ ଜାପାନକୁ ପରାସ୍ତ କରି କ୍ୱାର୍ଟରଫାଇନାଲ୍‌ରେ ସ୍ଥାନ ପକ୍କା କରି ନେଇଛି। ପୂର୍ବରୁ କୋରିଆ (୪-୧), ମାଲେସିଆ (୧୧-୧)କୁ ପରାସ୍ତ କରିଥିଲା ଭାରତ। ମଙ୍ଗଳବାର ଲୟ ବଜାୟ ରଖି ପ୍ରଥମରୁ ଶେଷ ଯାଏ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଜାପାନ ଯୁବତୀଙ୍କୁ କେ?ଣସି ପ୍ରକାର ସୁଯୋଗ ଦେଇନଥିଲା। ପଞ୍ଚମ ମିନିଟରେ କୃଷ୍ଣା ଶର୍ମାଙ୍କ ଗୋଲ୍?ରୁ ଭାରତୀୟ ଦଳ ଅଭିଯାନ ଆରମ୍ଭ କରିଥିଲା। ୧୧ତମ ମିନିଟ୍‌ରେ ସୁପ୍ରୀୟା ଏହାକୁ ୨-୦ କରି ଦେଇଥିଲେ। ପ୍ରଥମ କ୍ୱାର୍ଟର ପୂର୍ବରୁ ହିଁ ଭାରତକୁ ତୃତୀୟ ଗୋଲଟି ଦେଇଥିଲେ ପୂର୍ଣ୍ଣିମା ଯାଦବ (୧୪ତମ ମିନିଟ୍)। ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ବିତିଥିଲା। ପାର୍ଶ୍ୱ ପରିବର୍ତ୍ତନ ପରେ ଜାପାନ ଯୁବତୀମାନେ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣାଇଥିଲେ ମଧ୍ୟ ଭାରତର ରକ୍ଷଣଭାଗକୁ ଭେଦ କରିପାରିନଥିଲେ। ଗୀତା ଯାଦବ ୪୧ ଓ ୪୫ ମିନିଟ୍‌ରେ ୨ଟି ଗୋଲ୍ ଦେଇ ମ୍ୟାଚ୍‌କୁ ଏକତରଫା କରି ଦେଇଥିଲେ। ପୂର୍ଣ୍ଣିମା ଯାଦବ ୪୬ତମ ମିନିଟ୍‌ରେ ନିଜ ଦ୍ୱିତୀୟ ଗୋଲ୍ ଦେଇଥିବା ବେଳେ ୫୦ତମ ମିନିଟ୍‌ରେ ସନିକା ଚନ୍ଦ୍ରକାନ୍ତ ମାନେ ଦଳର ସ୍କୋର ଲାଇନ୍‌କୁ ୭-୦ରେ ଶେଷ କରିଥିଲେ। ଭାରତ ଏବେ ଚୀନ ବିପକ୍ଷରେ ବୁଧବାର ଶେଷ ପୁଲ୍ ମ୍ୟାଚ୍ ଖେଳିବ।



# ଦଲୀପ ଟ୍ରଫିରେ ଈଶାନଙ୍କ ରେକର୍ଡ; ପୂର୍ବାଞ୍ଚଳ ୭୦୮

**ଚେନ୍ନାଇ:** ସ୍ଥାନୀୟ ଏମ୍ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଚାଲିଥିବା ଦକ୍ଷିଣାଞ୍ଚଳ ବିପକ୍ଷ ଦଲୀପ ଟ୍ରଫି ଫାଇନାଲ୍‌ରେ ପୂର୍ବାଞ୍ଚଳ ଦ୍ୱିତୀୟ ଦିନରେ ମଧ୍ୟ ଆଧିପତ୍ୟ ଜାରି ରଖିଛି। ପୂର୍ବାଞ୍ଚଳ ନିଜ ପ୍ରଥମ ପାଳିକୁ ବିଶାଳ ୭୦୮ ରନ୍‌ରେ ଶେଷ କରିଛି। ଫଳରେ ଦଲୀପ ଟ୍ରଫି ଫାଇନାଲ୍‌ରେ ଚତୁର୍ଥ ଥର ଲାଗି ୭୦୦ରୁ ଊର୍ଦ୍ଧ୍ୱ ରନ୍ ଦେଖିବାକୁ ମିଳିଛି। ପୂର୍ବରୁ ୧୯୮୬ରେ ଦକ୍ଷିଣାଞ୍ଚଳ, ୧୯୮୭ ଓ ୧୯୯୧ ଉତ୍ତରାଞ୍ଚଳ ୭୦୦ ରନ୍ ପାର କରିଥିଲେ। ସର୍ବୋଚ୍ଚ ସ୍କୋର ରେକର୍ଡ ଦକ୍ଷିଣାଞ୍ଚଳ (୮୬୮ ରନ୍) ନାଁରେ ରହିଛି। ୧୯୮୭ ଫାଇନାଲ୍?ରେ ପଶ୍ଚିମାଞ୍ଚଳ ବିପକ୍ଷରେ ଏହି ସ୍କୋର ହୋଇଥିଲା। ଅଧିନାୟକ ଈଶାନ କିଶନ ଦ୍ୱିଶତକ (୨୭୦ ରନ୍, ୩୩୪ ବଲ୍, ୩୦ ଚୌକା, ୭ ଛକା) ଅର୍ଜନ କରି ପୂର୍ବାଞ୍ଚଳକୁ ଦୃଢ଼ ସ୍ଥିତିରେ ରଖିଛନ୍ତି। ଗତକାଲିର ସ୍କୋର ୧୧୧ରୁ ସୋମବାର ଏଥିରେ ୧୩୯ ରନ୍ ଯୋଡ଼ିବା ପରେ ଈଶାନ କ୍ଲାନ୍ତି ଅନୁଭବ କରିବାରୁ ରିଟାର୍ଡହର୍ଟ ହୋଇ ପ୍ୟାଭିଲିୟନ୍ ଫେରିଥିଲେ। ସେତେବେଳକୁ



ଦଳୀୟ ସ୍କୋର ୬୧୧/୫ ଥିଲା। ସ୍କୋର ୬୮୦/୭ ଥିଲା ବେଳେ ସେ ପୁଣି ବ୍ୟାଟିଂକୁ ଆସିଥିଲେ। ଶେଷରେ ତ୍ରିପୂରଣ ବିଜୟଙ୍କ ବଲ୍‌ରେ ଆଉଟ୍ ହୋଇ ନବମ ୱିକେଟ୍ ଭାବେ ପ୍ୟାଭିଲିୟନ୍ ଫେରିଥିଲେ। ଏହି ଓଭରରେ ମୁକେଶ କୁମାର (୦)ଙ୍କୁ ପ୍ୟାଭିଲିଅନ୍ ପଠାଇ ବିଜୟ ପୂର୍ବାଞ୍ଚଳର ପାଳିର ସମାପ୍ତ କରିଥିଲେ। ପୂର୍ବାଞ୍ଚଳ ପକ୍ଷରୁ ତୃତୀୟ ଖେଳାଳି ଭାବେ ଈଶାନ ଦ୍ୱିଶତକ ଅର୍ଜନ କରିବାର ଗୌରବ ପାଇଛନ୍ତି। ତାଙ୍କ ପୂର୍ବରୁ ଅରୁଣ ଲାଲ୍ (୧୯୮୬-୮୭) ଓ ସବା କରିମ (୧୯୯୫-୯୬) ଏହି ସଫଳତା ପାଇଥିଲେ। ଦ୍ୱିତୀୟ ଦିନରେ କୁମାର କୁଶାଗ୍ରା (୧୦୧) ଶତକ ଅର୍ଜନ କରିଥିଲା ବେଳେ ଅନୁକୂଳ ରୟ ୪୫, ମହମ୍ମଦ କୁନେ?ନ କୁରେସି ୪୦ ରନ୍ କରିଥିଲେ। ଦକ୍ଷିଣାଞ୍ଚଳ ପକ୍ଷରୁ ବିଜୟ ସର୍ବାଧିକ ୪ ୱିକେଟ୍ ନେଇଥିଲା ବେଳେ ଚମା ମିଳିନ୍ଦ ଓ ଶ୍ରେୟସ ଗୋପାଳ ୨ ଲେଖାଏଁ ୱିକେଟ୍ ନେଇଥିଲେ।

Executive Editor : M.M. RAM
Editor : MUKESH RAM
Published & Owned by MUKESH RAM, Bolck B-6, Hi-Tech Plaza, Apartment, Sundarpada, Po.: Kuha, Khordha, Odisha-751002
Printed at : CHANDAN PRINTERS, Plot No. -3, Gopabandhu Chhaka, Unit-8, Bhubaneswar, Khordha, Odisha-541003
କାର୍ଯ୍ୟନିର୍ବାହୀ ସମ୍ପାଦକ: ଏମ୍.ଏମ୍. ରାମ
ସମ୍ପାଦକ : ମୁକେଶ ରାମ